

ତୁଳସୀ ଗୌଡ଼ାଙ୍କ ବିୟୋଗରେ ଶୋକ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



'ମହାଭାରତ' ଉପରେ ଫିଲ୍ମ କରିବାକୁ ଚାହୁଁଛନ୍ତି ଅମୀର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୯ Vol. 21 No-259 18 DECEMBER 2024 WEDNESDAY BHUBANESWAR ବୁଧବାର, ୧୮ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ରାଷ୍ଟ୍ରପତିଙ୍କ ନାମରେ ନକଲି ଆକାଉଣ୍ଟ

ନୂଆଦିଲ୍ଲୀ,୧୭।୧୨: ସୋସିଆଲ ମିଡିଆରେ ଯେ କୌଣସି ବ୍ୟକ୍ତିଙ୍କ ନକଲି ପ୍ରୋଫାଇଲ ତିଆରି କରି ଲୋକଙ୍କଠାରୁ ଟଙ୍କା ଲୁଟିବା ଏକ ସାଧାରଣ ଘଟଣା ହୋଇଥିବାବେଳେ ସାଇବର ଠକ ଲୋକଙ୍କଠାରୁ ଟଙ୍କା ଲୁଟିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ନକଲି ଆକାଉଣ୍ଟ ଖୋଲିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଝାଡ଼ଖଣ୍ଡର ରାଞ୍ଚି ସହରରେ ଏଭଳି ଘଟଣା ଘଟିଛି। ଏହି ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଆଇଏଏସ୍ ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର,୧୭।୧୨(ଭାସ୍କର ନ୍ୟୁଜ): ଆନ୍ତଃ କ୍ୟାଡର ଡେପୁଟେସନରେ ଆସିଥିବା ୨୦୦୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ମନୋଜ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ତାଙ୍କୁ ଓଡ଼ିଶା ପଠାଇଥିବା ସୂଚନା ମିଳିଛି।

### ରଥ କାଠପାଇଁ ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ

ପୁରୀ,୧୭।୧୨(ଭାସ୍କର ନ୍ୟୁଜ): ଆରମ୍ଭ ହେଲା ରଥଯାତ୍ରାର ଆଦ୍ୟପର୍ବ। ଆଗାମୀ ରଥଯାତ୍ରା ପାଇଁ ଆବଶ୍ୟକ ରଥକାଠ ଆଣିବାକୁ ନୟାଗଡ଼ରେ ପହଞ୍ଚିଲା ମହାପ୍ରଭୁଙ୍କ ଆଜ୍ଞାମାଳ। ଶ୍ରୀମନ୍ଦିର ପ୍ରଶାସନର ୩ଜଣିଆ ପ୍ରତିନିଧି ଦଳ ଆଜ୍ଞାମାଳ ନେଇ ନୟାଗଡ଼ରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯିବା ସହ ଗଣିଆ ବନାଞ୍ଚଳର ବଡ଼ମୂଳସ୍ଥିତ ବନଦେବୀ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା।

ସେନ୍‌ସେକ୍ସ: ୮୦,୬୮୪.୪୫
ସର୍ବାଧିକ: ୨୮.୦ ଡିଗ୍ରୀ
ସର୍ବନିମ୍ନ: ୧୭.୨ ଡିଗ୍ରୀ

## ଲୋକସଭାରେ ଏକ ଦେଶ-ଏକ ନିର୍ବାଚନ ବିଲ୍ ଆଗତ

# ଜେପିସିକୁ ପଠାଗଲା



- ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ, ତୀବ୍ର ବିରୋଧ
- ସମ୍ବିଧାନ ସଂଶୋଧନ ପାଇଁ ଦୁଇ ତୃତୀୟାଂଶ ସମର୍ଥନ ଜରୁରି
- ବିଲ୍ ସପକ୍ଷରେ ୨୬୯ ଓ ବିପକ୍ଷରେ ୧୯୮ ଭୋଟ

ନୂଆଦିଲ୍ଲୀ,୧୭।୧୨: ବହୁ ବିତର୍କିତ ତଥା ବିବାଦୀୟ ଗୋଟିଏ ଦେଶ-ଗୋଟିଏ ନିର୍ବାଚନ ବିଲ୍ ମଙ୍ଗଳବାର ଲୋକସଭାରେ ଆଗତ କରାଯାଇଛି। ବିରୋଧୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଲୋକସଭାରେ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏହି ବିଲ୍ ଆଗତ କରିଛନ୍ତି। କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମ୍‌ସି, ଡିଏମକେ, ଏଆଇଏମ୍‌ଆଇଏମ୍ ସମେତ ଅନ୍ୟ ଦଳମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ଏହା ଭାରତର ସାମ୍ବିଧାନିକ ଢାଞ୍ଚା ବିରୋଧୀ ବିଲ୍ ବୋଲି ବିରୋଧୀ ମତ ରଖିଛନ୍ତି। ତେବେ ବିଜେପିର ସହଯୋଗୀ ଟିଡିପି, ଜେଡି(ୟୁ) ଏବଂ ଏକନାଥ ସିନ୍ଦେଙ୍କ ଶିବସେନା ଏହି ବିଲ୍‌କୁ ସମର୍ଥନ କରିଛନ୍ତି। ବିଲ୍‌କୁ ଗୃହରେ ଉପସ୍ଥାପନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଲ୍ ସପକ୍ଷରେ ୨୬୯ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୧୯୮ଖଣ୍ଡ ଭୋଟ୍ ପଡ଼ିଥିଲା। ଏହି ବିଲ୍‌କୁ ବାସ୍ତବ ରୂପ ଦେବାପାଇଁ ସମ୍ବିଧାନରେ ସଂଶୋଧନର ଆବଶ୍ୟକତା ରହିଛି। ଲୋକସଭାରେ ଯଦିଓ ଏନଡିଏର ସଂଖ୍ୟାଗରିଷ୍ଠତା ରହିଛି, ତେବେ ସମ୍ବିଧାନ ସଂଶୋଧନ ପାଇଁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଜରୁରି। ତେବେ ଶାସକ ମେଣ୍ଟ ଏହି ସଂଖ୍ୟା ହାସଲ କରିପାରିବ କି ନାହିଁ ସେ ନେଇ ଏବେ ସମସ୍ତଙ୍କ ମନରେ ସଂଶୟ ସୃଷ୍ଟି ହୋଇଛି। ଏହି ବିଲ୍‌ରେ ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ପରିବର୍ତ୍ତନ ଓ ଏଗୁଡ଼ିକୁ ଭଙ୍ଗ କରିବାର ପ୍ରସ୍ତାବ ରହିଛି। ସେହିପରି ଲୋକସଭାର କାର୍ଯ୍ୟକାଳ ସହ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ସଂଯୁକ୍ତ କରିବାର ପ୍ରାବଧାନ ମଧ୍ୟ ରଖାଯାଇଛି। ଏହାବ୍ୟତୀତ ଦିଲ୍ଲୀ, ଜାମ୍ମୁକାଶ୍ମୀର ଓ ପୁଡୁଚେରୀ ଭଳି କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାର ମଧ୍ୟ ସମାନ ପରିବର୍ତ୍ତନ ଆଣିବାର ବ୍ୟବସ୍ଥା ବିଲ୍‌ରେ କରାଯାଇଛି। ଡିଭିଜନ ଭୋଟ୍ ପରେ କଂଗ୍ରେସ ପକ୍ଷରୁ ମଣିକମ୍ ଟାଗୋର ଓ ଶଶି ଥରୁର ବିଲ୍ ବିରୋଧରେ ମତ ରଖି ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇବା ପାଇଁ ସରକାରଙ୍କ ନିକଟରେ ଦୁଇ ତୃତୀୟାଂଶ ସମର୍ଥନ ନଥିବା କହିଛନ୍ତି। ମଙ୍ଗଳବାର ଲୋକସଭାରେ ମୋଟ ୪୬୧ଜଣ ସଦସ୍ୟ ଉପସ୍ଥିତ ରହିଥିଲେ। ଏହାର ଦୁଇ ତୃତୀୟାଂଶ ଅର୍ଥାତ ୩୦୭ ଖଣ୍ଡ ଭୋଟ ଦରକାର। ହେଲେ ସରକାର ମାତ୍ର ୨୬୯ ଖଣ୍ଡ ଭୋଟ ପାଇଥିବାବେଳେ ବିରୋଧୀଙ୍କ ଖାତାକୁ ଯାଇ ୧୯୮ଖଣ୍ଡ ଭୋଟ୍। ଆଗତ ପରେ ବିଲ୍‌ଟିକୁ ଜଏଣ୍ଟ ପାର୍ଲାମେଣ୍ଟ କମିଟିକୁ ପଠାଇ ଦିଆଯାଇଛି। ଲୋକସଭାରେ କୌଣସି ବିଲ୍ ଉପସ୍ଥାପନ କରିବା ପାଇଁ ସରକାରଙ୍କ ପାଖରେ ସଂଖ୍ୟା ଗରିଷ୍ଠତା ରହିଛି। ହେଲେ ସମ୍ବିଧାନ ସଂଶୋଧନ ପାଇଁ ଆସିଥିବା ବିଧେୟକକୁ ପାସ୍ କରିବା ନିମନ୍ତେ ଉପସ୍ଥିତ ଏବଂ ଭୋଟିଂ କରୁଥିବା ମୋଟ ସଦସ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନ ଜରୁରି । ଯଦି ମଙ୍ଗଳବାରର ଡିଭିଜନ ଭୋଟ୍‌କୁ ବିଚାରକୁ ନିଆଯାଏ ତାହାହେଲେ ସମ୍ବିଧାନ ସଂଶୋଧନ ପାଇଁ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ସେଥିରେ ଫେଲ ମାରିବାର ସମ୍ଭାବନା ରହିଛି। ବିଜେପି ଏବଂ ଏହାର ସମସ୍ତ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସୂଚନା

# ଏନ୍‌ଟିଏ କେବଳ ପ୍ରବେଶିକା ପରୀକ୍ଷା ଉପରେ ଗୁରୁତ୍ୱ ଦେବ



ନୂଆଦିଲ୍ଲୀ,୧୭।୧୨: ୨୦୨୫ରୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) କେବଳ ପ୍ରବେଶିକା ପରୀକ୍ଷା ଆୟୋଜନ କରିବ। କୌଣସି ନିଯୁକ୍ତି ଲାଗି ପରୀକ୍ଷା ଆୟୋଜନ କରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏନଟିଏ କେବଳ ଉଚ୍ଚଶିକ୍ଷା ପାଇଁ ପ୍ରବେଶିକା ପରୀକ୍ଷା ଆୟୋଜନ ଉପରେ ଧ୍ୟାନ ଦେବ। ନିକଟ ଅତୀତରେ ଏନଟିଏ ଦ୍ୱାରା ଆୟୋଜିତ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ପେପର ଲିକ୍‌କୁ ନେଇ ଦେଶରେ ଜୋରଦାର ପ୍ରତିବାଦ ହୋଇଥିଲା। ପରେ ପରେ ଅନ୍ୟ ପ୍ରବେଶିକା ପରୀକ୍ଷାକୁ ମଧ୍ୟ ରଦ୍ଦ କରାଯାଇଥିଲା। ତେବେ ଏଭଳି ଅନିୟମିତତାର ସମୀକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ପରୀକ୍ଷା ସୁଧାର କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିସ ଆଧାରରେ ଏଭଳି ପଦକ୍ଷେପ ନିଆଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି। ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏନଟିଏରେ ସୁଧାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। କମିଟି ନିଜର ରିପୋର୍ଟ ପ୍ରଦାନ କରିସାରିଛି। ଏହି ରିପୋର୍ଟ ସୁପ୍ରିମକୋର୍ଟଙ୍କ ନିକଟରେ ଉପସ୍ଥାପନ ହୋଇଛି। ମଙ୍ଗଳବାର ଏହାକୁ ମଧ୍ୟ ସାର୍ବଜନୀନ କରାଯାଇଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ସଂଯୁକ୍ତ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା ଆୟୋଜନ ବର୍ଷକରେ ଥରେ କରାଯିବ। ଏହାସହ ସରକାର ଭବିଷ୍ୟତରେ ଟେକ୍ନୋଲୋଜିକୁ ବ୍ୟବହାର କରି କମ୍ପ୍ୟୁଟର ଆଧାରିତ ପ୍ରବେଶିକା ପରୀକ୍ଷା ଆୟୋଜନ ଉପରେ ବିଚାର କରୁଛନ୍ତି। ମେଡ଼ିକାଲ ପ୍ରବେଶିକା ପରୀକ୍ଷା ଅନଲାଇନ ମୋଡରେ କରାଇବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ଆଲୋଚନା ଚାଲିଛି। ଏହାବ୍ୟତୀତ ୨୦୨୫ରେ ଏନଟିଏର ପୁନର୍ଗଠନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିରେ ଅତି କମ୍‌ରେ ୧୦ଟି ନୂଆ ପଦବୀ ସୃଷ୍ଟି କରାଯିବ। ପରୀକ୍ଷାରେ ଯେପରି କୌଣସି ତ୍ରୁଟି ନ ରହେ ତାହା ସୁନିଶ୍ଚିତ କରିବା ପାଇଁ ଏନଟିଏ କାର୍ଯ୍ୟଶୈଳୀରେ ଅନେକ ପରିବର୍ତ୍ତନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ ମେଡ଼ିକାଲ ପରୀକ୍ଷାରେ ପେପର ଲିକ୍ ନେଇ ସାରା ଦେଶରେ ପ୍ରବଳ ତୁମ୍ବିତୋଫାନ ହୋଇଥିଲା। ବିରୋଧୀ ଏହି ପ୍ରସଙ୍ଗକୁ କେନ୍ଦ୍ର କରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଏପରିକି ସରକାର ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ମଧ୍ୟ ବାଢ଼ିଥିଲେ। ଏହାପରେ ସମସ୍ତ ପରୀକ୍ଷାକୁ ବାତିଲ କରି ଦିଆଯାଇଥିଲା। ମାମଲା ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଥିଲା।

## ୧୦ଲକ୍ଷ ଟଙ୍କା ଲାଞ୍ଚ ନେଣଦେଣ ମାମଲା

# ଆଜି ବିଷ୍ଣୁପଦଙ୍କୁ ହାଜର ନିର୍ଦ୍ଦେଶ

**ବୁଧବାର ଅପରାହ୍ନ ୧୨ଟା ୩୦ରେ ହାଜର ନୋଟିସ୍**

**ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଏମ୍‌ଙ୍କୁ ଜେରା**



ଭୁବନେଶ୍ୱର,୧୭।୧୨(ଭାସ୍କର ନ୍ୟୁଜ): ଗତ କିଛିଦିନ ତଳେ ଭୁବନେଶ୍ୱରର ଏକ ତାରକା ହୋଟେଲ ସମ୍ମୁଖରୁ ସିବିଆଇ ୧୦ଲକ୍ଷ ଟଙ୍କା ଜବତ କରିବା ଘଟଣା ଦିନକୁ ଦିନ ନୂଆରୂପ ନେବାରେ ଲାଗିଛି। ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଜିଜିଏମ୍‌ଙ୍କ ସହ ଟଙ୍କା କାରବାର ମାମଲାରେ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ହାଜର ପାଇଁ ସମନ ଜାରି କରିଛି। ତେବେ ସେ ଭୁବନେଶ୍ୱରରେ କିମ୍ବା ଦିଲ୍ଲୀରେ ହାଜର ହେବେ ସେ ନେଇ କିଛି ସୂଚନା ମିଳିପାରି ନାହିଁ । ବୁଧବାର ସୁଦ୍ଧା ଭୁବନେଶ୍ୱର ସିବିଆଇ ଅଫିସରେ ହାଜର ହେବାପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଦିଲ୍ଲୀ ଅଫିସରେ ହାଜର ପାଇଁ ସିବିଆଇକୁ ବିଷ୍ଣୁପଦ ଚିଠି ଲେଖିଥିଲେ। ଦିଲ୍ଲୀରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ସହ ସମସ୍ତ ତଥ୍ୟ ରଖିବେ ବୋଲି ବିଷ୍ଣୁପଦ ଚିଠିରେ ଉଲ୍ଲେଖ କରିବା ସହ ଭୁବନେଶ୍ୱରରେ ହାଜର ନ ହେବାପାଇଁ ଉଲ୍ଲେଖ କରିଥିଲେ। କିନ୍ତୁ ତାଙ୍କୁ ଭୁବନେଶ୍ୱର ଅଫିସରେ ହାଜର ହେବା ପାଇଁ କୁହାଯାଇଥିବା ସୂଚନା ମିଳିଛି। ଗତ ୧୦ ତାରିଖରେ • ପୃଷ୍ଠା ୫ ଦେଖନ୍ତୁ

### ୩ ବିଭାଗର ପ୍ରମୁଖ ସଚିବ ପଦରୁ ବିଷ୍ଣୁପଦ ବିଦା

ଭୁବନେଶ୍ୱର,୧୭।୧୨(ଭାସ୍କର ନ୍ୟୁଜ): ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ପଦରୁ ହଟାଇ ଦିଆଯାଇଛି। ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୀବ କୁମାର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀ ମିଶ୍ରଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ସେ ଅତିରିକ୍ତ ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବେ।

## ସାନ୍ତାଳୀ ଲେଖକ ସଂଘର ବାର୍ଷିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ସାନ୍ତାଳୀ ଭାଷାରେ ଶିକ୍ଷା ପାଇଁ ଚାଲିଛି ଯୋଜନା

**ଅଲଚିକି ଲିପିରେ ଶିକ୍ଷାକୁ ପ୍ରାଧାନ୍ୟ ପାଇଁ ପରାମର୍ଶ**

**କେଜିରୁ ପିଜି ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ପାଇଁ ଯୋଜନା**

**ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସ୍ମରଣ ସହ ଶ୍ରଦ୍ଧାଞ୍ଜଳି**



ଭୁବନେଶ୍ୱର/କେନ୍ଦୁଝର, ୧୭।୧୨ (ଭାସ୍କର ନ୍ୟୁଜ): କେଜିରୁ ପିଜି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ଚିନ୍ତା କରୁଛନ୍ତି। ଆଜି କେଉଁଝରର ଅଶୋକ ବାଟିକା ଠାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡିଶା ଶାଖାର ସପ୍ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୨୫ ମସିହାରେ ଅଲ୍‌ଚିକି ଲିପିର ସୃଷ୍ଟି ହୋଇଥିଲା। ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଏହି ଅବସରରେ ସ୍ମରଣ କରିବା ସଙ୍ଗେସଙ୍ଗେ ୨୦୨୫ରେ ଏହି ଲିପି ସୃଷ୍ଟି ହେବାର ଶତବାର୍ଷିକୀକୁ ଏକ ମିଶନ ଭାବରେ ନେଇ 'ମିଶନ ଅଲଚିକି-୨୦୨୫' କୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୫ ସୁଦ୍ଧା ଯଦି ସମସ୍ତେ ଅଲ୍‌ଚିକି ଲିପି ତଥା ସାନ୍ତାଳୀ ଭାଷାରେ ଶିକ୍ଷା ଗ୍ରହଣ କରିପାରିଲେ ତେବେ, ପଣ୍ଡିତ ମୁର୍ମୁଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସେ କହିଥିଲେ। ଏହି କ୍ରମରେ ଓଡିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପ୍ରଚଳନ ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋଟେ ଜାତିର ଉନ୍ନତି ତଥା ପରିଚୟ ପାଇଁ ମାତୃଭାଷା ହିଁ ସର୍ବଶ୍ରେଷ୍ଠ ଅଟେ। ସାନ୍ତାଳୀ ଭାଷା • ପୃଷ୍ଠା ୫ ଦେଖନ୍ତୁ

## ୧୭।୧୨।୨୦୨୪ର ମତାମତ

ମାଓବାଦ ସଂପୂର୍ଣ୍ଣ ଲୋପ ପାଇଁ ସରକାର ନେଇଥିବା ପଦକ୍ଷେପ ସଫଳ ହେବ କି?




### ଆଜିର ପ୍ରସଙ୍ଗ

ଏକକ ନିର୍ବାଚନ ଦେଶର ଆର୍ଥିକ ସଂକଟକୁ ଦୂର କରିବାରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବିଜେଡିରୁ କାଲେ ଆଉ କେହି କେହି
ବିଜେପି ଦିଗରେ ବଳାନ୍ତି ମନ,
ଏହିକଥା ଚର୍ଚ୍ଚା ହେଉଅଛି ବୋଲି
ବିଜୁ ଜନତାରେ ତୀବ୍ର ମନ୍ଥନ ।
ସୁଲତା ଅପାଙ୍କ ବଡ ବୟାନ,
ଏମ୍ପିମାନେ ହେଲେ ସପ୍ତର୍ଷି ମଣ୍ଡଳ
ଧ୍ରୁବତାରା ହେଲେ ବାବୁ ନବୀନ ।

## ଏଗ୍ରିମେଣ୍ଟ କରୁନଥିବା ମିଲରଙ୍କୁ ଚେତାବନୀ

# 'ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ'



ନବରଙ୍ଗପୁର,୧୭।୧୨(ଭାସ୍କର ନ୍ୟୁଜ): ମିଲରଙ୍କୁ ଚେତାବନୀ ଦେଲେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ଧାନ କ୍ରୟ ପାଇଁ ଜିଲ୍ଲା ଯୋଗାଣ ବିଭାଗ ସହ ଏଗ୍ରିମେଣ୍ଟ କରୁନଥିବା ମିଲରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ମଙ୍ଗଳବାର ଦିନିକିଆ ନବରଙ୍ଗପୁର ଗସ୍ତରେ ଯାଇ ସ୍ଥାନୀୟ ମିଶନଶକ୍ତି ସମ୍ମିନୀ କକ୍ଷରେ ରାଜସ୍ୱ ବିଭାଗ ଓ ଧାନକିଣା ପ୍ରକ୍ରିୟା ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବହୁ ମିଲର ଯୋଗାଣ ବିଭାଗ ସହ ଏଗ୍ରିମେଣ୍ଟ କରୁନଥିବାରୁ ମନ୍ତ୍ରୀ ଶ୍ରୀ ପୂଜାରୀ ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ, ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଉଁମାନେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚେଷ୍ଟା କରିବେ, ସେମାନେ କଳ୍ପନା କରିପାରିବେ ନାହିଁ ଯେ ସରକାର କି ପ୍ରକାର ଦଣ୍ଡ ଦେବେ। ଏ ସରକାର ହେଉଛି ଗରିବ ଓ ଚାଷୀଙ୍କ ସରକାର। ମନ୍ତ୍ରୀ ଶ୍ରୀ ପୂଜାରୀ ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଶ୍ରୀ ପୂଜାରୀ ମା'ଭଣ୍ଡାରଘରଣୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସମୀକ୍ଷା ବୈଠକରେ ଯୋଗ ଦେଇ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ। ତାଙ୍କ ସହ ନବରଙ୍ଗପୁର ଜିଲ୍ଲାପାଳଙ୍କ ସମେତ ଅନ୍ୟ ପଦାଧିକାରୀ ଯୋଗ ଦେଇଥିଲେ।

## ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ

# ଦିବା ପହୁଡ଼ ନୀତି ପାଇଁ ଆଜି କାମ ବନ୍ଦ





ପୁରୀ,୧୭।୧୨ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ପ୍ରକ୍ରିୟା । ଏଏସଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଭିଜ୍ଞ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ ମରାମତି କାର୍ଯ୍ୟ କରାଯାଇଛି । ପ୍ରଥମେ ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ କରାଯିବା ପରେ ବାହାର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ କରାଯିବ। ଏଥିପାଇଁ ଲୁହା ପାଇପରେ ଭାରା ବନ୍ଧା ଯାଇ ବ୍ୟବସ୍ଥିତ କରାଯିବା ପରେ ରତ୍ନଭଣ୍ଡାର କାନ୍ଥରୁ ପ୍ଲାଷ୍ଟର ଛଡାଯାଇ ମରାମତି କାର୍ଯ୍ୟ କରାଯିବ। ପ୍ରତ୍ୟେକ ଦିନ ଠାକୁରଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ଦିନ ୧୨ଟା ୩୦ ରୁ ସନ୍ଧ୍ୟା ୬ଟା ଯାଏଁ କାର୍ଯ୍ୟ କରାଯିବ । ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ଏଏସଆଇ ଅଧିକ୍ଷକ ଏବଂ ପୁରୀ ଜିଲ୍ଲାପାଳ ।ଏଏସଆଇ ଅଧିକ୍ଷକ ଡି ବି ଗଡ଼ନାୟକ କହିଛନ୍ତି ପ୍ରଥମେ ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ କରାଯିବ। ଏଥିପାଇଁ ପ୍ରଥମେ ଲୁହା ପାଇପ ଦ୍ୱାରା ଭାରା ବନ୍ଧା ଯିବା କାର୍ଯ୍ୟ ଏଏସଆଇ ପକ୍ଷରୁ ଆରମ୍ଭ ହୋଇଛି । ଭାରା ବନ୍ଧା କାର୍ଯ୍ୟ ଶେଷ ହେବା ପରେ • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ୫ ଦିନ ଯାଏ ବିଜୁଳି, ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୭।୧୨(ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ରହିଛି। ଏଥିସହ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ବାୟୁର ଦିଶା ମଧ୍ୟ ପରିବର୍ତ୍ତନ ହେଉଛି। ତେଣୁ ରାଜ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ୫ ଦିନ ଯାଏ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗଜପତି ଓ ଗଞ୍ଜାମରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ଗଞ୍ଜାମ, ଗଜପତି ସହ କୋରାପୁଟ, ରାୟଗଡ଼ା ଓ ମାଲକାନଗିରିରେ ବର୍ଷା ହେବାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି। ୧୯ରୁ ୨୧ ଯାଏ ଉପକୂଳ ଓଡ଼ିଶାରେ ବର୍ଷା ଲାଗି ରହିବ ବୋଲି ବିଭାଗ ମଧ୍ୟ ସୂଚନା ଦେଇଛି। ସେହିପରି ୧୯ ତାରିଖଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ। ବର୍ଷା ସମୟରେ ବିଜୁଳି ଓ ଘଡ଼ଘଡ଼ି ଲାଗି ରହିବ। ତେଣୁ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷାପାଇଁ ଚାଷୀଙ୍କୁ ସତର୍କ କରାଇ ଦିଆଯାଇଥିବାବେଳେ ଅମଳ କରିଥିବା ଧାନକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ବର୍ଷା ଯୋଗୁ ରାତିର ପାରଦ ବୃଦ୍ଧି ପାଇବ। ରାତିର ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ ଶୀତର ପ୍ରକୋପ ମଧ୍ୟ ଲାଗି ରହିବ। ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସ୍ଥାନରେ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୫.୭ • ପୃଷ୍ଠା ୫ ଦେଖନ୍ତୁ



ଫୁଲନଖରା(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତ କଲ୍ୟାଣ ମଣ୍ଡପ ସଭାଗୃହରେ କଟକ ଜିଲ୍ଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହାକ ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇ ସୂଚନା ଅଧିକାର ଆଇନ କିଭଳି ସାଧାରଣ ଲୋକଙ୍କ ଅଧିକାର ଓ କ୍ଷମତାକୁ ଅଧିକ ଶାଣିତ କରି ସଂଶକ୍ତ କରୁଛି ସେ ବିଷୟରେ ବକ୍ତବ୍ୟ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଉପଦେଷ୍ଟା ଆଇନଜୀବୀ ସୁଧିର ମହାନ୍ତି,ବରିଷ୍ଠ ସଦସ୍ୟ ସଂଯୁକ୍ତା ପାଣିଗ୍ରାହୀ,ପୂର୍ବତନ ପ୍ରଶାସନିକ ଅଧିକାରୀ ଆଜାଦହିନ୍ଦ ପାଣିଗ୍ରାହୀ,ଯୁଗ୍ମ ଆବାହାକ ଶ୍ରୀକାନ୍ତ ପାକଳ ଯୋଗ ଦେଇ ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକରୁ ଆସିଥିବା ଶହେ ଜଣ ସୂଚନା ଅଧିକାର କର୍ମୀ ଓ ସାଧାରଣ ଜନତାଙ୍କୁ ସୂଚନା ଆଇନ ଅଧିକାର ମାଧ୍ୟମରେ ଲୋକ ଲୋଚନକୁ ଆଣିବା ସହ ପ୍ରଶାସନକୁ ଜଣାଇବା ପାଇଁ ଅତିଥିମାନେ ମତପୋଷଣ କରିଥିଲେ । ସୂଚନା ଅଧିକାର କର୍ମୀ ବସନ୍ତ ଜେନା,ପ୍ରକାଶ ଦାସ,ପ୍ରତାପ ମହାନ୍ତି,ହୃଦାନନ୍ଦ କୋଦମା ସିଂ,ନବକିଶୋର ଦାସ,ସଂଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଗୁରୁପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡଃ. ବିଜୟ ଚନ୍ଦ୍ର ମହାରଣା ପାଇଲେ ନିର୍ଝରିଣୀ ଶିଶୁ ସାହିତ୍ୟ ସମ୍ମାନ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ବରିଷ୍ଠ ଶିକ୍ଷବିତ୍ ଡଃ. ବିଜୟ ଚନ୍ଦ୍ର ମହାରଣାଙ୍କୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସ୍ଥିତ 'ନିର୍ଝରିଣୀ ସାହିତ୍ୟ କଳା ପରିଷଦ'ର ତ୍ରୟୋଦଶ ବାର୍ଷିକୋତ୍ସବ ପାଳନ ଅବସରରେ ସମ୍ମାନାସ୍ପଦ ଲକ୍ଷ୍ମୀ ପ୍ରସାଦ ଗଡ଼ତ୍ୟା ସ୍ମୃତି ଶିଶୁ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ରାମ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଖ୍ୟାତନାମା ହିନ୍ଦୀ ସାହିତ୍ୟିକ କିଶାନ ଦିବାନ, କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କୃତ ଶିଶୁ ସାହିତ୍ୟିକ ଡଃ. ଯୁଗଳ କିଶୋର ଷଡ଼ଙ୍ଗୀ, ବିଶିଷ୍ଟ ଅଭିନେତା ସଂଗୀତଜ୍ଞ କପିଳେଶ୍ୱର ଖମାରି, ମୃତ୍ୟୁଞ୍ଜୟ ତ୍ରିପାଠୀ, ଈଶ୍ୱର ଖମାରି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସାଂସ୍କୃତିକ ଅଭିବୃଦ୍ଧି କ୍ଷେତ୍ରରେ ଅନୁଷ୍ଠାନର କୃତି ବିଶେଷ ପ୍ରଶଂସାର୍ହ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ସ୍ୱାଗତ ଭାଷଣ, ଅତିଥି ପରିଚୟ, ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବ ପରିସମାପ୍ତିରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡଃ. ମହାରଣା ତାଙ୍କର ପଞ୍ଚତ୍ରିଂଶାଧିକ ଶିଶୁ ସାହିତ୍ୟ ପୁସ୍ତକ ରଚନା ମାଧ୍ୟମରେ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିବାରେ ସକ୍ଷମ ହୋଇପାରିଛନ୍ତି। ବିଶେଷ କରି ଶିଶୁ ନାଟକ ଓ ଗଳ୍ପ ରଚନାରେ ସେ ସିଦ୍ଧହସ୍ତ। ଏତଦଭିନ୍ନ ସେ ଜଣେ ପ୍ରତିଭାଦୀପ୍ତ ଅଭିନେତା, ସାଂସ୍କୃତିକ ସଂଗଠକ ଓ ସୁସମ୍ପାଦକ। ଅଭିନ୍ନ ଉତ୍କଳିକା ସାହିତ୍ୟ ପତ୍ରିକା ଭିତରେ ତାହାଙ୍କ ପ୍ରଜ୍ଞାଦୀପ୍ତ ସମ୍ପାଦନା ସହ ପାଠକେ ପରିଚିତ। ତାଙ୍କର ଏ ସମ୍ବର୍ଦ୍ଧନା ପ୍ରାପ୍ତି ନିମନ୍ତେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ, ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ, ଜାତୀୟ ସଂଗୀତ କଳାକେନ୍ଦ୍ର, ଗଞ୍ଜାମ ଜିଲ୍ଲା ଲେଖକ ସମ୍ମୁଖ୍ୟ, ମଞ୍ଚଜ୍ୟୋତି, ଶିଳାପଦ୍ମ ଆଦି ବହୁ ସାଂସ୍କୃତିକ ତଥା ସାରସ୍ୱତ ପ୍ରତିଷ୍ଠାନ ସହ ବହୁ ବିଶିଷ୍ଟ ସାରସ୍ୱତ ସାଧକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କ୍ରୀଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ



ବରଗଡ(ଭାସ୍କର ନ୍ୟୁଜ): କ୍ରୀଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ରେ ଆଜି ପ ଞ୍ଚଦିନିଆ ଶିକ୍ଷକ ତାଲିମ ଶିବିର ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୂଳତଃ ଦୁଇଟି ଅଧିବେଶନରେ ଆୟୋଜନ କରାଯାଇଥିଲା। ପ୍ରଥମ ଅଧିବେଶନରେ କ୍ରୀଷ୍ଟା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ସମରେନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଆଇ. ଏ.ଏସ୍, ଚେୟାରମେନ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ସାମ୍ପ୍ରତିକ ସମୟରେ ଶିକ୍ଷା ଏବଂ ଶିକ୍ଷକଙ୍କ ଗୁରୁତ୍ୱ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷକବୃନ୍ଦ ଶିକ୍ଷାକୁ ଜୀବନର ଏକ ବ୍ରତ ଭାବରେ ଗ୍ରହଣ କରିବା ଉଚିତ୍। ତ୍ୟାଗ, ତିତିକ୍ଷା ଏବଂ ହୃଦୟଗ୍ରାହିତା ଦ୍ୱାରା ହିଁ ଆମେ ଶିକ୍ଷାର ମୂଲ୍ୟବୋଧକୁ ଉପଲବ୍ଧି କରିବା ସହିତ ତା'ର ଗୁଣାତ୍ମକ ମୂଲ୍ୟକୁ ବୃଦ୍ଧି କରିବାରେ ସହାୟକ ହେବ । ଉକ୍ତ ସଭାରେ ମୁଖ୍ୟବକ୍ତା ଭାବରେ ମହେନ୍ଦ୍ର ପ୍ରସାଦ ବେହେରା, ଉପସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ସମ୍ବଲପୁର ଯୋଗଦାନ କରି ଶିକ୍ଷକମାନଙ୍କୁ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ ସହିତ କିପରି ତାଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିଭିନ୍ନ ଶିକ୍ଷକ ତାଲିମ ଶିବିର ଉପରେ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଶିବପ୍ରସାଦ ବେହେରା ଯୋଗଦେଇ ସମାଜରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ କ୍ରୀଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। ସଭାରେ କ୍ରୀଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ଏସ୍. କାନ୍ତା ରାଓ ସଭାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସାହାଯ୍ୟ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତି ସଭାକୁ ସଫଳ କରିଥିଲା । ଏହି ଅଧିବେଶନରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବିଷୟ ବିଶେଷଜ୍ଞଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସୁଚାରୁ ରୂପେ ଆଗେଇ ଚାଲିଥିଲା। ପ୍ରଫେସର ଦୁର୍ଲ୍ଲଭ କୁମାର ସା, ବିଭାଗ ମୁଖ୍ୟ, ଇତିହାସ ବିଭାଗ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ , ସମ୍ବଲପୁର, ଏନ୍ସିଏଣ୍ଟ ଗ୍ରୀସ୍, ଡକ୍ଟର ଅତୁଲ୍ କୁମାର ପ୍ରଧାନ, ବିଭାଗ ମୁଖ୍ୟ, ଇତିହାସ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଶାନ୍ ଟେମ୍ପଲ୍ ଅର୍କିଟେକ୍ଚର୍ ଉପରେ ଆଲୋକପାତ କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଡକ୍ଟର ସତ୍ୟନାରାୟଣ ନନ୍ଦ, ଆସିଷ୍ଟାଣ୍ଟ ପ୍ରଫେସର,ଇତିହାସ ବିଭାଗ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ବରଗଡ, ପ୍ରଥମ ବର୍ଷର ଇତିହାସ ବିଷୟବସ୍ତୁ ଉପରେ ଏବଂ ଡକ୍ଟର ତ୍ରିଲୋଚନ ଜେନା, ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା, ହିଷ୍ଟ୍ରି: ମିନିଂ ଏଣ୍ଡ ରିଲିଭାନସ, ହିଷ୍ଟ୍ରି ଅଫ ହ୍ୟୁମାନ ଏଭୋଲ୍ୟୁସନ୍ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୪୦ଟି ମହାବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ଶ୍ରୀଯୁକ୍ତ ମନୋରଞ୍ଜନ ବେହେରା, ଶ୍ରୀ ଦେବାଶିଷ ଦାସ ଏବଂ ଶ୍ରୀଯୁକ୍ତ ପ୍ରଶାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ।

# ବାଲି ମାଫିଆଙ୍କ କବ୍‌ଜାରେ ଜଙ୍ଗଲ ଜାଗା



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଡାଇକ୍-୩ ଛକ ଠାରୁ ନାକାମାମୁଡ଼ି ଯିବା ରାସ୍ତାର ଉଭୟ ପାର୍ଶ୍ୱ ବାଲିମେଳା ବନଖଣ୍ଡ ଅଧିନରେ ହୋଇଥିବା ବେଳେ କିଛି ଅଞ୍ଚଳ ରେଭେନ୍ୟୁ ଫରେଷ୍ଟ ଅଟେ। ବନବିଭାଗର ଏହି ଅଞ୍ଚଳକୁ ସ୍ଥାନୀୟ କିଛି ବାଲିମାଫିଆ ନିଜ ଦଖଲରେ ରଖିବା ସହ ବାଲି ଷ୍ଟକ୍‌ୟାର୍ଡ୍ କରିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଉକ୍ତ ଜାଗାରେ ବାଲି ଆସି ଗଦା ହେବା ଓ ସେଠାରୁ ସ୍ଥାନୀୟ ଅଞ୍ଚଳରେ ବିକ୍ରି ହେଉଥିବା ନଜିର ରହିଛି। ଏନେଇ ବନାଞ୍ଚଳ ଅଧିକାରିଣୀ ଲିଶ୍ମିତା କହଁରଙ୍କୁ ପଚାରିବାରୁ ସେ ଉକ୍ତ ଘଟଣା କୁ ସ୍ୱୀକାର କରିଛନ୍ତି । ଉକ୍ତ ବାଲି ମାଫିଆ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଉକ୍ତ ବ୍ୟକ୍ତିଙ୍କୁ ସେଠାରୁ ବାଲି ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଅନୁରୋଧ କରିଥିବା କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅନୁରୋଧ କାହିଁକି !ସବୁ ଜାଣି ଚୁପ୍ ଥିଲେ କି ବିଭାଗୀୟ କର୍ତୃପକ୍ଷ, ଅଭିଯୋଗ ପରେ ତତ୍ପରତା ଦେଖାଉଛନ୍ତି କି ବିଭାଗୀୟ ଅଧିକାରୀ।

# ଡ଼ ଅରୁଣ ପାଣିଙ୍କୁ ଗନ୍ଧର୍ବ ସମ୍ମାନ



ଏରସମା(ଭାସ୍କର ନ୍ୟୁଜ): ସୁଶ୍ରୀ ଶୁଭଶ୍ରୀର ସପ୍ତଦଶତମ ବାର୍ଷିକ ଉତ୍ସବରେ ଜ୍ୟୋତିର୍ବିଦ ତଥା ସମାଜ ସୁଧାରକ ଡ଼ ଅରୁଣ କୁମାର ପାଣିଙ୍କୁ 'ସୁଶ୍ରୀ ଗନ୍ଧର୍ବ ସମ୍ମାନ' ରେ ସମ୍ମାନିତ କରାଯାଇଛି। ଡ଼ ପାଣିଙ୍କୁ ସାମାଜିକ ସେବା, ଆଧ୍ୟାତ୍ମିକଚେତନା, ସାହିତ୍ୟ ସାଧନା ଓ ସମାଜ ସୁଧାର ପାଇଁ ସୁଶ୍ରୀ ଶୁଭଶ୍ରୀ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ସ୍ୱାଇଁ, ପଣ୍ଡିତ ନାଗୁଚରଣ ଦେବତା ଓ କୈଳାସ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ରାଜା ବିଷ୍ଣୁ ଚରଣ କାନୁନଗୋ, ବେଦପାଠ ରଞ୍ଜନ କୁମାର ସାମଲ, ଅତିଥି ଆମନ୍ତ୍ରଣ ସଭାପତି ପ୍ରେମ ଚରଣ ରାଉତ, ସ୍ୱାଗତ ସମ୍ଭାଷଣ ନଗେନ୍ଦ୍ର ନାଥ ସ୍ୱାଇଁ,ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ତିରୁବନ୍ନାମଲାଇ ବିଶ୍ୱବିଦ୍ୟାଳୟ କୁଳପତି ଡ଼ ହରିହର କାନୁନଗୋ, ମୁଖ୍ୟ ବକ୍ତା ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳସଚିବ ନିରୁପମା ସ୍ୱାଇଁ, ସମ୍ମାନିତ ଅତିଥି ଉତ୍କଳ ରଞ୍ଜନ ମହାନ୍ତି, ଆକାଶବାଣୀ ଗୀତିକାର ବସନ୍ତ କୁମାର ଦାସ,ସମାଜସେବୀ କୈଳାସ ଚନ୍ଦ୍ର ଦଳାଇ, ଓଡିଶା ରକ୍ତଦାତା ମହାସଂଘ ଉପସଭାପତି ଡ଼ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଝଙ୍କଡ଼ କନ୍ୟା ସବିତା ନାୟକ, ଋତୁପର୍ଣ୍ଣା ଦାସ ଓ ମାନସୀପ୍ରଭା ସ୍ୱାଇଙ୍କ ସଂଯୋଜନାରେ ଶତାଧିକ କବିତା ପାଠ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ସାହିତ୍ୟିକ ଓ ସାମାଜିକ କର୍ମୀ ଯୋଗଦେଇ ଥିଲେ।

# ଗୋନାସିକା କେନ୍ଦୁଝର ମହୋତ୍ସବ ପାଇଁ ମିନି ମାରାଥନ




କେନ୍ଦୁଝର(ଭାସ୍କର ନ୍ୟୁଜ): ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୪ ନିମନ୍ତେ କେନ୍ଦୁଝର ଚଳଚଞ୍ଚଳ ହୋଇ ଉଠିଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ଏହି କଳା ସଂସ୍କୃତିର ମହାକୁମ୍ଭ ଲୋକଙ୍କ ମନୋରଞ୍ଜନ ସହିତ ଆମ କଳା ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରିବାରେ ସହାୟକ ହେବ । ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ମିନି ମାରାଥନ ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଏହାର ଶୁଭାରମ୍ଭ କରିଥିଲେ। ସକାଳ ୭:୩୦ ଘଟିକାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହେଇଥିବା ଏହି ମିନି ମାରାଥନ ମଣ୍ଡୁଆ ଯାଏଁ ଯାଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ଏଥିରେ ଅନେକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାଧାରଣ ଜନତା, ପ୍ରଶାସନିକ ଅଧିକାରୀ ଓ ସାମ୍ବାଦିକ ଉପସ୍ଥିତ ଥିଲେ ।

# କମ୍ବଳ ବେପାର ନାଁରେ ଗଞ୍ଜେଇ କାରବାର: ଭ୍ୟାନ୍ ଜବତ, ୨ ଗିରଫ



ମୁନିଗୁଡା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ମୁନିଗୁଡା ପୋଲିସ ଗତକାଲି ରାତିରେ ଡାଙ୍ଗସୋରଡା ଅଞ୍ଚଳରେ ୟୁପି ୧୨ବିଟି ୬୯୨୨ ନମ୍ବର ଟାଟାଏସି ଗାଡିରେ ଥିବା ଗଞ୍ଜେଇ ଜବତ କରିବା ସହ ଥାନା କେଶନଂ୨୬୮/୦୨୪ ପ୍ରକାର ଦୁଇଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଏସଡିପିଓ ସନ୍ତୋଷୀନୀ ଓରାମ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ ଗତକାଲି ରାତିରେ ଅଭିଯୁକ୍ତ ଦ୍ୱୟ ଉତ୍ତର ପ୍ରଦେଶର ମୁର୍ଜାଫର ନଗରର ଅନୀଲ କୁମାର ସିଂ ଓ ଉଦୟ କୁମାର ସିଂ ଏହି ଟାଟା ଏସି ଭ୍ୟାନରେ କମ୍ବଳ ବିକ୍ରିକରିବା ବାହାନାରେ ଗଞ୍ଜେଇ ଲୋଡ କରି ତା ଉପରେ କମ୍ବଳ ରଖି ଉତ୍ତର ପ୍ରଦେଶ ଅଭିମୁଖେ ଯାଉଥିଲେ। କୌଣସି ପ୍ରକାରଏହି ଖବର ମୁନିଗୁଡା ଆଇଆଇସି ଶ୍ରୀମତୀ ସୌଦାମିନୀ ବେହେରା ଜାଣ ପାରିଥିଲେ। ଆଇଆଇସିଙ୍କ ନେତୃତ୍ୱରେ ବି.କୁମୁରୁକା(ଓଏପି) ପୋଲିସ କନେଷ୍ଟବଳ ରାମେଶ୍ୱର ଜାନୀ, ହୋମଗାର୍ଡ ରମେଶ ପ୍ରଧାନୀ, ଟୁଲୁ ପାଢି,ଗିରି ପଲକିଆ, କେ. ଲକ୍ଷ୍ମଣ,ଜୟନ୍ତ ଗମାଙ୍ଗ ପ୍ରମୁଖ ଏକ ପୋଲିସ ଟିମ ଧରି ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ନିକଟରେ ସମ୍ପୃକ୍ତ ଟାଟାଏସି ଉପରେ ଚଢ଼ାଉ କରି ୧୭୯.୫୦୦ କେଜି ଗଞ୍ଜେଇ ଜବତ ସହ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ମାଫିଆଙ୍କ ଠାରୁ ନଗଦ ୧୧୦୦୦ ଟଙ୍କା ଓ ଏକ ଏଣ୍ଡରୋଏଡ୍ ମୋବାଇଲ ଫୋନ ଜବତ କରାଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ପ୍ରାୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଏସଡିପିଓ ଶ୍ରୀମତୀ ଓରାମ କହିଛନ୍ତି। ଏହି ଗଂଜେଇ ଗୁଡାରୀ ଅଂଚଳରୁ ଡାଙ୍ଗସୋରଡ଼ା ଦେଇ ଉତ୍ତର ପ୍ରଦେଶକୁ ଚାଲାଣ ହେଉଥିବା ଜଣାପଡ଼ିଛି ।

# ବଳଦା ବାଲିଘାଟରେ ବୋମା ମାଡ଼



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ତହସିଲ ଅଧିନସ୍ଥ ପୋସ୍ତଳ ପଞ୍ଚାୟତ ଅନ୍ତର୍ଗତ ବଳଦା ବାଲିଘାଟ ରେଗତ କାଲି ରାତିରେ ବୋମାମାଡ ହୋଇଥିବା ଗୋବିନ୍ଦପୁର ଥାନା ରେ ଅଭିଯୋଗ ହୋଇଛି ବାଲିଘାଟକୁ ନେଇ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିବା ବେଳେ ଏବେ ଉକ୍ତ ବାଲିଘାଟ ଚାଲି ଥିବାରୁ ଘାଟ କର୍ମଚାରୀଙ୍କୁ ଭୟଭୀତ କରିବା ନିମନ୍ତେ ଏଭଳି ବୋମା ମାଡ଼ କରାଯାଇଥିବା ଘାଟ ଦାୟିତ୍ୱରେ ଥିବା କର୍ମଚାରୀ ମାନେ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ବାଲିଘାଟ ମାଲିକକୁ ଭୟଭୀତ କରିବା ପାଇଁ ବୋମାମାଡ ଘଟଣା ରଚାଯାଇଛି ଗୋବିନ୍ଦପୁର ଥାନାରେ ଦୀର୍ଘ ଦିନ ହେବ ପଦବୀ ଖାଲିପଡ଼ିଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ହୋଇପଡ଼ିଛି । ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଦୁଇ ଦୁଇଟି ଥାନା ଦାୟିତ୍ୱରେ ଥିବାରୁ ଆଇନି ଶୃଂଖଳା ରକ୍ଷା କରି ବାରେ ଅସୁବିଧା ଉପୁଜୁଥିବା ଆଲୋଚନା କରିଛନ୍ତି ।କଟକ ଜିଲ୍ଲାର ଗ୍ରାମାଞ୍ଚଳ ଏସ୍‌ପି ଯଥା ଶିଘ୍ର ଗୋବିନ୍ଦପୁର ଥାନା କୁ ନୂତନ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ଦଧିବାମନ ମଠରେ ହେବ ବିଶ୍ୱଶାନ୍ତି ମହାଯଜ୍ଞ



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତର ନାଲିଆପାଳ ଗ୍ରାମରେ ଥିବା ଦଧିବାମନ ମଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ପ୍ରଭୃତି ଦୀର୍ଘ ତିନିଦିନ ଧରି ଚାଲିବ। ସ୍ଥାନୀୟ ସମାଜସେବୀ ସଂଗ୍ରାମ କିଶୋର ଲେଙ୍କାଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ଜ୍ୟୋତିର୍ବିଦ ଡ଼ ଅରୁଣ କୁମାର ପାଣି କହିଲେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଦେବତା। ଜଗନ୍ନାଥ ସଂସ୍କୃତି ଭାଇଚାରାର ବାର୍ତ୍ତା ଦିଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମାୟଣୀ ପଣ୍ଡିତ ଅଭୟ ଦାଶ, ମଠାଧୀଶ ବାବା ନିତ୍ୟାନନ୍ଦ ଦାଶ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ କୁମାର ଲେଙ୍କା, ଯୁବସମାଜସେବୀ ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନାମଧନ୍ୟା ପ୍ରବଚିକା ସୁଶ୍ରୀ ସସ୍ମିତା ଦାଶ ହରିକଥା ଶୁଣାଇବାର କାର୍ଯ୍ୟକ୍ରମ ରହିଛି। ଓଡିଶାର ବିଭିନ୍ନ ସାଧୁ ସନ୍ଥ ଯୋଗଦାନ କରିବା ସହ, ଭଜନ, କୀର୍ତ୍ତନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ




ଝାରସୁଗୁଡା(ଭାସ୍କର ନ୍ୟୁଜ): ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୪ ଝାରସୁଗୁଡାର ଟାଉନ ହାଇସ୍କୁଲ ଝାରସୁଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡାରେ ଆୟୋଜିତ ପ୍ରଦର୍ଶନୀକୁ ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡତିଆ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା, ସତ୍ୟବ୍ରତ ସାହୁ ଗୋଷ୍ଠୀ ଶିକ୍ଷାଧିକାରୀ କୋଲାବିରା, ତନ୍ମୟୀ ଶୁଭଶ୍ରୀ ପିଙ୍ଗ ଗୋଷ୍ଠୀ ଶିକ୍ଷାଧିକାରୀ ଲଇକେରା, ସଂଯୁକ୍ତା ପଟ୍ଟଯୋଶୀ ଗୋଷ୍ଠୀ ଶିକ୍ଷାଧିକାରୀ ଲଖନପୁର, ନିରୋଜ କୁମାର ପଟେଲ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ପଟେଲ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଜିଲ୍ଲାର ଗଣ୍ୟମାନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ମ୍ୟୁନିସିପାଲିଟି ସ୍ତରରୁ ଚୟନ ହୋଇଥିବା ୩୫ ଜଣ ବାଳ ବୈଜ୍ଞାନିକ ଓ ତାଙ୍କର ମାର୍ଗଦର୍ଶକମାନେ ଉପସ୍ଥିତ ଥିଲେ ଏବଂ ନିଜର ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରିଥିଲେ। ଏହାର ନିରୀକ୍ଷଣ ତଥା ବିଚାର କରିବା ନିମନ୍ତେ ଝାରସୁଗୁଡାର ବିଭିନ୍ନ ମହାବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଯାହାଙ୍କର ଉପସ୍ଥିତିରେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରାଯାଇଥିଲା । ପ୍ରକଳ୍ପ ଗୁଡିକୁ ରାଜେଶ କୁମାର ମେହେର (ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ), ଅଲେଖ କୁମାର ଦ୍ୱିବେଦୀ (ରସାୟନ ବିଜ୍ଞାନ ଅଧ୍ୟାପକ, ଡ଼ି. ଏସ. ମହାବିଦ୍ୟାଳୟ, ଲଇଡା ), ସୁଶାନ୍ତ କୁମାର ରଥ ( ପଦାର୍ଥ ବିଜ୍ଞାନ ଅଧ୍ୟାପକ, ପି. ଏସ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲଇକେରା ), ରୋଜିସ୍ମିତା ମାଝୀ ( ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା , ଏଲ. ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝାରସୁଗୁଡା ) ନିରୀକ୍ଷଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ମାନ୍ୟବର ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ବିଧାୟକ ମହୋଦୟ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତରେ କିପରି ଆହୁରି ଉନ୍ନତି କରିବେ ଏବଂ ଦୁନିଆରେ ଏକ ନୂତନ ଦିଗ ସୃଷ୍ଟି କରିବେ ସେ ବିଷୟରେ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ରୂପରେ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ସା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ସଭାପତି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡତିଆ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଘୁଟା ଆଦି ଅତିଥି ଗଣ ଉପସ୍ଥିତ ଥିଲେ। ବିଦ୍ୟାଳୟର ସାଗରିକା ମିଶ୍ର, ସୀମା କୁମାରୀ, ପୁଷ୍ପାଞ୍ଜଳି, ଅନୀତା, ଦୀପ୍ତି, କାବେରୀ, ପ୍ରେମାନନ୍ଦ, ବିଘ୍ନରାଜ, ଶୋଭନ, ସୁନୀଲ, ସଂଯୁକ୍ତା (୧), ସଂଯୁକ୍ତା (୨) ଆଦି କର୍ମକର୍ତ୍ତା ସହଯୋଗ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି (ଶିକ୍ଷୟିତ୍ରୀ, ଟାଉନ ହାଇସ୍କୁଲ ) ଏବଂ ରବିନାରାୟଣ ପୂଜାରୀ ( ପି. ଇ.ଟି. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଝାରସୁଗୁଡା ) ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନିଲ କୁମାର ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସଂକୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ଫୁଲନଖରା (ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ରାୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ୩୧ ତମ ସଂକୁଳ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା । ଉଦଘାଟକ ରୂପେ ଧରଣୀଧର ଶତପଥୀ ସମ୍ମାନିତ ଅତିଥି ସଂକୁଳ ସଂଯୋଜକ କୁଳମଣୀ ପ୍ରଧାନ,ସଂକୁଳପ୍ରମୁଖ ଉମାକାନ୍ତକର,ଧରଣୀଧର ଶତପଥୀ,ପ୍ରଦୀପଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସଂକୁଳର ଅଡ଼ଶପୁର, କଣ୍ଟାପଡ଼ା, ବ୍ରାହ୍ମଣ ସାଇଁଲୋ, କସର୍ଦ୍ଦା,ନିଆଳି,କୃଷ୍ଣପ୍ରସାଦ, ମାଙ୍ଗ,ରାୟପୁର ସମେତ ୮ଟି ବିଦ୍ୟାଳୟର ୧୭୫ ଜଣ ପିଲା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ, ବିଦ୍ୟାଧର ସ୍ୱାଇଁ,ପ୍ରମୋଦ କୁମାର ଦାସ,ପ୍ରଭାତି ପାତ୍ର, ମୀନକେତନ ମହାନ୍ତି,ଶକ୍ତିପ୍ରସାଦ ଦାସ,ସରିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଶାରୀରିକ ପ୍ରମୁଖ ମୀନତି ପାତ୍ର,ପ୍ରିୟଙ୍କା ସାମନ୍ତରାୟ ,ଶର୍ମିଷ୍ଠା ମହାନ୍ତି,ଶର୍ମିଷ୍ଠା ପରିଜା ,ଝୁନା ସାହୁ,ପ୍ରମୁଖ ଗୁରୁମା ଓ ଗୁରୁଜୀ ଏଥିରେ ସହଯୋଗ କରିଥିଲେ ।



# ଜାନକୀକାନ୍ତ ବିଷୋୟୀ ହେଲେ ସାଂସଦ ପ୍ରତିନିଧି



ନନ୍ଦାହାଣ୍ଡି(ଭାସ୍କର ନ୍ୟୁଜ): ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ ନନ୍ଦାହାଣ୍ଡି ବ୍ଲକ ପାଇଁ ସାଂସଦ ପ୍ରତିନିଧି ଶୁକ୍ରବାର ଦିନ ଆନୁଷ୍ଠାନିକ ଭାବେ ଜାନକୀକାନ୍ତ ବିଷୋୟୀଙ୍କୁ ମନୋନୀତ କରିଛନ୍ତି । ଜାନକୀକାନ୍ତ ବିଷୋୟୀ ୨୦୦୩ ମସିହାରୁ ଭାରତୀୟ ଜନତା ପାର୍ଟିର ଜଣେ ସଦସ୍ୟତା ଗ୍ରହଣ କରିବା ସହ ମେଣ୍ଟ୍ରି ପଞ୍ଚାୟତର ସଭାପତି, ଡଙ୍ଗରଭେଜା ମଣ୍ଡଳର ସାଧାରଣ ସମ୍ପାଦକ, ଜିଲ୍ଲା ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ, ବର୍ତ୍ତମାନ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରୂପେ କାର୍ଯ୍ୟ ସୂଚାରୁ ଭାବେ ତୁଲାଇ ଆସିଛନ୍ତି । ଏତଦ୍ ବ୍ୟତୀତ ନବରଙ୍ଗପୁର ଜିଲ୍ଲାର ବିଷୋୟୀ ସମାଜର କୋଷାଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି । ସାଂସଦ ଶ୍ରୀ ମାଝୀ ଏହି ସୂଚନା ଦେବା ପରେ ସୋମବାର ଦିନ ଡଙ୍ଗର ଭେଜା ଠାରେ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀ ବିଷୋୟୀଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ବୈଠକରେ ଜିଲ୍ଲା ବିଜେପି ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ , ଡଙ୍ଗର ଭେଜା ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ନାୟକ, ନନ୍ଦାହାଣ୍ଡି ମଣ୍ଡଳ ସଭାପତି ଅରୁଣ କୁମାର ଷଡଙ୍ଗୀ, ଜିଲ୍ଲା ଉପ ସଭାପତି ସନାତନ ତ୍ରିପାଠୀ, ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ରିତେଶ କୁମାର ଭଞ୍ଜ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାପାତ୍ର, ମଧୁସୂଦନ ବିଷୋୟୀ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଲଛମନ ଗୌଡ଼ ସମେତ ବ୍ଲକର ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ । ସଭା ପରେ ଏକ ଶୋଭାଯାତ୍ରା ବାହାରି ବ୍ଲକ୍ କାର୍ଯ୍ୟାଳୟରେ ମନୋନୀତ ପତ୍ର ସାଂସଦ ପ୍ରତିନିଧି ଶ୍ରୀ ବିଷୋୟୀଙ୍କ ଦ୍ୱାରା ବିଡ଼ିଓ ଦାୟିତ୍ୱରେ ଥିବା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁରଙ୍କୁ ପ୍ରଦାନ କରିଥିଲେ। ମନୋନୀତ ପ୍ରଦାନ ପରେ ବ୍ଲକରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାର ମୁଖ୍ୟ ନାୟକ ତଥା ପୂର୍ବତନ ସାଂସଦ ପ୍ରତିନିଧି ଓ ପୂର୍ବତନ ଜିଲ୍ଲା ଉପସଭାପତି ଦହଣା ଗ୍ରାମର ସ୍ୱର୍ଗତଃ ଗଦାଧର ତ୍ରିପାଠୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଗୁଚ୍ଛ ସହ ଧୂପ ଦୀପ ପ୍ରଦାନ କରି ଆତ୍ମାର ସଦଗତି କାମନା କରିଥିଲେ। ସାଂସଦ ପ୍ରତିନିଧି ଶ୍ରୀ ବିଷୋୟୀଙ୍କ ସହ ବ୍ଲକର କାର୍ଯ୍ୟକର୍ତ୍ତା ସ୍ୱର୍ଗତଃ ତ୍ରିପାଠୀ ଙ୍କ ଘରେ ପହଞ୍ଚିବାରୁ ତାଙ୍କ ସହଧର୍ମଣୀ ଓ ଦୁଇ ପୁତ୍ର ଖୁସି ପ୍ରକଟ କରିଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଶାସ୍ତ୍ରୀୟ ସଙ୍ଗୀତ ଦୁନିଆର ବେତାଜ ବାଦ୍‌ଶାହା ଉସ୍ତାଦୋଁ କା ଉସ୍ତାଦ୍‌ଙ୍କୁ ମନେପକାଉଛି ଦେଶ । ଉସ୍ତାଦ୍‌ଙ୍କ ପରଲୋକରେ ସଙ୍ଗୀତ ଦୁନିଆରେ ଶୋକର ଛାୟା ଖେଳିଯାଇଛି । ଜାକିର ହୁସେନ୍ ଥିଲେ ତବଲା ଜଗତର ବାଦ୍‌ଶାହା । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଭରତପୁର ସାଇରାମ ନଗରର ଜଣାଶୁଣା ଭାସ୍କର୍ଯ୍ୟ ଶିଳ୍ପୀ ଜୟଦ୍ରଥ ମଣ୍ଡଳ ଉସ୍ତାଦ୍‌ଙ୍କୁ ଭାସ୍କର୍ଯ୍ୟକଳାରେ ଗଭୀର ଶ୍ରଦ୍ଧାଳି ଜଣାଇଛନ୍ତି । ଉସ୍ତାଦ୍‌ଙ୍କର ମାଟିରେ ଏହି ନିଖୁଣ ପ୍ରତିକୃତିଟି ତିଆରି କରିବା ପାଇଁ ଜୟଦ୍ରଥଙ୍କୁ ୫ ଘଣ୍ଟା ସମୟ ଲାଗିଥିଲା । ଏ ସମ୍ପର୍କରେ ଜୟଦ୍ରଥ କୁହନ୍ତି ଉସ୍ତାଦ୍ ଥିଲେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତର ବିପ୍ଳବ ଆଣିଥିବା ବାଦ୍‌ଶାହା । ବିଶ୍ୱ ଦରବାରରେ ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ଅବଦାନ ଅତୁଳନୀୟ ।



**ସବୁଜ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ବୁଝାମଣା**

# ୩ ମାସରେ ୬ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ପରାମର୍ଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଶକ୍ତି, ପରିବେଶ ଓ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ସହ ଏକ ବୁଝାମଣାପତ୍ର ଆଜି ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର 'ଗ୍ରୀନ୍ ଓଡ଼ିଶା ଇନିସିଏଟିଭ୍' ମାଧ୍ୟମରେ ଓଡ଼ିଶାର ସବୁଜ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଇପିକଲ ଏବଂ ଇଡକୋ, ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ସିଇଇଡବ୍ଲ୍ୟୁର ମୁଖ୍ୟ



କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଡ. ଅରୁଣାଭ ଘୋଷ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ପଦକ୍ଷେପ ବିଭିନ୍ନ ସବୁଜ ମୂଲ୍ୟ ଶୃଙ୍ଖଳା, ଉଦ୍ଭାବନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରି, ଘରୋଇ ପୁଞ୍ଜିକୁ ଆକୃଷ୍ଟ କରିବା ଏବଂ ନାଗରିକ ସମାଜର ସମର୍ଥନ ହାସଲ କରି ସବୁଜ ଅର୍ଥନୀତିକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବ । ସହଯୋଗ ମାଧ୍ୟମରେ ସିଇଇଡବ୍ଲ୍ୟୁ ଏକ ମୂଲ୍ୟବାନ ଜ୍ଞାନ ଅଂଶୀଦାର ଭାବରେ କାର୍ଯ୍ୟ କରିବ ଏବଂ 'ଗ୍ରୀନ୍ ଓଡ଼ିଶା ଇନିସିଏଟିଭ୍'ରେ ରାଜ୍ୟର ଦୃଷ୍ଟିକୋଣକୁ କାର୍ଯ୍ୟରେ ପରିଣତ କରିବାରେ ସହଯୋଗ କରିବ । ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ବୁଝାମଣାପତ୍ର ଓଡ଼ିଶାରେ ସବୁଜ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତାକୁ ଦର୍ଶାଉଛି। ସିଇଇଡବ୍ଲ୍ୟୁର ସିଇଓ ଡ.ଅରୁଣାଭ ଘୋଷ କହିଥିଲେ ଯେ, ନିରନ୍ତର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଅଗ୍ରଗତିଶୀଳ ଆଭିମୁଖ୍ୟ ଉପରେ ଧ୍ୟାନ ଦେଇ ଶକ୍ତି ପରିବର୍ତ୍ତନ, ଜୈବ ଅର୍ଥନୀତି, ପ୍ରକୃତିଭିତ୍ତିକ ସମାଧାନ ଏବଂ ସର୍କୁଲାର ଅର୍ଥନୀତି ସମେତ ବିଭିନ୍ନ ସବୁଜ ଅର୍ଥନୈତିକ କ୍ଷେତ୍ରକୁ ଏକାଠି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଏ ସଂପର୍କରେ ରାଜ୍ୟର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ଓଡ଼ିଶାର ବିଭିନ୍ନ ବିଭାଗରୁ ସଂଗ୍ରହ କରାଯାଇଥିବା ଗବେଷଣା ଓ ତଥ୍ୟକୁ ଆଧାର କରି ସିଇଇଡବ୍ଲ୍ୟୁ ଏହାର ଅନନ୍ୟ ଓ କାର୍ଯ୍ୟାନୁଷ୍ଠାନ ଭିତ୍ତିକ କାର୍ଯ୍ୟକ୍ରମ ଆଧାରରେ ଆଗାମୀ ୩ ମାସ ମଧ୍ୟରେ ରାଜ୍ୟର ଅତି କମରେ ୬ଟି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଥିଲେ । ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ଓ ଏମଏସଏମଇ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ତଥା ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ, ଯୋଜନା ଓ ସଂଯୋଜନ ବିଭାଗରଅଧିକାରୀ, ସିଇଇଡବ୍ଲ୍ୟୁର ନିର୍ଦ୍ଦେଶକ ଅଭିଷେକ ଜୈନଙ୍କ ସମେତ ପରିଷଦର ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

**ସରିଲା ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

# ପାଠକଙ୍କ ମନରେ ଶାନ୍ତି ଓ ପ୍ରଶାନ୍ତି ଆଣିଥାଏ ପୁସ୍ତକ: ସଂସ୍କୃତି ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗତ ଡ଼ିସେମ୍ବର ୬ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଏହି ରାଜ୍ୟ ସ୍ତରୀୟ ପୁସ୍ତକ ମେଳା ଭୁବନେଶ୍ୱର ସ୍ଥିତ ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜର ଅଭିଭାଷଣରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଆମ ସମାଜରେ ପୁସ୍ତକର ସ୍ଥାନ ଅନନ୍ୟ। ପାଠକ ମନରେ ଶାନ୍ତି ଓ ପ୍ରଶାନ୍ତିର ଭାବ ଆଣିଥାଏ ପୁସ୍ତକ। ବହିର ଅନ୍ୟ କୌଣସି ବିକଳ୍ପ ନାହିଁ। ବିଶିଷ୍ଟ ଅତିଥି ଅଧ୍ୟାପକ ଏବଂ ସାହିତ୍ୟିକ ବିଶ୍ୱ ରଞ୍ଜନ କହିଥିଲେ ଯେ, ଭାଷା, ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ବିକାଶରେ ପୁସ୍ତକ ପଠନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିସହିତ ସେ ସାମ୍ପ୍ରତିକ ଯୁଗରେ ପୁସ୍ତକ ପଠନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ। ଉଦଯାପନୀ ସମାରୋହରେ 'ଫକୀରନାମା', 'ମାଦଳାପାଞ୍ଜିର ସାମଗ୍ରିକ ରୂପଲେଖ', 'ବହିକଥା', 'ପ୍ରଜ୍ଞାପୁରୁଷ ନାରାୟଣ ପୃଷ୍ଠେଠ' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ପୁସ୍ତକ ପ୍ରକାଶକ ସଂସ୍ଥାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ରଖିଥିଲେ ଏବଂ ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଠାଦୋକାନୀଙ୍କୁ ଉଚ୍ଛେଦ କରାନଯାଇ ଥଇଥାନ କରାଯିବ: କମିଶନର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ କିଛିଦିନ ହେଲା ଭୁବନେଶ୍ୱର ମହାନଗର ନିଗମ ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ, ଏକାମ୍ର ନିର୍ବାଚନମଣ୍ଡଳୀ ଓ ଉତ୍ତର ନିର୍ବାଚନମଣ୍ଡଳୀରୁ ପାଖାପାଖି ୬୦ ଜାଗାରୁ ୮ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରିଥିଲେ। ଫଳରେ ଦୋକାନୀମାନେ ଏକ ପ୍ରକାର ଭୟ ଓ ଆତଙ୍କରେ ରହିଥିଲେ ଓ ମଧ୍ୟମର ଶହ ଶହ ଦୋକାନୀ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତରର ଶହ ଶହ ଦୋକାନୀ ବିଧାୟକ ସୁଶାନ୍ତ ରାଉତଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ। ଦୁଇ ବିଧାୟକ ଦୋକାନୀଙ୍କ ଦୁଃଖ ବୁଝିବା ସହ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହ ଆଲୋଚନା କରି ମଙ୍ଗଳବାର ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ଭେଟି ଉଚ୍ଛେଦ ପରିବର୍ତ୍ତେ ସେହି ଜାଗାରେ ଥଇଥାନ କରିବା ଓ ସମ୍ପୂର୍ଣ୍ଣ ଉଚ୍ଛେଦ ବନ୍ଦ କରିବା, ଉଚ୍ଛେଦ ପୂର୍ବରୁ ବିଏମ୍‌ସି କମିଶନର ଯାଇ ଦୋକାନୀମାନେ ଓ ମହାସଂଘ ସହ ଆଲୋଚନା କରି ସମାଧାନ କରିବା ଆଦି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ଉଚ୍ଛେଦ ବନ୍ଦ କରି ସେମାନଙ୍କୁ ସେହି ଜାଗାରେ ଭେଣ୍ଡିଂଜୋନ ପ୍ରଦାନ କରିବାକୁ ଦୁଇ ବିଧାୟକ କମିଶନରଙ୍କ ସହ ଆଲୋଚନା କରିଥିଲେ। କମିଶନର ଶ୍ରୀ ପାଟିଲ କହିଲେ ଯେ, ଜୀବନ ଜୀବିକା ହେଉଛି ଉଠାଦୋକାନୀଙ୍କ ଅଧିକାର, ସେମାନଙ୍କ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ। ବିଏମ୍‌ସି ସବୁବେଳେ ଉଠାଦୋକାନୀଙ୍କ ସହ ଅଛି, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହିତ ହାତ ମିଳାଇ ସହରର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ। ବିଏମ୍‌ସିର ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘର ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ, ସୂର୍ଯ୍ୟମଣି ସାହୁ, ବିପିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଚା' ଦୋକାନକୁ ମାଡ଼ିଗଲା ଟ୍ରାକ୍ଟର

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସେଲ୍ଟର ଛକରେ ଥିବା ଚା' ଦୋକାନ ଭିତରକୁ ଏକ ଟ୍ରାକ୍ଟର ମାଡ଼ିଯାଇଛି। ତେବେ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଆଜି ସକାଳେ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ଚା' ଦୋକାନ ଭିତରକୁ ପଶିଯାଇଥିଲା । ଏହି ସମୟରେ ସୌଭାଗ୍ୟବସତଃ ଦୋକାନୀ ବାହାରେ ଥିଲେ । ଫଳରେ ବଡ଼ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ଚା' ଦୋକାନଟି ଦୁର୍ଘଟଣାରେ ସଂପୂର୍ଣ୍ଣ ଭାଙ୍ଗି ଯାଇଛି । ପୋଲିସ ଘଟଣାସ୍ଥଳରେ ପହଁଚି ଡ୍ରାଇଭରକୁ ଅଟକ ରଖିବା ସହ ଟ୍ରାକ୍ଟରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଭୁବନେଶ୍ୱର ଏମ୍ସରେ ରୋଗୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଏମ୍ସରେ ରୋଗୀଙ୍କ ଆତ୍ମହତ୍ୟା । ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ବ୍ୟକ୍ତିଙ୍କ ଘର ଯାଜପୁର ବୋଲି ଜଣାପଡୁଛି, ରୋଗୀଙ୍କ ସହ ତାଙ୍କ ଝିଅ ହସ୍ପିଟାଲରେ ରହୁଥିବା ଖବର ମିଳିଛି। କାହିଁକି, କଣ ପାଇଁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

## ବୃହତ ନିର୍ମାଣ ପ୍ରକଳ୍ପର ଅଗ୍ରଗତି ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗ ଇତିହାସରେ ପ୍ରଥମ ଥର ପାଇଁ ବ୍ୟାପକ ଭାବେ ଆଜି ଏକ ବିସ୍ତୃତ ସମୀକ୍ଷା କରିଛନ୍ତି ବିଭାଗୀୟ ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ । ବିଭାଗ ଅଧୀନରେ ଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକକନ୍‌ଭେନ୍‌ସନ୍ ହଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତା, ମାର୍ଶାଘାଇ-ଜମ୍ବୁ ରାସ୍ତା, ବ୍ରହ୍ମପୁର ରିଂ ରୋଡ୍, କଟକ ରିଂ ରୋଡ୍(ଖାନନଗରରୁ ଲିଙ୍କରୋଡ୍ ପର୍ଯ୍ୟନ୍ତ)ର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା । ଗୋବରଘାଟରେ ଥିବା ସୁବର୍ଣ୍ଣରେଖା ନଦୀ ଉପରେ ହାଇଲେବୁଲ୍ ସେତୁ, ବୌଦ୍ଧ ଜିଲ୍ଲା ବାଉଁଶୁଣିଠାରେ ଥିବା ମହାନଦୀ ଉପରେ ଦ୍ୱିତୀୟ ହାଇଲେବୁଲ୍ ସେତୁ, ଖରସ୍ରୋତା ନଦୀ ଉପରେ ନୂଆବଜାରଠାରେ ଥିବା ହାଇଲେବୁଲ୍ ସେତୁ, ସୁବର୍ଣ୍ଣରେଖା ନଦୀ ଉପରେ ପାନ୍‌ଟେଲ୍‌ରେ ହାଇଲେବୁଲ୍ ସେତୁର ପ୍ଲାନ୍ ଅନୁମୋଦନ



ଓ ନିର୍ମାଣ ଅଗ୍ରଗତି ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାଠାରୁ ପଚାରି ବୁଝିଥିଲେ । ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇଆଇସି (ସିଭିଲ) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମେତ ବିଭିନ୍ନ ଜୋନ୍‌ର ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ନିର୍ମାଣ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିରେ ସଜ୍ଜିତ ଭ୍ରାମ୍ୟମାଣ ଭ୍ୟାନ୍‌କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

**ପ୍ରତି ମଣ୍ଡିରେ ଧାନକିଣା ପ୍ରକ୍ରିୟା ଉପରେ ସରକାରଙ୍କ କଡ଼ା ନଜର**

## ତଦାରଖ କରୁଛନ୍ତି ୧୧ ଜିଲ୍ଲାରେ ୧୨୮୨ ନୋଡାଲ ଅଫିସର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଯାରି ରହିଛି । ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ପ୍ରତ୍ୟେକ ମଣ୍ଡି ଉପରେ କଡା ନଜର ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଯୋଗ୍ୟ ଚାଷୀ ଧାନ କିଣାବେଳେ ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି । ଚାଷୀଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି । ବର୍ତ୍ତମାନ ୧୧ ଜିଲ୍ଲା ବରଗଡ଼, ସମ୍ବଲପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଚାଷୀଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ନିଯୁକ୍ତ ହେବା ସହ ୨ରୁ ୩ ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ଦିଆଯାଇଛି । ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକ ଅଧିକାରୀଙ୍କ ମଧ୍ୟ ନିଯୁକ୍ତ କରାଯାଉଛି । ୧୧ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୨୩ ସୁପରଭାଇଜର ଓ ୧୨୮୨ ନୋଡାଲ ଅଫିସର ନିଯୁକ୍ତ ଅଛନ୍ତି । ଅଧିକାରୀ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଚାଷୀଙ୍କ ଅଭିଯୋଗ ପ୍ରତ୍ୟକ୍ଷ ଭାବେ ଜଣାଇବା ମଧ୍ୟ ବ୍ୟବସ୍ଥା କରାଯାଇଛି । ରାଜ୍ୟର ପଞ୍ଜିକୃତ ଚାଷୀଙ୍କଠୁ ଧାନ କିଣାଯିବା ସହ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ଶହ ଟଙ୍କା ଓ ଇନପୁଟ ସହାୟତା ରାଶି ଭାବେ ୮ଶହ ଟଙ୍କା ପ୍ରଦାନ କରାଯାଉଛି ।

## ନିଖୋଜ ପ୍ରଫେସରଙ୍କ ମୃତଦେହ ଉଦ୍ଧାର

କଟକ(ଭାସ୍କର ନ୍ୟୁଜ୍): ଦୁଇଦିନ ତଳେ ନିଖୋଜ ହୋଇଥିବା ରାଜେନ୍ଦ୍ର ନଗରର ବାସିନ୍ଦା ତଥା ରେଭେନ୍ସାର ପୂର୍ବତନ ପ୍ରଫେସର ବୈଷ୍ଣବ ଚରଣ ସିଂହ (୭୮)ଙ୍କ ମୃତଦେହକୁ ପୁଲିସ ମହାନଦୀରୁ ଉଦ୍ଧାର କରିଛି । ପ୍ରଫେସର ସିଂହ ନନ୍ଦନକାନନ ପାଖାପାଖି ଅଞ୍ଚଳରେ ରହୁଥିଲା ବେଳେ ସେ ଗତ ୧୫ ତାରିଖରୁ ନିଖୋଜ ଥିଲେ । ଏ ନେଇ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ । ତେବେ ମଙ୍ଗଳବାର ପୂର୍ବାହ୍ଣରେ ପ୍ରଫେସର ସିଂହଙ୍କ ମୃତ ଦେହ ଯୋବ୍ରା ଆନିକଟ ବ୍ୟାରେଜର ୧୩ ନମ୍ବର ଗେଟ ନିକଟରେ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ମାଲଗୋଦାମ ଥନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା ବେଳେ ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛି। ପ୍ରଫେସରଙ୍କ କିପରି ମୃତ୍ୟୁ ଘଟିଲା ଓ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସେ ଆତ୍ମହତ୍ୟା କରିଛନ୍ତି ନା ହତ୍ୟା କରାଯାଇଛି ବ୍ୟବଚ୍ଛେଦ ରିପୋର୍ଟ ପରେ ଜଣାପିବ ବୋଲି ପୋଲିସ କହିଛି।

## ଆପାର୍ଟମେଣ୍ଟ୍ କିଣାବିକା ନେଇ ଆସିବ ଏସ୍‌ଓପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ଲଟ ବିକ୍ରି ଓ ଆପାର୍ଟମେଣ୍ଟ କିଣା ବିକା ନେଇ ସରକାରଙ୍କ ବଡ଼ ନିଷ୍ପତି । ନୂଆ ବର୍ଷ ପୂର୍ବରୁ ବାଟ ଫିଟିବ ବୋଲି କହିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ଏ ନେଇ ବିଭାଗୀୟ ଅଧିକାରୀ ଓ ରାଜସ୍ୱ ବିଭାଗ ସହ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଆପାର୍ଟମେଂଟ କିଣା ବିକା ନେଇ ଆସିବ ଏସଓପି । ଟ୍ରିପୁଲ ସିଟିର ଜନ୍ମତିକରଣ ପାଇଁ ସରକାରଙ୍କ ଫୋକସ । ପୁରୀ ଭୁବନେଶ୍ୱର ଓ କଟକ ସହରର ବଢ଼ିବ ପରିଧି । ଏଥିପାଇଁ ରିଂ ରୋଡ଼ ତିଆରି ନେଇ ନିଷ୍ପତି ହୋଇସାରିଛି । ଏନେଇ ପୂର୍ତ୍ତ ବିଭାଗ, ନଗର ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗ ମିଳିତ ଭାବେ ଅନୁଧ୍ୟାନ କରୁଛନ୍ତି କହିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

## ସୂଚନା ଓ ଲୋକସମ୍ପର୍କ ବିଭାଗର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଓଡ଼ିଶାର ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମଙ୍ଗଳବାର ସକାଳ ୮.୩୦ରେ ପାୱାର ହାଉସ ଛକ ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ, ଗଣେଶ ରାମ ସିଂଖୁଣ୍ଟିଆ, ବିଭାଗୀୟ ଉପ ନିର୍ଦ୍ଦେଶକ, ସୁଚେତା ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭୁବନେଶ୍ୱର, ଲକ୍ଷ୍ମଣ ବେହେରା, ବିଭାଗର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ, ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ଼ଃ ରଜନୀକାନ୍ତ ବିଶ୍ୱାଳ ତଥା ସଂସଦର ଅନ୍ୟାନ୍ୟ କର୍ମକର୍ତ୍ତା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

## ଦେଶୀ ମଦ ଓ ସ୍କୁଟି ଜବତ: ୨ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରିଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀ ମଦ କାରବାର ରୋକିବାକୁ ଚଢ଼ାଉ କରାଯାଇଛି । ଉପଅଧିକ୍ଷକ ନିମାଇଁ ଚରଣ ସିଂହଙ୍କ ନେତୃତ୍ୱରେ ନିରୀକ୍ଷକ ରବି ନାରାୟଣ ପ୍ରଧାନ ଓ ଉପନିରୀକ୍ଷକ ଅରୁଣ କୁମାର ଭୋଇ, ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ପାଟ୍ରୋଲିଂ କରୁଥିଲେ । ସେହି ରାସ୍ତା ଦେଇ ଯାଉଥିବା ଏକ ସ୍କୁଟିକୁ ଅଟକାଇ ଯାଂଚ କରିବା ସମୟରେ ସେଥିରୁ ୧୮ ଲି ଦେଶୀ ମଦ ଚାଲାଣ ହେଉଥିବା ଦେଖିଥିଲେ । ସ୍କୁଟି ଓ ମଦ ଜବତ କରିବା ସହ ଅବକାରୀ ସ୍କ୍ୱାର୍ଡ଼ ମଦ ଚାଲାଣ କରୁଥିବା ଆଙ୍କୁଲା ଗ୍ରାମର ଅଶୋକ ପ୍ରଧାନ ଓ ଟିକନ ବେହେରାକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ବିଜେଡି, କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେଲେ ନିର୍ବାଚିତ ଜନପ୍ରତିନିଧି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ବିଜେଡି, କଂଗ୍ରେସ ଉପରୁ ଆସ୍ଥା ହରାଇ ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକର ୨୦ ଜଣ ସରପଂଚ ଗୋବିନ୍ଦ ନାଏକ, ବିକାଶ ପ୍ରଧାନ, ଅଙ୍କିତା ବେହେରା, ରମେଶ ନାଏକ, ଗୌରି ମିଶ୍ର, ପ୍ରମୋଦ ଯୋଶୀ, ଉର୍ମିଳା ଜାନି, ଗୀତାଞ୍ଜଳି ସାହୁ, ଆଦିତ୍ୟ କୁମାର ନାଏକ, ପ୍ରିୟାଙ୍କିନୀ ନାଏକ, ଲକ୍ଷ୍ମୀ ମାଝୀ, ସୁଷମା ସେନାପତି, ତପସ୍ୱିନୀ ସାହୁ, ବିଷ୍ଣୁପ୍ରିୟା ଦୁର୍ଗା, ରବିନାରାୟଣ ବେହେରା, ଯୁଦ୍ଧେଷ୍ଟି ନାଏକ, ମୁରଲୀ ପ୍ରଧାନ, ଦାସମତି ବେମାଲ, ଜ୍ୟୋତିର୍ମୟୀ ମାଝୀ, ଦିଗାମ୍ବର ଲୁହା ବିଜେପିରେ ସାମିଲ ହୋଇଥିଲେ । ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବରିଷ୍ଠ ନେତା ରଞ୍ଜନ ପଟେଲ, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ



କଟକ(ଭାସ୍କର ନ୍ୟୁଜ୍): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ୧୫୩ତମ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି । ଏହି ଅବସରରେ କଟକ ବଡ଼ ଡ଼ାକ୍ତରଖାନା ପରିସରସ୍ଥ ମହାରାଜାଙ୍କ ପ୍ରତିମର୍ତ୍ତୀରେ ମାଲ୍ୟାର୍ପଣ ସହ ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ କଳାର ବିକାଶ ଦିଗରେ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ସର୍ବଶ୍ରୀ ସମରେନ୍ଦ୍ର ଘୋଷ, ଗଜେନ୍ଦ୍ର ପାଣି, ଅଶ୍ୱିନୀ ସେଠୀ, ଡ଼ଃ ବସନ୍ତ କୁମାର ନନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ବୈଷ୍ଣବ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

## 'ଓଡ଼ିଶାର ଭିତ୍ତିଭୂମି ବିକାଶ ଦିଗରେ ମହାରାଜାଙ୍କ ଅବଦାନ ଅତୁଳନୀୟ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଥିଲେ ଜଣେ ଅତ୍ୟନ୍ତ ସରଳ, ପ୍ରଜାବତ୍ସଳ ଓ ଦେଶପ୍ରେମୀ ସୁଶାସକ । ଶ୍ରୀରାମଚନ୍ଦ୍ର ଭଞ୍ଜ ଖାଲି ମୟୂରଭଞ୍ଜର ନୁହନ୍ତି, ସମଗ୍ର ଓଡ଼ିଆ ଜାତିର ଉନ୍ନତି ନିମିତ୍ତ ତାଙ୍କର ବହୁବିଧ ଉଦ୍ୟମ ଅବିସ୍ମରଣୀୟ । ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଆଦର୍ଶ ଚରିତ୍ରବତ୍ତା, ସରଳତା, ନମ୍ରତା, ସ୍ୱଭାବ ଓ ବ୍ୟକ୍ତିତ୍ୱ ସର୍ବାଧିକ ପ୍ରଶଂସନୀୟ । ଉତ୍କଳ ଜନନୀର ଏହି ଯୋଗଜନ୍ମା ସୁଯୋଗ୍ୟ ସନ୍ତାନ ଆଜି ସମଗ୍ର ଓଡ଼ିଆ ଜାତିର ଚିରନମସ୍ୟ ବୋଲି ଅତିଥିମାନେ ଉଲ୍ଲେଖ କରିଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ ଯେ ମହାରାଜା ଶ୍ରୀଭଞ୍ଜଦେଓ ଓଡିଶା ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ । ଆମେ ଆଜି ଯେଉଁ ବିକଶିତ ଓଡିଶାର କଥା କହୁଛୁ ତାହାର ମୂଳଦୁଆ ମାହାରାଜାଙ୍କ ରାଜତ୍ୱ କାଳରେ ପଡିଥିଲା । ବିଶିଷ୍ଟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ମାନ୍ୟବର ମନ୍ତ୍ରୀ, ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ ମୟୂରଭଞ୍ଜ ତଥା ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ଭାଗବତ ଶୁକ୍ଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନଦର୍ଶନ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ମହାରାଜା ଶ୍ରୀ ଭଞ୍ଜଦେଓ ସଭାପତିତ୍ୱ କରିଥିଲେ । ଆରମ୍ଭରେ ଅତିଥିମାନେ ଓଡ଼ିଶାର ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରି ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ କେବଳ ଓଡିଶାର ନୁହେଁ ସମଗ୍ର ଭାରତ ମାଟିର ଜଣେ ଜାତୀୟତାବାଦୀ ଜନନାୟକ ବୋଲି ଅଭିହିତ କରିଥିଲେ । ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସଂପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## 'ଏକ ଦେଶ- ଏକ ନିର୍ବାଚନ'
# ସହମତି ଭିତ୍ତିରେ ନିଷ୍ପତ୍ତି ଲୋଡ଼ା

ବହୁ ବିତର୍କିତ 'ଏକ ଦେଶ- ଏକ ନିର୍ବାଚନ' ବିଧେୟକ ମଙ୍ଗଳବାର ଦିନ ଲୋକସଭାରେ ଉପସ୍ଥାପିତ ହୋଇଛି। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ବିଧେୟକକୁ ଗୃହରେ ଆଗତ କରିଥିଲେ। ପୂର୍ବରୁ ସୋମବାର ଏହା ଆଗତ ହେବ ବୋଲି ସୂଚନା ଦିଆଯାଇଥିଲା ଏବଂ ବିଧେୟକର ନକଲ ସାଂସଦମାନଙ୍କୁ ଯୋଗାଇ ଦିଆଯାଇଥିଲା। ଏହା ସତ୍ତ୍ୱେ ଗୋଟିଏ ଦିନ ବିଳମ୍ବରେ ଏହା ଆଗତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରୀମଣ୍ଡଳ ବୈଠକରେ ପୂର୍ବରୁ 'ଏକ ଦେଶ- ଏକ ନିର୍ବାଚନ' ବିଧେୟକ ଅନୁମୋଦନ ଲାଭ କରିଥିଲା। ସମଗ୍ର ଦେଶରେ ଗୋଟିଏ ସମୟରେ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ କରାଇବାକୁ ଏଥିରେ ବ୍ୟବସ୍ଥା ରହିଛି। ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କେନ୍ଦ୍ର ସରକାର ଅଳ୍ପ କିଛି ବର୍ଷ ପୂର୍ବେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ଏହି କମିଟି ଏକ ଦେଶ- ଏକ ନିର୍ବାଚନ ପ୍ରସ୍ତାବର ଭଲମନ୍ଦ ଦିଗ ସଂପର୍କରେ ବିସ୍ତୃତ ଭାବରେ ଅନୁଧ୍ୟାନ କରିବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ କମିଟି ଏକ ଦେଶ- ଏକ ନିର୍ବାଚନ ସପକ୍ଷରେ ମତ ରଖିବା ସଂଗେସଂଗେ ଲୋକସଭା ସହିତ ସମସ୍ତ ରାଜ୍ୟର ବିଧାନସଭା, ପୌରପରିଷଦ ଓ ପଞ୍ଚାୟତ ନିର୍ବାଚନ କରାଯିବାକୁ ସୁପାରିଶ କରିଛନ୍ତି। ତେବେ ଯାହା ସୂଚନା ମିଳୁଛି, କେନ୍ଦ୍ର ସରକାର ବର୍ତ୍ତମାନ କେବଳ ଲୋକସଭା ଓ ବିଧାନସଭା ନିର୍ବାଚନ ଗୋଟିଏ ସମୟରେ କରାଇବାକୁ ଚାହୁଁଛନ୍ତି ଓ ସେଥିଲାଗି ଏହି ବିଲ୍‌ରେ ବ୍ୟବସ୍ଥା ରହିଛି। ପରବର୍ତ୍ତୀ ସମୟରେ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚନକୁ ପର୍ଯ୍ୟାୟକ୍ରମେ ଏହି ନିର୍ବାଚନ ପ୍ରକ୍ରିୟାରେ ସାମିଲ କରାଯିବ। କୋବିନ୍ଦ କମିଟି ଏହି ପ୍ରସ୍ତାବ ସଂର୍ପରେ ବିଭିନ୍ନ ରାଜନୈତିକ ଦଳର ମତାମତ ସଂଗ୍ରହ କଲାବେଳେ ୩୨ ଟି ଦଳ 'ଏକ ଦେଶ-ଏ ନିର୍ବାଚନ' ବ୍ୟବସ୍ଥା ସପକ୍ଷରେ ମତ ଦେଇଥିଲେ। ଅନ୍ୟପକ୍ଷରେ ୧୫ଟି ରାଜନୈତିକ ଦଳ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ। ବିରୋଧ କରୁଥିବା ଦଳଗୁଡିକର ଯୁକ୍ତି ହେଉଛି ଯେ, ଏକକାଳୀନ ନିର୍ବାଚନ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ଏବଂ ଏହା ସମ୍ବିଧାନର ମୌଳିକତାକୁ କ୍ଷୁର୍ଣ୍ଣ କରିବ। ଭାରତ ଭଳି ବିଶାଳ ଦେଶରେ ଏକକାଳୀନ ନିର୍ବାଚନ ଅସମ୍ଭବ ବୋଲି କଂଗ୍ରେସ ମତ ରଖିଥିବାବେଳେ ଆଞ୍ଚଳିକ ଦଳଗୁଡିକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ସମାଜବାଦୀ ପାର୍ଟି ଆଶଙ୍କା ବ୍ୟକ୍ତ କରିଛି। ସୁଶ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ 'ଏକ ଦେଶ- ଏକ ନିର୍ବାଚନ' ବ୍ୟବସ୍ଥାକୁ ବିଜେପିର ଶସ୍ତା ରାଜନୈତିକ ଖେଳ ବୋଲି ବର୍ଣ୍ଣନା କରିଛି। ତେବେ ଏକ ଦେଶ- ଏକ ନିର୍ବାଚନର ଅନେକ ସକରାତ୍ମକ ଦିଗ ମଧ୍ୟ ରହିଛି, ଯାହା ଦେଶର ସ୍ୱାର୍ଥ ରକ୍ଷାରେ ସହାୟକ ହୋଇପାରିବ। ଉଦାହରଣସ୍ୱରୂପ ପ୍ରତିବର୍ଷ କୌଣସି ନା କୌଣସି ରାଜ୍ୟରେ ନିର୍ବାଚନ କରାଯାଉଥିବାରୁ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି ଏବଂ ସମୟ ଓ ଶକ୍ତିର ଅଯଥା ଅପଚୟ ହେଉଛି। ଅଧିକାଂଶ ସମୟରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ କରାଯିବା ଫଳରେ ଉନ୍ନୟନ କାର୍ଯ୍ୟ ମଧ୍ୟ ବ୍ୟାହତ ହେଉଛି। ତେଣୁ ଗୋଟିଏ ସମୟରେ ସମସ୍ତ ନିର୍ବାଚନ କରାଗଲେ ଅର୍ଥ ଅପବ୍ୟୟକୁ ରୋକାଯିବା ସହିତ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଆମ ଦେଶର ସ୍ୱାଧୀନତା ପ୍ରାପ୍ତି ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ବ୍ୟବସ୍ଥାର ପ୍ରଚଳନ ପରେ ୧୯୫୨, ୧୯୫୭ ଓ ୧୯୬୨ ମସିହାରେ ଗୋଟିଏ ସମୟରେ ଉଭୟ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାତ୍ର ୧୯୬୭ ମସିହା ପରେ ଲୋକସଭା ଓ ବିଧାନସଭା ନିର୍ବାଚନ ଭିନ୍ନ ଭିନ୍ନ ରାଜ୍ୟରେ ପୃଥକ୍ ସମୟରେ କରାଯାଉଛି। ତେଣୁ ଏକ ଦେଶ- ଏକ ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ କେତେକ ରାଜ୍ୟର ବିଧାନସଭାକୁ ଆଗୁଆ ଭାଙ୍ଗିବାକୁ ପଡିବ। ଏ କ୍ଷେତ୍ରରେ କିଛିଟା ଆଇନଗତ ଜଟିଳତା ସୃଷ୍ଟି ହେବାର ସମ୍ଭାବନା ରହିଛି । ତଥାପି ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଏକ ଦେଶ- ଏକ ନିର୍ବାଚନ ବ୍ୟବସ୍ଥାକୁ ସହମତି ଭିତ୍ତିରେ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡିକୁ ଦୂର କରିବା ଦିଗରେ ସଂସଦରୁ ସୁଚିନ୍ତିତ ମତାମତ ମିଳିବ ବୋଲି ଆଶା କରାଯାଉଛି।

# ଗୁଣାତ୍ମକ ଶିକ୍ଷା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି। ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା। ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା। ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ। ପାଠପଢାରୁ ବଞ୍ଚିତ ଶିଶୁଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ। ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି। ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ପଢା ଛାଡୁଛନ୍ତି। ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି। କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ, କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି। ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି। ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେ ବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ ।

ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ। ଏଥି ସହିତ ୩୭,୬୩୫ରେ ଖେଳ ପଡିଆ ନଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ। ଆହୁରି ମଧ୍ୟ ରାଜ୍ୟର ୯୦ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ। ଏଥିରୁ ରାଜ୍ୟରେ ଥିବା ସ୍କୁଲମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ ବି ଶିକ୍ଷକ ନାହାଁନ୍ତି । ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ ବି ଶିକ୍ଷକ ନାହାଁନ୍ତି । ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଛି।

ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ । ଫଳ ସ୍ୱରୂପ, ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮% ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି। ୨୯.୩ % ପିଲା ଅକ୍ଷର ପଢୁଥିଲେ ମଧ ଚିହ୍ନିପାରୁ ନାହାଁନ୍ତି। ସେହିପରି ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି। ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ। ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ। ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି। ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସପାଇବାରେ ଲାଗିଛି। ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ ଅନୁଭୂତ ହୋଇଛି ।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଷୁଡିବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା। ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି।

ସେହିପରି ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟମାନଙ୍କରେ ମଧ ଶିକ୍ଷକମାନଙ୍କ ମରୁଡି । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୫,୬୫୬ ଶିକ୍ଷକ ପଦବୀ ଖାଲିପଡିଛି । ସେହିପରି କେତେକ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାଁନ୍ତି। ସେଠାରେ ପ୍ରକ୍ସିରେ ଚାଲିଛି ପାଠପଢା।

ଏସବୁ କଥା ବିଚାରକୁ ନେଲେ ଶିକ୍ଷା କ୍ଷେତ୍ରରେ ଆମ ସ୍ଥିତି କେଉଁଠି ତାହା ସ୍ପଷ୍ଟ ଅନୁମେୟ । ଏବେବି ସମୟ ଅଛି । ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚ ଓ ମହାବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଥିବା ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ହେବ। କାରଣ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ, ସେ ଦେଶର ମାନବ ସମ୍ବଳ ସେତେ ଦକ୍ଷ ତଥା ବିକଶିତ। ତେଣୁ ଶିକ୍ଷା କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରିବା ଏକାନ୍ତ ଅପରିହାର୍ଯ୍ୟ।

# ବିଶୁଦ୍ଧ ପାନୀୟ ଜଳ ସଂକଟ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶ ସ୍ୱାଧୀନ ହେବାର ଦୀର୍ଘ ସାତ ଦଶନ୍ଧି ପୁରିଯାଇଥିବା ବେଳେ ଏବେ ବି ପାନୀୟ ଜଳ ଏବଂ କ୍ଷେତକୁ ଜଳସେଚନ ମୁଖ୍ୟ ସଂକଟ ଭାବେ ରହିଛି। ସହରଠାରୁ ଆରମ୍ଭ କରି ଗାଁ ଗହଳି ଏବଂ ବସ୍ତି ଅଂଚଳରେ ଜନସାଧାରଣଙ୍କୁ ପାନୀୟ ତଥା ବିଶୁଦ୍ଧ ଜଳଯୋଗାଣ ଲାଗି ସରକାର ନୂଆ ଯୋଜନାମାନ କରୁଥିବା ସତ୍ତ୍ୱେ ତାହା ସମସ୍ୟାର ସମାଧାନ କରିପାରି ନାହିଁ। ଏପରିକି ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ହଜାର ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ଏପରିକି ଓଡିଶା ସରକାର ପୁରୀ ସହର ସମେତ କେତେକ ସହରରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଇଛନ୍ତି, ଯାହାକି ଦେଶରେ ପ୍ରଥମ ବୋଲି କୁହାଯାଏ। ଏହା ସତ୍ତ୍ୱେ ଖରାଦିନେ ଉକ୍‌ଟ ପାନୀୟ ଜଳାଭାବ ଏବଂ ବର୍ଷା ଦିନରେ ଦୂଷିତ ବା ପ୍ରଦୂଷିତ ଜଳ ଦେଶରେ ମୁଖ୍ୟ ସଂକଟ ଭାବେ ଏବେ ବି ଉଭା ହୋଇଛି। ଦୂଷିତ ଜଳ ପିଇ ବାର୍ଷିକ ହଜାର ହଜାର ଲୋକ ମୃତ୍ୟୁବରଣ କରୁଥିବା ବେଳେ ସ୍ୱାସ୍ଥ୍ୟଗତ ସଂକଟକୁ ଘନୀଭୂତ କରୁଛି। ଦୂଷିତ ଜଳ ପିଇ ମୃତ୍ୟୁବରଣ କରିବା ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଛି। ଆମ ରାଜ୍ୟର ରାୟଗଡା, ଜିଲ୍ଲା ସମେତ ପାହାଡିଆ ଦୁର୍ଗମ ଅଂଚଳରେ ଦୂଷିତ ଜଳ ପିଇ ମୃତ୍ୟୁ ଘଟଣା ନୂଆ ନୁହେଁ। ବର୍ଷ ବର୍ଷ ଧରି ଏହି ସଂକଟ ଲାଗି ରହିଛି। ହଇଜା, ଝାଡାବାନ୍ତି, ପେଟ ରୋଗ, ଜୀବନ ନେଉଛନ୍ତି। ଏପରିକି ପାଇପ ଜଳ ମଧ୍ୟ ଦୂଷିତ ମୁକ୍ତ ନୁହେଁ। କେଉଁଠି ପାଇପ ଫାଟି ଜଳ ନର୍ଦ୍ଦମାରେ ମିଶୁଛି ତ କେଉଁଠି ନର୍ଦ୍ଦମାଜଳ ସିଧା ପାଇପରେ ପ୍ରବେଶ କରୁଛି। ମରାମତି, ରକ୍ଷଣାବେକ୍ଷଣ ଏବଂ ତଦାରଖ ଅଭାବରୁ ପାଇପ ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଇଛି। ପାଇପ ଯୋଗେ ପାନୀୟ ଜଳଯୋଗାଣ ଜଳ ବିଶୁଦ୍ଧତାକୁ ଏଯାବତ ସୁନିଶ୍ଚିତ କରିପାରିନଥିବା ଅନୁଧ୍ୟାନ ରିପୋର୍ଟ କହେ। ଅନ୍ୟପକ୍ଷରେ ପାହାଡିଆ, ଦୁର୍ଗମ ଅଂଚଳରେ ଖରାଦିନେ ଗାଡିଆ, ପୋଖରୀ, ଝରଣା ଲୋକଙ୍କ ପାନୀୟ ଜଳର ଉତ୍ସ ପାଲଟିଛି। ପୋଖରୀ, ଗାଡିଆ, ଝରଣା ପାଣିକୁ ଲୋକେ ସିଧାସଳଖ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ତେବେ ପାନୀୟ ଜଳକ୍ଷେତ୍ରରେ ଆଉ ଏକ ମୁଖ୍ୟ ସମସ୍ୟା ହେଉଛି ଭୂତଳ ଜଳସ୍ତର ହ୍ରାସ। ଏକ ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭୂତଳ ଜଳସ୍ତର ୨ମିଟର ହ୍ରାସ ପାଇସାରିଲାଣି। ଯାହାର ପରିଣତି ସ୍ୱରୂପ ନଳକୂପରୁ ଜଳ ବାହାରୁନାହିଁ। ଯେଉଁ ଜଳ ଦୀର୍ଘ କସରତ ପରେ ଆସୁଛି, ତାହା ବ୍ୟବହାର ଉପଯୋଗୀ ହୁଏ ନାହିଁ। ଏହା ନିସନ୍ଦେହ ଯେ, ଭାରତ ପରି ଏକ ଗ୍ରୀଷ୍ମ ମଣ୍ଡଳୀୟ ଦେଶରେ ଜନସାଧାରଣଙ୍କୁ ବିଶୁଦ୍ଧ ତଥା ନିରାପଦ ପାନୀୟ ଜଳଯୋଗାଣ ଏବେ ବି ସରକାରଙ୍କ ପାଇଁ ଗୁରୁତର ଚ୍ୟାଲେଞ୍ଜ ଭାବେ ରହିଛି। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଦେଶର ୨୫ଟି ରାଜ୍ୟର ୨୩୦ଟି ଜିଲ୍ଲାରେ ଭୂତଳ ଜଳରେ ଆର୍ସେନିକ ଠାବ ହୋଇଛି। ସେହିପରି ୨୭ଟି ଜିଲ୍ଲାର ୪୬୯ଟି ଜିଲ୍ଲାରେ ଫ୍ଲୋରାଇଡ ରହିଥିବା କୁହାଯାଏ। ଯାହା ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏହି ମିଶ୍ରିତ ଜଳ ପାନ କରି ଜନସାଧାରଣ ଦାନ୍ତ, କିଡନୀ ରୋଗରେ ପିଡିତ ହେଉଛନ୍ତି। ଗୋଟିଏ ଗୋଟିଏ ଗାଁରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ୨୦୨୨ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱବ୍ୟାପୀ ଅତି କମରେ ୧.୭ ବିଲିଅନ ଜନସାଧାରଣ ମଳ ମିଶ୍ରିତ ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଯାହାକି ମାନବ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଛି। ସେହିପରି ଏଭଳି ଅସ୍ୱାସ୍ଥ୍ୟକର ଜଳ ବ୍ୟବହାର ବିଶ୍ୱରେ ୧ ମିଲିଅନ ଲୋକଙ୍କ ଡାଇରିଆରେ ମୃତ୍ୟୁର କାରଣ ହେଉଛି। ଜଳ ହିଁ ଜୀବନ। ଜଳ ବିନା ସୃଷ୍ଟି କ୍ଷଣେ ମାତ୍ର ତିଷ୍ଠି ପାରିବ ନାହିଁ। ଜଳ ଜୀବନ ରଖେ, ଏବେ କିନ୍ତୁ ଦୂଷିତ ଜଳଜୀବନ ନେଉଛି। ବିଶୁଦ୍ଧ ପାନୀୟ ଜଳଯୋଗାଣ ଏବେ କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱର ରାଷ୍ଟ୍ରଗୁଡିକର ସରକାରମାନଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୨୨ରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଜଳ ଓ ପରିମଳକୁ ମାନବିକ ଅଧିକାର ଭାବେ ସ୍ୱୀକୃତି ଦେଇଥିଲା। ପାଇପ ଯୋଗେ ବିଶୁଦ୍ଧ ନିରାପଦ ଜଳଯୋଗାଣକୁ ରାଷ୍ଟ୍ର ସୁନିଶ୍ଚିତ କରିବା ଜରୁରୀ।

# ଈଶ୍ୱର, ଅଂଶ ଏବଂ ଜୀବ ଅବିନ୍ୟାସୀ



ମାନସ କୁମାର କର
କୋଟାଙ୍ଗ, କୋଣାର୍କ
୭୩୮୧୩୮୨୨୧୦

ଜୀବନରେ କେବଳ ଦୁଇଟି ଉପାଦାନ ଦୃଶ୍ୟମାନ ହୁଏ - ଜ୍ଞାନ ଏବଂ କର୍ମ । କର୍ମ, ଜୀବନ ସହିତ ସମକକ୍ଷ । କର୍ମ ପାଇଁ ମନରେ ଏକ ଇଚ୍ଛା ରହିବା ଆବଶ୍ୟକ । ଇଚ୍ଛା ବିନା ଜ୍ଞାନ ଉତ୍ପନ୍ନ ହୁଏ ନାହିଁ । ଜ୍ଞାନକୁ ବ୍ରହ୍ମ ଏବଂ କର୍ମକୁ ଜୀବ ବୋଲି କୁହାଯାଏ । ବ୍ରହ୍ମ ହେଉଛନ୍ତି ଭୋକ୍ତା, ଜୀବ ହେଉଛି ଭାଗ୍ୟ । ଜୀବମାନଙ୍କର ପ୍ରତ୍ୟେକ କର୍ମର ଫଳାଫଳ କେବଳ ବ୍ରହ୍ମଙ୍କ ନିକଟରେ ପହଞ୍ଚେ । 'ଈଶ୍ୱର, ଅଂଶ ଏବଂ ଜୀବ ଅବିନ୍ୟାସୀ ଅଟନ୍ତି।' ଏପରିକି ଭଗବାନ ଶ୍ରୀ କୃଷ୍ଣ କହିଛନ୍ତି - 'ତୁମେ ଯାହା ବି କର୍ମ କର, ତାହା ମୋତେ ଦିଅ। କାରଣ 'ମମୈବାଂଶୋ ଜୀବଲୋକେ' - ତୁମେ ସମସ୍ତେ ମୋର ଅଂଶବିଶେଷ । ଅଂଶ ହିଁ ଭୋକ୍ତା, ସ୍ୱାମୀ ହିଁ ଭୋକ୍ତା, ସେବକ ଭାଗ୍ୟ, ପୁରୁଷ ଭାଗ୍ୟ ଏବଂ ନାରୀ ହେଉଛି ଭୋକ୍ତା । ଅଗ୍ନି ହେଉଛି ଭୋକ୍ତା, ସୋମ ହେଉଛି ଭାଗ୍ୟ । ଭାଗ୍ୟ ହେଉଛି ସମର୍ପଣ, ଭୋକ୍ତା ହେଉଛି ପରିଣାମ । ତଥାପି, ସୋମରୁ ସୃଷ୍ଟି ଏବଂ ବିନାଶ ଅଗ୍ନି (ଭୋକ୍ତା) ରୁ ହୋଇଥାଏ ।

ସୃଷ୍ଟିର ଆଧାର ହେଉଛି ଭୋଗ । ଆମେ କେବଳ ଆମର କର୍ମର ଫଳ ଭୋଗ କରିବା ପାଇଁ ଜନ୍ମ ହୋଇଥାଉ । ଜୀବ ଜୀବସ୍ୟ ଭୋଜନମ ଅର୍ଥାତ ଗୋଟେ ଜୀବ ଅନ୍ୟ ଜୀବକୁ ଖାଇଥାଏ ଯେପରି ବଡ ମାଛ ଛୋଟ ମାଛକୁ ଗିଳିଦିଏ । ମୂଳତ ଅଗ୍ନି-ସୋମର ମିଶ୍ରଣ ଦ୍ୱାରା ବ୍ରହ୍ମାଣ୍ଡ ସୃଷ୍ଟି । ଅଗ୍ନି ସୋମାତାକଂ ଜଗତ । ସେଥିପାଇଁ ସୃଷ୍ଟି ଯଜ୍ଞରୁ ହୋଇଛି ବୋଲି କୁହାଯାଏ । ଅଗ୍ନିରେ ବିସ୍ତାର, ବିଚ୍ଛିନ୍ନତା (ଖଣ୍ଡ ଖଣ୍ଡ କରିବାର କ୍ଷମତା), ଗତିବିଧି ଅଛି ଏବଂ ଭୋକ୍ତା ଭାବରେ ରହିଥାଏ । ସୋମ ଏହାର ବିପରୀତ ଧର୍ମ। ଚୁକ୍ତି, ସ୍ଥିରତା ଏବଂ ସମର୍ପଣ ହେଉଛି ସୋମଙ୍କର ମୁଖ୍ୟ ଗୁଣ ।

ଅଗ୍ନି ଏବଂ ସୋମ ପଦାର୍ଥର ବିଶେଷଣ ହେଉଛି, ସେମାନେ ନିୟନ୍ତ୍ରକ ନୁହଁନ୍ତି । ପୃଥିବୀ ହେଉଛି ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ । ଅଗ୍ନି ସର୍ବଦା ଉପରକୁ ଉଠନ୍ତି। ସୂର୍ଯ୍ୟ ମଧ୍ୟ ଅଗ୍ନି ଅଟନ୍ତି । ସୂର୍ଯ୍ୟଙ୍କ ଉପରେ ପରମେଶ୍ୱର ସୋମଙ୍କର ବିଶାଳ ଜଗତ ଅଛି । ବିଷ୍ଣୁ ଏହା ଉପରେ ରୁହନ୍ତି । ଏହା ଉପରେ ସୂର୍ଯ୍ୟଙ୍କ ଅଗ୍ନି ପିଣ୍ଡ ରହିଥାଏ । ସୋମ ଜଳର ଏକ ବିରଳ ରୂପ । ଏହା ସର୍ବଦା ତଳକୁ ଗତି କରେ । ଏବଂ ଅଗ୍ନିରେ ପଡ଼ିବାରେ ଲାଗେ । ଏହି ଅଗ୍ନି ଜାଳେ ଏବଂ ନିଜକୁ ଜାଳି ନୂଆ ଜିନିଷ ମଧ୍ୟ ସୃଷ୍ଟି କରେ । ଶୁଦ୍ଧ ସୋମ ରୁପି ଶୁକ୍ର ଭୟଙ୍କର ଅଗ୍ନିରେ ଜଳି ନୂତନ ଜିନିଷ ସୃଷ୍ଟି କରେ । ହାରାହାରି ପୁରୁଷଙ୍କ ତୁଳନାରେ ମହିଳା ମାନଙ୍କ ଶରୀରରେ ଆଠ ଗୁଣ ଅଧିକ ଅଗ୍ନି ରହିଥାନ୍ତି। କେବଳ ସେତେବେଳେ ହିଁ ନୂତନ ସୃଷ୍ଟି ପ୍ରକ୍ରିୟା ସମ୍ଭବ ହୋଇଥାଏ । ଅଗ୍ନି ଉପରକୁ ଯାଇ ସୋମ ବନିଯାଆନ୍ତି। ସୋମ ପୃଥିବୀରେ ପହଞ୍ଚିବା ବେଳକୁ ଏହା ଅଗ୍ନି ହୋଇଯାଆନ୍ତି । ସୋମ ମନ୍ଥନ ଦ୍ୱାରା ଅଗ୍ନିରେ ପରିଣତ ହୁଅନ୍ତି । ଏହା ହେଉଛି ମାୟା ଭ୍ରମର ଅନୁଭବ । ଏହା ସୋୟା ହୋଇ ଆକର୍ଷିତ କରନ୍ତି ଏବଂ ସଙ୍ଗୀତ ରୁପି ଅଗ୍ନିରେ ଭୋକ୍ତା ବନିଯାଆନ୍ତି । ଯେପରି ସୃଷ୍ଟି ଯଜ୍ଞର ଅଗ୍ନି କୁଣ୍ଡ ସଦୃଶ୍ୟ । ମୂଳତ ଜୀବ ଭାବ ହୋଇଥିବାରୁ କର୍ମର ଭୋକ୍ତା ଈଶ୍ୱର ହୋଇଥାନ୍ତି । ସିଦ୍ଧାନ୍ତ ରୂପରେ ଈଶ୍ୱର ଭୋକ୍ତା ନୁହନ୍ତି, ଏହି ଶରୀରରେ ସାକ୍ଷୀ ରୂପରେ ବିରାଜମାନ କରନ୍ତି । ଜୀବନ ରୂପୀ ବୃକ୍ଷରେ ଜୀବରୂପୀ ପକ୍ଷୀ ବସିଅଛି। ତା'ର ଗୋଟିଏ ଡେଣା ଜୀବ ରୂପରେ ଥିବାବେଳେ ଅନ୍ୟଟି ଭଗବାନଙ୍କ ରୂପରେ । ଜୀବ କର୍ମ କରେ, ଭଗବାନ ସାକ୍ଷୀ ଭାବରେ କାର୍ଯ୍ୟ କରନ୍ତି ଏବଂ ଫଳାଫଳ ସ୍ଥିର କରନ୍ତି । ପରବର୍ତ୍ତୀ ଜନ୍ମ ସେହି ଅନୁଯାୟୀ ନିର୍ଣ୍ଣୟ କରାଯାଏ ।

ଭୋକ୍ତା ହେଉଛନ୍ତି ଅଗ୍ନି । ସମସ୍ତ ଭୋଗ ସାମଗ୍ରୀକୁ ସୋମ କୁହାଯାଏ । ଭୋଗ ସାମଗ୍ରୀ ଅନେକ ସ୍ତରର ଏବଂ ଅନେକ ପ୍ରକାରର । ଶରୀର ହେଉଛି ସବୁଠାରୁ ବଡ ଭୋକ୍ତା । ଆଜିର ଭୌତିକବାଦ ମଧ୍ୟ ଶରୀର ପାଇଁ ଉତ୍ସର୍ଗୀକୃତ । ସମସ୍ତ ସୁଖ, ଦୁଃଖ, ଭୋଗ, ସାଧନା ସୁବିଧାର ଭୋକ୍ତା ଶରୀର ଅଟେ । ଭୋଗ ସାମଗ୍ରୀକୁ ଅନ୍ନ କୁହାଯାଏ ଏବଂ ଶରୀରର ଅନ୍ନ ହେଉଛି ଶୁକ୍ର । ଶକ୍ତି ଏବଂ ମନ ସୃଷ୍ଟି କରେ, ସେମାନଙ୍କର ସୃଷ୍ଟିକର୍ତ୍ତା । ଦେବତାମାନେ ଇନ୍ଦ୍ରୀୟ ମାଧ୍ୟମରେ ସନ୍ତୁଷ୍ଟ ହୁଅନ୍ତି । ଇନ୍ଦ୍ରୀୟ ପ୍ରାଣ ପାଇଁ କାର୍ଯ୍ୟକରେ, ପ୍ରାଣକୁ ହିଁ ଦେବତା କୁହାଯାଏ । ଆଖି, ନାକ, ସ୍ପର୍ଶ ଇତ୍ୟାଦି ମାଧ୍ୟମରେ ଖାଦ୍ୟର ସ୍ୱାଦ ମଧ୍ୟ ମିଳେ । ତେଣୁ, ଖାଦ୍ୟ ଅର୍ପଣ କରିବା ପୂର୍ବରୁ ଖାଦ୍ୟ ପ୍ରଦାନ କରିବାର ଉଦ୍ଦେଶ୍ୟ ସ୍ଥିର କରିବା ବାଧ୍ୟତାମୂଳକ ଅଟେ । ଭୋଗ ଅତ୍ୟଧିକ ପରିସ୍ଥିତିରେ, ଦୁଃଖର ମୁଖ୍ୟ କାରଣ ହୋଇଯାଏ । ଶାସ୍ତ୍ର କହେ - 'ଅତୀ ସର୍ବତ ବର୍ଜୟତେ' ।

ଭୋଗ ହେଉଛି ଏକ ପ୍ରକାର ଆଦାନ ପ୍ରଦାନ। ସୃଷ୍ଟି ଏବଂ ବିନାଶ ପ୍ରତ୍ୟେକ ଭୋଗ ସହିତ ଜଡିତ । ଶରୀରର ନିଜସ୍ୱ ଭୋଗ ଅଛି। ଶରୀରରେ ବାସ କରୁଥିବା ଆତ୍ମା, ଏକ ଭିନ୍ନ ଭୋକ୍ତା ଅଟେ । ମନ ଏବଂ ବୁଦ୍ଧି ନିଜେ ଚିନ୍ତା ଏବଂ ଧ୍ୟାନର ଉପଭୋଗ କରନ୍ତି । ସମସ୍ତଙ୍କର ଭିନ୍ନ ଶକ୍ତି ଅଛି । ଯିଏ କଥାବାର୍ତ୍ତା କରେ ସେ ସୋମ, ଯିଏ ଶୁଣେ ସେ ହେଉଛି ଅଗ୍ନି । ଯିଏ ଖାଏ ସେ ହେଉଛି ଅଗ୍ନି-ଖାଦ୍ୟ ହେଉଛି ସୋମ । ସନ୍ତାନ ମାନେ ଅଗ୍ନି, ଶୁକ୍ର ହେଉଛନ୍ତି ସୋମ। ମଞ୍ଜି ହେଉଛି ସୋମ, ପୃଥିବୀ ହେଉଛି ଅଗ୍ନି । 'ଅଗ୍ନି ହେଉଛି ଭୋକ୍ତା' ଏହା ହେଉଛି ସୃଷ୍ଟିର ନିୟମ ।

ଆମ ଜୀବନର ଆଧାର ଏବଂ ପରସ୍ପର ସହିତ ଆମର ପାରସ୍ପରିକ କ୍ରିୟା ହେଉଛି ଏହି ଭୋକ୍ତା ଓ ଭୋଗ୍ୟର ଅନୁଭବ । ଯଦି ଭୋକ୍ତା ଅଗ୍ନି ବଦଳରେ ସୋମ ଭୋକ୍ତାଙ୍କ ସ୍ଥାନ ନେବାକୁ ଚେଷ୍ଟା କରନ୍ତି କିମ୍ବା ଅଗ୍ନି ଭୋକ୍ତାଙ୍କ ରୂପ ନେବାକୁ ଚାହାଁନ୍ତି, ତେବେ ବିପର୍ଯ୍ୟୟ ନିଶ୍ଚିତ ଅଟେ । ଆଜି ଚିନ୍ତା ନକରି କହିବା କିମ୍ବା କରିବା ଅଭ୍ୟାସ ବଢ଼ିବାରେ ଲାଗିଛି । ବିପରୀତ ଅର୍ଥରେ କାର୍ଯ୍ୟ କରିବା ହେଉଛି ସୃଷ୍ଟିର ନୀତିକୁ ଅସ୍ୱୀକାର କରିବା । ନା ପୁରୁଷରେ କୌଣସି ପୁରୁଷତ୍ୱ ରହିବ, ନାହିଁ ନାରୀରେ କୌଣସି ନାରୀତ୍ୱ । ଉଭୟ ଅନ୍ୟ ଜୀବମାନଙ୍କ ପରି ଜୈବିକ ଶରୀର ହୋଇ ରହିବେ । ନା ଭୋକ୍ତା ନା ଭୋଗ୍ୟ !

ଆଜିର ଶିକ୍ଷା ଦ୍ୱାରା ପ୍ରସ୍ତୁତ ପିଢ଼ି ଏହାର ସର୍ବୋତ୍ତମ ଉଦାହରଣ । ବିକଶିତ ଦେଶମାନଙ୍କରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟେ। ଲୋକମାନେ ବର୍ତ୍ତମାନ ପୁସ୍ତକରୁ ବାହାରି ଆସିଛନ୍ତି । ସେ ଅଧ୍ୟୟନ ବିଷୟ, ହେଉ ଅଥବା ବୃତ୍ତି, କିମ୍ବା ଗ୍ଲାମର ବିଷୟରେ । ଟିଭି, ଇଣ୍ଟରନେଟ୍, ମୋବାଇଲ୍ ମନୋରଞ୍ଜନରେ କଠିନ ପରିଶ୍ରମ ଏବଂ ପ୍ରୟାସର ଭାବନାକୁ ବଦଳାଇ ଦେଇଛି ।

ଭବିଷ୍ୟତ ଗଢ଼ିବା ସମୟରେ ଯୁବପିଢ଼ି ବର୍ତ୍ତମାନ ମନୋରଞ୍ଜନ ଦ୍ୱାରା ଜଡିତ ହେଉଛନ୍ତି । ସମାନତାର ସ୍ଲୋଗାନ ଜୀବନର ସବୁଜତାକୁ ଛଡ଼ାଇ ନେଇଛି। ବର୍ତ୍ତମାନ ଯୁବକ ଯୁବତୀ ମାନେ ସଂସ୍କାର ସଭ୍ୟତାକୁ ଭୁଲିଗଲେଣି । ଅଗ୍ନିର ଶକ୍ତି, ଉତ୍ତାପ କିମ୍ବା ଉଜ୍ଜ୍ୱଳତା ଦୃଶ୍ୟମାନ ହୁଏ ନାହିଁ, କି ଶୋଭା କିମ୍ବା ମଧୁରତା । କେବଳ ସମସ୍ତଙ୍କ ଶରୀର ଦୃଶ୍ୟମାନ ହେବ । ଶରୀର ଯାହା ବୁଦ୍ଧିର ଯାନ ପାଲଟିଛି, ଭାବର ଉଚ୍ଚତାକୁ ପ୍ରକାଶ କରେ ନାହିଁ । କୌଣସି ଲକ୍ଷ୍ୟ କିମ୍ବା ପ୍ରଶଂସା ବିନା ଏପରି ପୁରୁଷ ଓ ମହିଳାଙ୍କର କି ପ୍ରକାର ଜାଗା ସୃଷ୍ଟି ହେବ ? ଏହି ଜାଗା ଶାରୀରିକ ଆବଶ୍ୟକତା ପୂରଣ କରେ । ଆମେ ବୁଦ୍ଧି ସହିତ ଏହି ଆବଶ୍ୟକତାକୁ ଯେତେ ଆଗକୁ ବଢାଇବୁ, ଫଳାଫଳ ସେତିକି ଆତ୍ମହତ୍ୟା କରିବ । ଶିକ୍ଷା ନାମରେ ପିଲାମାନେ ସେମାନଙ୍କ ପିତାମାତାଙ୍କୁ ମାନିବା ବନ୍ଦ କରି ଦେଇଛନ୍ତି। ବିବାହ ଏବଂ ଛାଡପତ୍ର ସମାଜରେ ଏକ ଦୀର୍ଘ ପ୍ରକ୍ରିୟା ହୋଇଯାଇଛି । ଜୀବନର ଶୁଦ୍ଧତା ଶୁଦ୍ଧ ଭୋଗରେ ପରିଣତ ହୋଇଛି । ସମସ୍ତ ଶାସ୍ତ୍ର, ଅନୁଭୂତି, ପରମ୍ପରା ଅହଂକାର ସାମ୍ନାରେ ମୂଲ୍ୟହୀନ ହୋଇଗଲାଣି । ଆତ୍ମ ପୂରଣ ବିନା କୌଣସି ସମାନତା ନାହିଁ । କିଏ ଏଠାରେ ଭୋକ୍ତା ହେବାକୁ ଚାହିଁବ ? ଏହି ଧାରଣା ମହିଳାମାନଙ୍କ ମଧ୍ୟରେ ମୂଳୋତ୍ପାଟନ କରିଛି ଯେ ସମାଜ ପୁରୁଷ-ପ୍ରାଧାନ୍ୟ ଅଟେ । ପୁରୁଷମାନଙ୍କ ସହିତ ପ୍ରତିଯୋଗିତା ଆରମ୍ଭ ହୁଏ । ଜଣେ ପୁରୁଷଠାରୁ ଶ୍ରେଷ୍ଠ ହେବାର କୌଣସି ପ୍ରଶ୍ନ ନାହିଁ । ବରଂ, ଯଦି ଆମେ ଟିକିଏ ଗଭୀର ଦେଖାଯାଉ, ସେମାନେ ପୁରୁଷଙ୍କ ପରି ବଞ୍ଚିବାକୁ ଚେଷ୍ଟା କରନ୍ତି । ଏହି ଦୌଡ଼ରେ, ସୋମ, ଯାହା ଅଗ୍ନି ଦ୍ୱାରା ବଳିଦାନ ପାଇଁ ଆକର୍ଷିତ ହୋଇଥିଲା, ତାହା ଅଗ୍ନିରେ ପରିଣତ ହୁଏ । ଫଳସ୍ୱରୂପ, ଦୁହେଁ ନିଆଁ ହୋଇ ସୋମଙ୍କୁ ଖୋଜନ୍ତି । ଅଗ୍ନିରେ ବଳିଦାନ ଜୀବନର ଅସହାୟତା ହୋଇଯାଏ । ଯଦି ଉଭୟେ ଭୋକ୍ତା ଭାବରେ ବଞ୍ଚନ୍ତି, ତେବେ ଜୀବନ ମଧ୍ୟ ଏକ ଭୟଙ୍କର ରୂପ ନେବ । ଘର ଏବଂ ପରିବାର ଜଳିଯିବ। କ୍ରୋଧ ଯେକୌଣସି ବ୍ୟକ୍ତିକୁ ଜାଳିଦିଏ । ଅହଂକାର ମଧ୍ୟ ଉତ୍ତାପର ଏକ ଅଭିବ୍ୟକ୍ତି । କ୍ରୋଧ ହେଉଛି ଏହାର ବିକାଶ । ଏହାର କାରଣ ଶିକ୍ଷା ହେଉଛି ଆତ୍ମ-କେନ୍ଦ୍ରିକତା । ଶିକ୍ଷା କେବଳ ଭୋକ୍ତା ସୃଷ୍ଟି କରୁଛି । ଭୋକ୍ତା ମଧ୍ୟ ଏହି ଶିକ୍ଷାର ଫଳାଫଳ । କାହାର ଭୋକ୍ତା ହେବାକୁ କେହି ପ୍ରସ୍ତୁତ ନୁହଁନ୍ତି । ତେବେ ସମାଜ କିପରି ଗଠନ ହେବ ? ଲୋକମାନଙ୍କ ଦ୍ୱାରା ମନୋନୀତ ଜନସାଧାରଣ ପ୍ରତିନିଧୀମାନେ ମଧ୍ୟ ଭୋକ୍ତା ହୁଅନ୍ତି ଏବଂ ନିଜର ସ୍ୱାର୍ଥ ପାଇଁ ଜୀବନଯାପନ ଆରମ୍ଭ କରନ୍ତି । ଏହା ହେଉଛି ଦୁର୍ନୀତିର ପ୍ରକୃତ ରୂପ । ଗ୍ରହଣ କରିବାର ଅନୁଭବ ଜଣେ ଭୋକ୍ତା କରେ । ଇତିହାସ ସାକ୍ଷୀ ଅଛି ଯେଉଁମାନେ ଛଡ଼ାଇ ନିଅନ୍ତି ଏବଂ ଲୁଟ କରନ୍ତି, ଇତିହାସ ସେମାନଙ୍କୁ ଅସୁର ଭାବେ ତୁଳନା କରିଛି। ଅସୁର ମାନେ କେବେ କାହାକୁ ଦେବା ଜାଣନ୍ତି ନାହିଁ। ଯେଉଁମାନେ ଦିଅନ୍ତି, ଶାସ୍ତ୍ର ସେମାନଙ୍କୁ ପ୍ରଣାମ କରେ। ରାଜା କର୍ଣ୍ଣ ଏବଂ ରାଜା ବାଲିଙ୍କ ନାମ ଏବେ ମଧ ସମସ୍ତଙ୍କ ପାଖେ ସ୍ମରଣୀୟ ।

ଏପରିକି ଭଗବାନ ମଧ୍ୟ ଦେବାରେ ଖୁସି ହୁଅନ୍ତି। ରୀତିନୀତି, ପୂଜା, ଜପ, ଅନୁଷ୍ଠାନ ମାଧ୍ୟମରେ ଆମେ ଭଗବାନଙ୍କ ନିକଟତର ହୋଇପାରିବା । ତା'ପରେ ସେମାନେ ଚାହୁଁଥିବା ଫଳାଫଳ ଦିଅନ୍ତି । କେବଳ ଅଳ୍ପ କିଛି ଦେବତା ଅମୃତ ସୃଷ୍ଟିର ଅଂଶ, ସେମାନେ ସର୍ବଦା ଖୁସି ରହନ୍ତି । ସେ ହେଉଛନ୍ତି ଯିଏ ବ୍ରହ୍ମାଣ୍ଡ ଚଳାନ୍ତି । ଆମର ଭୌତିକ ବ୍ରହ୍ମାଣ୍ଡରେ ମାତାଙ୍କୁ ପାଳକ କୁହାଯାଏ । ସେ ଭୋଗ କରିବାକୁ ଚାହାଁନ୍ତି ନାହିଁ । ଶିକ୍ଷା ମଧ ଏହି ସୁଖକୁ ମାନବିକତାଠାରୁ ଦୂରେଇ ନେଇଯାଏ । ଦୀପ ସମସ୍ତଙ୍କୁ ସମାନ ଆଲୋକ ପ୍ରଦାନ କରେ, ଏପରିକି ଶତ୍ରୁକୁ ମଧ୍ୟ । ଆଜିର ମା କେବଳ ନିଜ ପିଲାମାନଙ୍କର ମାତା ଅଟନ୍ତି । ତା'ର ମାତୃତ୍ୱ କେବଳ ଶରୀରରେ ସୀମିତ ଅଛି । ସେ ନିଜ ପିଲାକୁ ଖାଇବାକୁ ଦେବା ପାଇଁ ବନ୍ଧୁକ ଉଠାଇ ଅନ୍ୟ କୌଣସି ମା'ର ସନ୍ତାନର ଜୀବନ ନେଇପାରେ । ଯେତେବେଳେ କେହି ମଞ୍ଜି ହେବାକୁ ଏବଂ ଏହାକୁ ବୁଣିବାକୁ ଚାହୁଁନାହାନ୍ତି, ତେବେ ଗଛଗୁଡ଼ିକ ଆସିବ କେଉଁଠୁ ? ପୃଥିବୀ ସ୍ୱୟଂଚାଳିତ ଭାବରେ ବନ୍ଧ୍ୟା ରହିବ । ଏହାର ଉତ୍ତାପ ଯୋଗୁଁ ଜଳିବା ଆରମ୍ଭ କରିବ ।



ମାଲକାନଗିରି(ଭାସ୍କରନ୍ୟୁଜ): ମାଲକାନଗିରି ଜିଲ୍ଲାର ଗଣପର୍ବ ତଥା ଲୋକ କଳାର ମହାକୁମ୍ଭ ମାଲ୍ୟବନ୍ତ ମହୋତ୍ସବ ୧୫ ତାରିଖରେ ଉଦଯାପିତ ହୋଇଥିବା ବେଳେ ଏହି ମହୋତ୍ସବ ସହ ଆରମ୍ଭ ହୋଇଥିବା ପଲ୍ଲୀଶ୍ରୀମେଳା ସହ କୃଷି ମେଳା ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲା ଉମାକାନ୍ତ ବାରିକ ଓ ଜୟଶ୍ରୀ ଷଡ଼ଙ୍ଗୀ ଏବଂ ଅନ୍ୟ କଳାକାରଙ୍କ ମଧ୍ୟରେ ସମ୍ବଲପୁରୀ ମେଲୋଡି ନାଇଟ କାର୍ଯ୍ୟକ୍ରମ। ଏହି ଅବସରରେ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ସାଂସଦଙ୍କ ଅନୁପସ୍ଥିତି ରେ ତାଙ୍କ ଜିଲ୍ଲା ପ୍ରତିନିଧି ସଞ୍ଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ସାଧାରଣ, ରାଜସ୍ୱ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରି ନରେଶ ଚନ୍ଦ୍ର ଶବର, ଜିଲ୍ଲା ଓର୍ମାସର ସିଇଓଙ୍କ ସମେତ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ପଲ୍ଲୀଶ୍ରୀ ମେଳାରେ ଲୋକେ ଭରପୁର ମଜା ଉଠାଇ ଥିବା ବେଳେ ଟେରାକୋଟା, ଓରମାସ ଷ୍ଟଲ ଗୁଡିକର ସାମଗ୍ରୀ ଓ ବିଭିନ୍ନ ସ୍ଥାନରୁ ଆସିଥିବା ଘର କରଣା ଉପକରଣ ଗୁଡିକୁ କ୍ରୟ କରିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ସ୍ଥାନୀୟ କଳାକାରଙ୍କ ନୃତ୍ୟ ଗୀତ ସହ ମେଲୋଡିରେ ଲୋକେ ଶିତୁଆ ସନ୍ଧ୍ୟାରେ ଭରପୁର ମଜା ଉଠାଇଥିବା ବେଳେ ୨୦୨୪ ମାଲ୍ୟବନ୍ତ ମହୋତ୍ସବକୁ ବିଦାୟ ଜଣାଇଥିଲେ।

# ନିମ୍ନମାନର ନଦୀବନ୍ଧ କାର୍ଯ୍ୟ, ପ୍ରଶସ୍ତିକରଣ ନାମରେ ଅର୍ଥ ଚଳୁ ମସୁଧା



ନିମାପଡ଼ା(ଭାସ୍କରନ୍ୟୁଜ): ନିମାପଡ଼ା କୁଶଭଦ୍ରା ନଦୀ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଥିବା ବେଳେ ଏହା ଠିକାଦାରଙ୍କୁ ମଉକା ଯୋଗାଉଛି। ଠିକାଦାରଙ୍କର ଏହି ନଦୀବନ୍ଧ ରାସ୍ତାରେ ବ୍ୟାପକ ଲାଭ ହେଉଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଥର ନଦୀବନ୍ଧ କାମରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଥିବା ବେଳେ ନଦୀବନ୍ଧର ସମସ୍ୟା ଦୂର ହେଉ ନାହିଁ। ଏହି ଅର୍ଥ କାହା ପକେଟ୍‌କୁ ଯାଉଛି ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଠା' କୁ ଠା' ବାଲି ମାଫିଆମାନେ ନଦୀବନ୍ଧ କାଟି ଗଡ଼ା କରିଥିବା ବେଳେ ଅନେକ ସ୍ଥାନରେ ନଦୀବନ୍ଧରେ ବର୍ଷା ସମୟରେ ଭୂଷା ପଡ଼ି ଗର୍ତ୍ତ ସୃଷ୍ଟି ହୋଇଥାଏ। ଏପରି ପତଳା ପିଚୁ ନଦୀବନ୍ଧରେ ପଡ଼ିଥିବା ବେଳେ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଛି। ନାମକୁ ମାତ୍ର ନଦୀବନ୍ଧ କାର୍ଯ୍ୟ କରାଯାଉଛି। ମାତ୍ର ଏହା ଜନସାଧାରଣଙ୍କ କାର୍ଯ୍ୟରେ ଆସୁ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା କୁଶଭଦ୍ରା ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ବ୍ୟାପକ ଅର୍ଥ ଚଳୁ କରାଯାଉଛି। ସାମାନ୍ୟ କିଛି ପତଳା ପିଚୁ ପକାଇ ଠିକାଦାର ପ୍ରତ୍ୟେକ ଥର କାର୍ଯ୍ୟ ସମୟରେ ଅର୍ଥ ଲୁଟୁଥିବା ବେଳେ ବିଭାଗୀୟ ଅଧିକାରୀ ନୀରବ ରହିବା ପଛରେ ଅଧିକାରୀଙ୍କର କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ପ୍ରକଟ ହୋଇଛି। ତ୍ରିନାଥ ମାର୍ଗ ଠାରୁ ତରଡ଼ାପଡ଼ା ପର୍ଯ୍ୟନ୍ତ ନଦୀବନ୍ଧ ଅବସ୍ଥା ଦେଖିଲେ ବାରି ହୋଇପଡୁଛି ଠିକାଦାର କିପରି ମନ ଧ୍ୟାନ ଦେଇ କାର୍ଯ୍ୟ କରିଛନ୍ତି ବୋଲି। କେଉଁଠି ୫ ଫୁଟ୍ ଓସାର ତ କେଉଁଠି ୪ ଫୁଟ୍ ଓସାରରେ ସାମାନ୍ୟ ପିଚୁ ପକାଇ ଦେଇଥିବା ବେଳେ କାମ ହେବା ଦୁଇମାସ ନ ପୁରୁଣୁ ପିଚୁ ଉଠି ନଦୀବନ୍ଧ ଆଁ କରୁଛି। ଏପରି ଘଟଣା ବହୁବାର ଘଟିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଗତ ଦୁଇଦିନ ତଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୁଶଭଦ୍ରା ନଦୀବନ୍ଧ ପ୍ରଶସ୍ତିକରଣ ପାଇଁ ଶିଳାନ୍ୟାସ କରିଥିବା ବେଳେ ଠିକାଦାର ନଦୀବନ୍ଧରେ ମାଟି ନ ପକାଇ ନଦୀବନ୍ଧକୁ ଚାଞ୍ଛି ବନ୍ଧର ତାଳୁ ଫଟାଇ ଓସାର ନାମରେ ଅର୍ଥ ଚଳୁ କରିବା ମସୁଧା କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି କୌଣସି ବ୍ୟକ୍ତି ଦୃଷ୍ଟି ଦେଉ ନାହାନ୍ତି। ବାମଝାଟିପାଟଣା ଗ୍ରାମ ନିକଟରେ ନଦୀବନ୍ଧର କେତେଜଣ ବ୍ୟକ୍ତି ଶୌଚାଳୟ ନିର୍ମାଣ କରି ମଇଳା କୁଶଭଦ୍ରା ନଦୀକୁ ଛାଡୁଛନ୍ତି। ଅନ୍ୟ କେତେକ ବ୍ୟକ୍ତି ବନ୍ଧରେ ଗୁହାଳ ନିର୍ମାଣ କରିଛନ୍ତି। ଯେପରି ନଦୀବନ୍ଧଟି ସେମାନଙ୍କର ସଂପତ୍ତି ବୋଲି ଭାବି ନେଇଛନ୍ତି। ଘଟଣା ସଂପକର୍ରେ ବହୁବାର ଅଭିଯୋଗ ହୋଇଛି। ମାତ୍ର ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରି ସବୁ ଚାଲିଥିବା ବେଳେ କ'ଣ ପାଇଁ ବିଭାଗୀୟ ଅଧିକାରୀ ନୀରବ ସାଜିଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣଙ୍କର ମତପ୍ରକାଶ ପାଇଛି।

ଧାନର ଅଭାବୀ ବିକ୍ରି

# ମିଲର୍-ଯୋଗାଣ ବିଭାଗର ମଧୁଚନ୍ଦ୍ରିକା: ଚିନ୍ତାରେ ଚାଷୀ



ଗୋପ(ଭାସ୍କରନ୍ୟୁଜ): ସରକାର ଚାଷୀ ମାନଙ୍କ ନିମନ୍ତେ ଧାନର ଦେୟ ୩୧୦୦ ଟଙ୍କା ରଖିଥିବା ବେଳେ ଏହା ଚାଷୀ ମାନଙ୍କୁ ଉତ୍ସାହିତ କରିଛି। ମାତ୍ର ଯୋଗାଣ ବିଭାଗ ଓ ମିଲରଙ୍କ ଷଡଯନ୍ତ୍ର ଯୋଗୁଁ ଏବେ ପୁରୀ ଜିଲ୍ଲାରେ ମଣ୍ଡି ଖୋଲିବାକୁ ନେଇ ଅଚଳାବସ୍ଥା ଦେଖାଦେଇଛି। ଅନ୍ୟ ଜିଲ୍ଲାରେ ମଣ୍ଡି ଖୋଲି ଯାଇ ଚାଷୀ ଧାନ ବିକ୍ରୀ କରିବା ସହିତ ସରକାରଙ୍କ ଇନପୁଟ୍ ସବସିଡି ପାଇ ସାରିଥିବା ବେଳେ ପୁରୀ ଜିଲ୍ଲା ଚାଷୀ ଧାନ ଅମଳ କରି ସ୍ଥାନୀୟ ମିଲରଙ୍କୁ ମାତ୍ର ୧୭୦୦ ଟଙ୍କାରେ ବିକ୍ରୀ କରିବାକୁ ବାଧ୍ୟ ହେଉଛନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ବର୍ଷ ଧାନ ଚାଷ ନିମନ୍ତେ ଅନୁକୂଳ ପାଗ ଦେଇଥିବାରୁ ଚାଷୀମାନେ ଅଧିକ ମାତ୍ରାରେ ଧାନ ଅମଳ କରିଛନ୍ତି। ମାତ୍ର ମଣ୍ଡି ଖୋଲିବା ବିଳମ୍ବ ଏବଂ ସାହୁକାରଙ୍କ ଠାରୁ ଆଣିଥିବା ଅର୍ଥକୁ ସୁଝିବା ନିମନ୍ତେ ସେମାନେ ସ୍ଥାନୀୟ କେତେକ ମିଲରଙ୍କ ଦଲାଲଙ୍କୁ ଧାନ ବିକ୍ରୀ କରିବାକୁ ବାଧ୍ୟ ହେଉଛନ୍ତି। ପ୍ରତ୍ୟହ ଗୋପ ବ୍ଲକର ଗଣେଶ୍ୱରପୁର, ଡଭାର, ନାଗପୁର, ଅଣ୍ଡରା ଇଚ୍ଛାପୁର, ନୂଆଖୋଲମରା, ରାହାଙ୍ଗରଡା ଓ କୁଆଁପଡା ପ୍ରଭୃତି ପଞ୍ଚାୟତର ଚାଷୀଙ୍କଠାରୁ ପ୍ରାୟ ୧୫ ରୁ ୨୦ ଖଣ୍ଡ ଗାଡିରେ ଧାନ ବୁହା ଚାଲିଛି। ଏହାକୁ ଖୁଲମଖୁଲା ମିଲରମାନେ କମ୍ ଦରରେ କିଣି ମୁନାଫା ଉଠାଉଥିବା ବେଳେ ଯୋଗାଣ ବିଭାଗର ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ମିଲରମାନେ ମାଲୋମାଲ ହେଉଛନ୍ତି। ଗାଁରେ ବୁଲୁଛନ୍ତି ମିଲରଙ୍କ ଦଲାଲ। ଦଲାଲ ମାନେ ସିଧାସଳଖ ଚାଷୀଙ୍କଠୁ ଜମି ନିକଟରୁ ଧାନ କିଣିବା ସହ ମିଲରଙ୍କୁ ପ୍ରଦାନ କରୁଛନ୍ତି। ମଣ୍ଡି ଖୋଲିବା ବିଳମ୍ବିତ ହେବାରୁ ମିଲରଙ୍କ ପାଖରେ ଟନ୍ ଟନ୍ ଧାନ ଏବେ ଗଚ୍ଛିତ ରଖିସାରିଛନ୍ତି। ଯାହାର ସିଧାସଳଖ ମଣ୍ଡିରେ ଧାନ କିଣିବା ସମୟରେ ପ୍ରତିଫଳିତ ହେବ। ମିଲର ମାନେ ନିଜ ଧାନ କିଣିବା ଟାର୍ଗେଟ ପୂରଣ କରି ସାରିଥିବାରୁ ମଣ୍ଡିରେ ଧାନ କିଣିବା ସମୟରେ ସେମାନେ ଯୋଗାଣ ବିଭାଗ ସହିତ ମିଶି ପୁରୁଣା କାରସାଦି କରିବା ଏବଂ କମ୍ ଗ୍ରେଡ୍‌ର ଧାନ କହି କମ୍ ଦାମ୍‌ରେ ଧାନ କିଣିବା ସହିତ କଟନି ଛଟନି ଭଳି ଚାଷୀକୁ ଶୋଷଣ କରିବା ନିମନ୍ତେ ଭିତିରିଆ ପ୍ରୟାସ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଏନେଇ ଗୋପ ବ୍ଲକ ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ କହିଛନ୍ତି ଯେ, ଏବେ ସରକାରଙ୍କ ତରଫରୁ ସମସ୍ତ ମିଲ୍‌କୁ ଯଦି ଯାଞ୍ଚ କରାଯିବ ତେବେ ଧାନ କିଣାର ରହସ୍ୟ ଖୋଲିଯିବ। ତୁରନ୍ତ ସରକାର ଧାନମଣ୍ଡି ଖୋଲିବା ସହ ମିଲରଙ୍କ ରାଜୁତି ବନ୍ଦ କରବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ କହିଛନ୍ତି ଯେ, ଆସନ୍ତା ଜାନୁଆରି ୭ରେ ମଣ୍ଡି ଖୋଲିବ। ଚାଷୀ ବେପାରିଙ୍କୁ ଧାନ ବିକ୍ରି ନକରି ମଣ୍ଡିରେ ଧାନ ଦେବାକୁ କହିଛନ୍ତି।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ



ବାରିପଦା(ଭାସ୍କରନ୍ୟୁଜ): ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ। ଅଭିଭାଷଣରେ ପ୍ରଫେସର ତ୍ରିପାଠୀ ମହାରାଜାଙ୍କ ଓଡ଼ିଶା ତଥା ମୟୂରଭଞ୍ଜ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣରେ ମହାରାଜାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣା ଓ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ



କୋରେଇ(ଭାସ୍କରନ୍ୟୁଜ): ମାନବ ସେବା ହିଁ ମାଧବ ସେବା, ସେବାକୁ ଓଲଟାଇ ଦେଲେ ବାସେ। ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବୀର ଯଯାତି ସେବା ସଂଘ ଦ୍ୱାରା ଚଳିତ ବର୍ଷର ଶୀତ ପ୍ରବାହକୁ ଦେଖି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ସଂଗଠନର ସଦସ୍ୟ ନିଜସ୍ୱ ଉଦ୍ୟମରେ କିଛି ଅର୍ଥ ନିରାଶ୍ରୟ, ଅସହାୟ, ମାନସିକ ବିକାରଗ୍ରସ୍ତ ଲୋକେ କିଭଳି ଶୀତରୁ ରକ୍ଷା ପାଇବେ ସେଥିପାଇଁ କମ୍ବଳ ବଣ୍ଟନ ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଜପୁର ଜିଲ୍ଲା କିନ୍ନର ସଂଘର ସଭାପତି କାଜଲ ନାୟକ, ଅଧ୍ୟାପକ ଦେବିପ୍ରସାଦ ଦାସ ଯୋଗ ଦେଇଥିଲେ। ପ୍ରଥମେ ପାଣିକୋଇଲି ସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ବେଳେ କୁଆଖିଆ ଛକ, ପାଣିକୋଇଲି ଛକ, ଯାଜପୁର ରୋଡ ରେଳଷ୍ଟେସନ, ବ୍ୟାସନଗର ଆହର କେନ୍ଦ୍ର ଭଳି ପ୍ରମୁଖ ସ୍ଥାନରେ ରାତ୍ରୀଯାପନ କରିଥିବା ୫୦ରୁ ଉର୍ଦ୍ଧ ନିରାଶ୍ରୟଙ୍କୁ କମ୍ବଳ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ବୀର ଯଯାତୀ ସେବା ସଂଘ ପରିଚାଳକ ପ୍ରହଲ୍ଲାଦ ଦେଓ, ଗୋପୀନାଥ ମହାପାତ୍ର, ରାଜେନ୍ଦ୍ର ସାହୁ, ଅରୁଣ କୁମାର ଦାସ, ମୁନା ବିଶ୍ୱାଳ, ଚନ୍ଦନ ସାହୁ, କଳ୍ପତରୁ ବେହେରା, ମାନସ ରାଉତ, ବଳରାମ ମହାରଣା, କରନ୍ ସିଂ, ସ୍ମିତା ସାମଲ, କାହ୍ନୁ ବିଶ୍ୱାଳ, ରାକେଶ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଖରିଫ ଧାନମଣ୍ଡିର ଶୁଭାରମ୍ଭ କଲେ ଜିଲ୍ଲାପାଳ



ରାୟଗଡ(ଭାସ୍କର ନ୍ୟୁଜ): ମଙ୍ଗଳବାର ୧୧ ଘଟିକାରେ ଜିଲ୍ଲାପାଳ ରାୟଗଡାଙ୍କ କରକମଳରେ ଚଳିତ ଖରିଫ ଋତୁ ୨୦୨୪-୨୫ ଧାନ କିଣା ନିମନ୍ତେ ନିୟନ୍ତ୍ରିତ ବଜାର କମିଟି ରାୟଗଡାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ସମାରୋହରେ ଦାଶରଥି ସୋରେନ, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ରାୟଗଡା, ସୀତାପତି କରୁଣାକାର ମାଝୀ, ଉପନିବନ୍ଧକ, ସମବାୟ ସମିତି ସମୂହ, ରାୟଗଡା, ବାଲାଗାଡି ତିରୁପତି, କେସିସି, ବ୍ୟାଙ୍କ ଡାଇରେକ୍ଟର ଓ କେ.ଏସ ରାଜୁ, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ରାୟଗଡା ଉପସ୍ଥିତ ଥିଲେ। ସମାରୋହରେ ମଧ୍ୟ ସମ୍ପୃକ୍ତ ଭିଭାଗୀୟ ଅଧିକାରୀ ବୃନ୍ଦ, ଚାଷୀ ଏବଂ ଚାଷୀ ପ୍ରତିନିଧି ଯୋଗଦାନ କରିଥିଲେ। ଏହି ଶୁଭାରମ୍ଭ କାର୍ଯକ୍ରମ ଅବସରରେ ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ମାନର ଧାନମଣ୍ଡିକୁ ଆଣି ବିକ୍ରି କରିବା ସହିତ ସରକାରଙ୍କ ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା କୁଇଣ୍ଟାଲ ପ୍ରତି ଏବଂ ଇନପୁଟ୍ ସହାୟତା ୮୦୦ ଟଙ୍କା (ସର୍ବମୋଟ ୩୧୦୦ ଟଙ୍କା) କୁଇଣ୍ଟାଲ ପ୍ରତିର ଲାଭ ଉଠେଇବା ପାଇଁ ସଚେତନ କରାଗଲା।

# ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼: ଜଣେ ଅଟକ



କାକଟପୁର(ଭାସ୍କରନ୍ୟୁଜ): ସୋମବାର ବିଳମ୍ବିତ ରାତ୍ରିରେ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ କଟକଣା ଛକର ଏକ ଚିକେନ କାଉଣ୍ଟର ବ୍ୟବସାୟୀ ଏସ.କେ ସଦାମଙ୍କ ଉପରକୁ ବୋମା ମାଡ ହୋଇଛି। ବୋମା ମାଡରେ ସଦାମଙ୍କ ବାଇକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସଦାମଙ୍କ ଗୋଡ଼ରେ ଆଘାତ ଲାଗିଛି। ତେବେ ସଦାମ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୂର୍ବ ଶତ୍ରୁତା କାରଣରୁ ସେକ୍ ଜୁନେଦ୍ ଓରଫ ଗୋରା ଦୁଇଟି ବମ୍ ଫିଙ୍ଗିଥିଲା। ଗୋଟିଏ ବୋମା କାନ୍ଥ ରେ ବାଜିଥିବାବେଳେ ଦ୍ୱିତୀୟ ଟି ସଦାମ୍ ବସିଥିବା ବାଇକ୍ ଉପରେ ପଡିଥିଲା। ଫଳରେ ସଦାମଙ୍କ ଗୋଡ଼ରେ ଗଭିର କ୍ଷତ ହେବା ସହିତ ବାଇକଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବୋମା ଫିଙ୍ଗିଥିବା ଯୁବକ ସେକ ଜୁନେଦକୁ ରାତି ରାତି ପୋଲିସ୍ ଗିରଫ କରିଛି। ଅପର ପକ୍ଷରେ ପୁରୀଜିଲ୍ଲା ଫରେନସିକ ସାଇନ୍ସ ଲାବ୍ରୋଟେରୀର ଫରେନସିକ ଅଫିସର ଆଦିତ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ଆସି ଘଟଣା ସ୍ଥଳରେ ଛନଭିନ କରିଛି।

# ଧଳା ଜହର ବ୍ୟବସାୟର ପେଣ୍ଠସ୍ଥଳୀ ନିମାପଡ଼ା

ନିମାପଡ଼ା(ଭାସ୍କରନ୍ୟୁଜ): ନିମାପଡ଼ା ପାଲଟିଛି ଧଳା ଜହର ବ୍ୟବସାୟୀଙ୍କର ପେଣ୍ଠସ୍ଥଳୀ। ପ୍ରେତ୍ୟକ ଦିନ ନିମାପଡ଼ା ଅଞ୍ଚଳରେ ବ୍ୟାପକ ପରିମାଣରେ ଧଳା ଜହର ବ୍ୟବସାୟ ହେଉଥିବା ବେଳେ ଧଳା ଜହର ବ୍ୟବସାୟୀମାନେ ରାତି ଦିନ ଜହର ବ୍ୟବସାର କରି ଯୁବେଗାଷ୍ଠୀଙ୍କୁ ବିକ୍ରି କରୁଥିବାରୁ ଯୁବାଗାଷ୍ଠୀ ଜହର ଖାଇ ବିପଥଗାମୀ ହେବା ସହ ଅପରାଧିକ କାର୍ଯ୍ୟ କରୁଛନ୍ତି। ଏହି ଧଳା ଜହର ବ୍ୟବସାୟୀମାନଙ୍କୁ ଧରା ନଗଲେ ଆଗାମୀ ଦିନରେ ନିମାପଡ଼ା ଅଞ୍ଚଳରେ ଯୁବଗୋଷ୍ଠୀ ମାନଙ୍କ ପାଇଁ ବିପଦ ଡ଼ାକି ଆଣୁଛି ବୋଲି ମତ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଡ଼େଣୁଆଁ ପଞ୍ଚାୟତ ଠାରୁ ତରଡ଼ାପଡ଼ା ପର୍ଯ୍ୟନ୍ତ କୁଶଭଦ୍ରା ନଦୀବନ୍ଧ ଓ ନଦୀପଠା ପାଲଟିଛି ଧଳା ଜହର ବ୍ୟବସାୟୀଙ୍କର ଆଡ୍ଡାସ୍ଥଳୀ। ଅରିଷଣ୍ଡ ପଞ୍ଚାୟତ ତାଳବଣିଆ ପଡ଼ିଆରେ ପ୍ରତ୍ୟକ ଦିନ ବ୍ୟାପକ ମାତ୍ରାରେ ଧଳା ଜହର ବିକ୍ରି କରାଯାଉଛି। ବାଘସାହି ରାସ୍ତା, ନାଳବନ୍ଧ ରାସ୍ତା ଆଦି ସମସ୍ତ ସ୍ଥାନରେ ଧଳା ଜହର ବ୍ୟବସାୟୀମାନେ ଧଳା ଜହର ବିକ୍ରି କରୁଛନ୍ତି। ଏହାକୁ ଖାଇ ଯୁବେଗାଷ୍ଠୀ ରାତ୍ରଦିନ ଢୁଳାଉ ଥିବା ବେଳେ ଧଳା ଜହର ବ୍ୟବସାୟୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ପ୍ରତ୍ୟକ ଦିନ ରାତ୍ର ସମୟରେ ଧଳା ଜହର ଠାରୁ ଆରମ୍ଭ କରି ଗଞ୍ଜେଇ ଦେଶୀ ମଦ ପର୍ଯ୍ୟନ୍ତ ଏହି ବନ୍ଧ ବାଟେ ଚାଲଣ କରାଯାଉଛି। ପ୍ରତ୍ୟକ ସ୍ଥାନରେ ଏପରି ନିଶା କାରବାର ବଢ଼ିଥିବା ବେଳେ ଏ ଦିଗରେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବେ ନୀଳଗିରି ରାଜଦମ୍ପତି



ଭଣ୍ଡାରିପୋଖରୀ(ଭାସ୍କରନ୍ୟୁଜ): ଏହି ବ୍ଲକର ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ଗ୍ରାମରେ ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଓ ରାଣୀ ମନୋଜା ମଞ୍ଜରୀ ଦେବୀ ମୁଖ୍ୟ ପୁରୋଧା ଭାବେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଆଗାମୀ ମାଘ ସପ୍ତମୀରୁ ଆରମ୍ଭ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବରେ ଓଡିଶା ସଂସ୍କୃତି, ସାହିତ୍ୟ, ଉଚ୍ଚଶିକ୍ଷା, କୀଡା ଓ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଯୋଗ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମର କେଳୁଚରଣ ସାହୁ, ନାରାୟଣ ସାହୁ, ନିତ୍ୟାନନ୍ଦ ପଣ୍ଡା, ଗୋପାଳ ପଣ୍ଡା, ଅଶୋକ କୁମାର ପାଣିଗ୍ରାହୀ, ନରନାରାୟଣ ପରିଡା, ପ୍ରଭାତ ସାମଲ, ଦୁଃଶାସନ ରାଉତ, ହୃଦାନନ୍ଦ ପରିଡା, ମୁରଲିଧର ସାହୁ, ପଙ୍କୁଆ ପ୍ରମୁଖ ପ୍ରତିଷ୍ଠା ଉତ୍ସବର ନିମନ୍ତ୍ରଣ ପତ୍ର ପୁରୋଧା ଓ ଅତିଥିମାନଙ୍କୁ ପ୍ରଦାନ କରିଥିଲେ।

# ଚିଲିକାରୁ ୨୯ ମୃତ ବିଦେଶୀପକ୍ଷୀ ଜବତ: ଶିକାରୀ ଗିରଫ



ବାଲୁଗାଁ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିନସ୍ଥ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ବାଲିନାସୀ ରଘୁରାୟ ଘେରି ନିକଟରେ ବନ୍ୟପ୍ରାଣୀ ବିଭାଗ ଚଢ଼ାଉ କରି ୨୯ ଗୋଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟାଙ୍ଗୀ ଥାନା ଉଜଳା ଗୋପୀନାଥପୁର ଗ୍ରାମର ଆଲୋକ ପ୍ରଧାନ (୨୮) ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଏକ ବାଇକ, ବାଇନୋକୁଲାର, ମୋବାଇଲ ଫୋନ ଆଦି ଜବତ ହୋଇଛି। ଉକ୍ତ ଚଢ଼ାଉରେ ଫରେଷ୍ଟଗାର୍ଡ ଜାନକୀ ସାହୁ, ମିନାକୁମାରି ନାୟକ, ନିରଞ୍ଜନ ମହାରଣା, ସୁରକ୍ଷାକର୍ମୀ ବାପି ବେହେରା, ସୁଶାନ୍ତ ସ୍ୱାଇଁ ଆଦି ସାମିଲ ଥିଲେ। ତେବେ ଗିରଫ ପକ୍ଷୀ ଶିକାରୀ କଇଁନାଡରେ ବିଷ ପ୍ରୟୋଗ କରି ପକ୍ଷୀ ଶିକାର କରୁଥିଲେ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।

# ଶ୍ମଶାନ ଗୃହ ନଥିବାରୁ ରାସ୍ତା ପାର୍ଶ୍ୱରେ ଶବ ଦାହ କଲେ ଗ୍ରାମବାସୀ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଶ୍ମଶାନଗୃହ ନ ଥିବାରୁ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଶବ ଦାହ କଲେ ଗ୍ରାମବାସୀ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ରଘୁନାଥପୁର ମୁଖ୍ୟ ରାସ୍ତା ସାଦେଇପୁର ନିକଟରେ। ସାଦେଇପୁର ଓ ଦେଉଳିସାହି ମୌଜାରେ ଶ୍ମଶାନଗୃହ ନ ଥିବାରୁ ଗ୍ରାମବାସୀ ରାସ୍ତା ପାର୍ଶ୍ୱରେ ଶବଦାହ କରିବାକୁ ବାଧ୍ୟ ହେଉଛନ୍ତି। ଯାହାକି ଉକ୍ତ ମୌଜାରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିବାରୁ ଶବକୁ ଗ୍ରାମବାସୀ ସାଦେଇପୁର ନିକଟ ରାସ୍ତା ପାର୍ଶ୍ୱରେ ଦାହ କରିବାକୁ ବାଧ୍ୟ ହୋଇଛନ୍ତି। ସାଦେଇପୁର ଓ ଦେଉଳିସାହି ମୌଜାରେ ଶ୍ମଶାନଗୃହ ନ ଥିବାରୁ ଏଭଳି ଅସୁବିଧା ଯୋଗୁ ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଅଶାନ୍ତି ପ୍ରକଟ କରି ଓ ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଶ୍ମଶାନ ଗୃହ ନିର୍ମାଣ କରିବାକୁ ଦାବି ରଖିଛନ୍ତି

# ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ଧାମନଗର(ଭାସ୍କରନ୍ୟୁଜ): ଧାମନଗର ଥାନା ଅନ୍ତର୍ଗତ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ନିକଟ ବୈତରଣୀ ନଦୀର ବାଲି ଉପରୁ ମଙ୍ଗଳବାର ସକାଳେ ଏକ ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ଖବରପାଇ ଧାମନଗର ଥାନା ଅଧିକାରି ଫନି ଭୂଷଣ ନାୟକ, ଏସଆଇ ପ୍ରଦୀପ ନାୟକ, ଏଏସ ଆଇ ନେପାଳ ଶାହା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। ଧାମନଗର ତହସିଲଦାର ଦୀପକ ଦାସ ଘଟଣା ସ୍ଥଳ ରେ ମଧ୍ୟ ପହଂଚି ଥିଲେ।ପରେ ସବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ବେଳେ ଏକ ଅପ ମୃତ ମାମଲା ୩୫/୨୪ ରୁଜୁ କରା ଯାଇ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ

ଭାପୁର(ଭାସ୍କରନ୍ୟୁଜ): ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ଅବସ୍ଥିତ ନଟବର ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟସ୍ଥିତ ସିଦ୍ଧାର୍ଥ ସ୍ମୃତି ମଣ୍ଡପରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବ୍ଲକ ଓଷ୍ଟା ଶିକ୍ଷକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ମୁଖ୍ୟବକ୍ତା ପ୍ରାଧ୍ୟାପକ ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ରାଜ୍ୟ ଓଷ୍ଟା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ଭାପୁର ବ୍ଲକ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ଅକ୍ରୁର ରାଉତ ପ୍ରମୁଖ ଯୋଗଦାନ କରି ଶିଶୁ ମହୋତ୍ସବକୁ ଉଦଘାଟନ କରିଥିଲେ।

# ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ

ବାରିପଦା(ଭାସ୍କରନ୍ୟୁଜ): ସାରା ଓଡିଶା ଏବେ ଶୀତରେ ଥରୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ମଧ୍ୟ କିଛି ଦିନ ହବ ଶୀତର ଅନୁଭୂତି ବେଶ ଅନୁଭୂତ ହଉଛି। ଏହାକୁ ଆଖି ଆଗରେ ରଖି ନିରାଶ୍ରୟ ଏବଂ ମାନସିକ ବିକାରଗ୍ରସ୍ତ ଲୋକଙ୍କୁ କମ୍ବଳ ବାଣ୍ଟିବାର ନିଆରା ପ୍ରୟାସ ଜାରି ରଖିଛନ୍ତି ଯୁବ ସମାଜସେବୀ ଶୁଭମ ପାଣି। ଏଥିରେ ତାଙ୍କୁ ତାଙ୍କର ସହଯୋଗୀ ମାନେ ମଧ୍ୟ ତାଙ୍କୁ ସାହାର୍ଯ୍ୟ କରୁଥିବାର ନଜର ଆସିଛି। ତାପସ, ଅମୀୟ, ଆକାଶ, ସରୋଜଙ୍କ ପରି କିଛି ଯୁବକଙ୍କୁ ନେଇ ଏଇ କାର୍ଯ୍ୟକ୍ରମ କିଛି ବର୍ଷ ହବ ଆରମ୍ଭ ହେଇଛି। ଶ୍ରୀ ପାଣିଙ୍କ ନିଆରା ଉଦ୍ୟମ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି(ଭାସ୍କରନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମ ପଞ୍ଚାୟତ ବାଣୀନଗର(ବାଣୁଆସାହି) ଗ୍ରାମର ସ୍ୱର୍ଗତ ଗୋପାଳଚନ୍ଦ୍ର ରାଉତଙ୍କ ଧର୍ମପତ୍ନୀ ପ୍ରମିଳା ରାଉତ(୬୦)ଙ୍କର ଗତକାଲି ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜାମାତା ସାମ୍ବାଦିକ ପ୍ରଶାନ୍ତ କୁମାର ନାୟକ, ଗୌତମ ରାଉତ, କନ୍ୟା ସସ୍ମିତା ଓ ରଶ୍ମିତା, ପୁତୁରା ଉତ୍ତମଙ୍କ ସମେତ ନାତି ନାତୁଣୀ ଭଉଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ସାନଭାଇ କୈଳାସ ଚନ୍ଦ୍ର ବେଉରା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ,ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ସରପଞ୍ଚ ଦିଲିପ କୁମାର ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ଜୟଦେବ ରାଉତ ପ୍ରମୁଖ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ବାରିକପୁର ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ(ଭାସ୍କରନ୍ୟୁଜ): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ଉଦଘାଟନ କରିଥିଲେ। ରାଜ୍ୟ ଓଷ୍ଟା ପ୍ରାକ୍ତନ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ବେହେରା, ଡା ନିରଞ୍ଜନ ଓଝା, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ରବିନ୍ଦ୍ର କୁମାର ନନ୍ଦ, ମଧୁସୂଦନ ମହାନ୍ତି, ପୁରୁଷୋତ୍ତମ ଧଳ, ପ୍ରତାପ ଘଡେଇ, ଉତ୍କଳ କେଶରୀ ବିଶ୍ୱାଳ, ଘନଶ୍ୟାମ ସ୍ୱାଇଁ, ସୁବାସ ଚନ୍ଦ୍ର ଗୋଚ୍ଛାୟତ, ତପସ୍ୱିନୀ ସେନାପତି, ଶିକ୍ଷାସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ଉପଯୋଗୀତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନଶିକ୍ଷୟତ୍ରୀ ପ୍ରତିଭା ଶତପଥି ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ, ଶିକ୍ଷୟତ୍ରୀ ପ୍ରଜ୍ଞାପାରମିତା ପତି ସ୍ୱାଗତ ଭାଷଣ, ପ୍ରଭାତୀ ମହାରଣା ଉଦ୍ଦେଶ୍ୟ ଜ୍ଞାପନ ଓ ମଞ୍ଜୁଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ନିଳିମା ପଣ୍ଡା, ମାନସୀ ମାଝୀ, ସଞ୍ଜିତା ନାୟକ, ଶିକ୍ଷକ ସଦାଶିବ ପତି, ପ୍ରଦୀପ ମହାକୁଡ ଉତ୍ସବ ପରିଚାଳନା କରିଥିଲେ।

# ପଲିଟେକ୍ନିକ୍ ଛାତ୍ରଛାତ୍ରୀଙ୍କ ଲାଗି ଶିଳ୍ପ ପରିଦର୍ଶନ ଆୟୋଜନ କରିଛି ବେଦାନ୍ତ ଲାଞ୍ଜିଗଡ଼




ଲାଞ୍ଜିଗଡ଼(ଭାସ୍କର ନ୍ୟୁଜ): ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲାଞ୍ଜିଗଡ଼, ଭାରତର ଅଗ୍ରଣୀ ସ୍ମେଲ୍ଟର ଗ୍ରେଡର ଆଲୁମିନିୟମ ନିର୍ମାତା ଓ ବେଦାନ୍ତ ଆଲୁମିନିୟମ ଏକ ୟୁନିଟ ଭବାନିପାଟଣାରେ ପଲିଟେକନିକ ସରକାରୀ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଲାଗି ଏକ ବ୍ୟାପକ ଶିଳ୍ପ ପରିଦର୍ଶନ ଆୟୋଜନ କରିଥିଲା। ଏହି ଗସ୍ତରେ ଲାଞ୍ଜିଗଡ଼ରେ ବେଦାନ୍ତର ବିଶ୍ୱ ସ୍ତରୀୟ ଆଲୁମିନା ରିଫାଇନାରୀର ଏକ ବିସ୍ତୃତ ପ୍ଲାଣ୍ଟ ପରିଦର୍ଶନ ଅନ୍ତର୍ଭୁକ୍ତ ଥିଲା, ଯାହା ଛାତ୍ରଛାତ୍ରୀଙ୍କୁ ଆଲୁମିନା ଉତ୍ପାଦନ ପ୍ରକ୍ରିୟା ଓ ଶିଳ୍ପ ସଂସ୍ଥା ଉପରେ ଜ୍ଞାନ ପ୍ରଦାନ କରିଥିଲା। ଏହି ପଦକ୍ଷେପ ତାତ୍ତ୍ୱିକ ଶିକ୍ଷା ଓ ବ୍ୟବହାରିକ କୌଶଳ ମଧ୍ୟରେ ଏକ ସେତୁ ଭାବରେ ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ଉତ୍ପାଦନ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲା। ଏହି ଶିଳ୍ପ ପରିଦର୍ଶନ ବେଦାନ୍ତ ଲାଞ୍ଜିଗଡ଼ର ଓଡ଼ିଶାର ସୁଦୂର ଅଞ୍ଚଳରେ ଦକ୍ଷତା ବିକାଶ ଓ ଶିଳ୍ପ ଏକାଡେମୀ ସହଯୋଗକୁ ବଢାଇବା ଲାଗି ଏକ ପ୍ରୟାସର ଅଂଶ ଥିଲା। ବେଦାନ୍ତ ନିୟମିତ ଭାବରେ ଦକ୍ଷତା ଜ୍ଞାନକୌଶଳ, ତାଲିମ, ଇଣ୍ଟର୍ନଶିପ ଓ କର୍ମଶାଳା ମାଧ୍ୟମରେ କର୍ମକ୍ଷେତ୍ରରେ ଉନ୍ନତି ଲାଗି ଆବଶ୍ୟକୀୟ ଜ୍ଞାନକୌଶଳ ପ୍ରସାର କରିଥାଏ। ବୃତ୍ତିଧାରୀଙ୍କୁ ତାଙ୍କ କର୍ମ ପଥରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବା ଏହାର ଲକ୍ଷ୍ୟ। ଏହି ପଦକ୍ଷେପ ଉପରେ ମତ ଦେଇ ପ୍ରଣବ କୁମାର ଭଟାଚାର୍ଯ୍ୟ, ସିଇଓ-ଆଲୁମିନା ବିଜିନେସ, ବେଦାନ୍ତ ଲିଃ କହିଛନ୍ତି ଯେ ବେଦାନ୍ତରେ ଆମର ଦୃଷ୍ଟିକୋଣ ହେଉଛି ଆଜିର ଯୁବକମାନଙ୍କୁ ସ୍ଥାୟୀ କ୍ୟାରିୟର ସୁଯୋଗ ପ୍ରଦାନ କରିବା। ଏଥିପାଇଁ ଜ୍ଞାନ କୌଶଳ ଓ ଏକ୍ସପୋଜର ସହ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ। ଏହି ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପ୍ରଥମେ ଶିଳ୍ପ ସହ ଜଡ଼ିତ ହେବାର ସୁଯୋଗ ପ୍ରଦାନ କରି ଆମେ ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ଼ ମୂଳଦୁଆ ନିର୍ମାଣ କରିବାକୁ ଆଶା କରିଛୁ। ଶଶିକାନ୍ତ ବେହେରା ଅଧ୍ୟାପକ କହିଛନ୍ତି ଯେ ଏହି ପରିଦର୍ଶନ ଆମ ଛାତ୍ରଛାତ୍ରୀଙ୍କ ଲାଗି ଏକ ମୂଲ୍ୟବାନ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିବ। ଏହା କେବଳ ସେମାନଙ୍କୁ ପ୍ରେରଣା ନୁହେଁ ବରଂ ସେମାନଙ୍କୁ ଶିଳ୍ପ ଓ ଆଗାମୀ ସମ୍ଭାବ୍ୟ କ୍ୟାରିୟର ଚୟନ ପାଇଁ ଉତ୍ତମ ଜ୍ଞାନ ପ୍ରଦାନ କରିବ। ସେମାନଙ୍କୁ ନିଜ କ୍ୟାରିୟର ମାର୍ଗ ବାଛିବାରେ ଏହି ପ୍ରଦର୍ଶନ ସହାୟକ ହେବ।

# କୃଷି ବିଜ୍ଞାନ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ

ଛତ୍ରପୁର(ଭାସ୍କରନ୍ୟୁଜ): କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ର ଚତୁର୍ଦ୍ଦଶ ଉପଦେଷ୍ଟା ମଣ୍ଡଳୀ ବୈଠକ ମଙ୍ଗଳବାର ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂପ୍ରସାରଣ ନିର୍ଦ୍ଦେଶାଳୟ(ଓୟୁଏଟି) ର ସଂପ୍ରସାରଣ ଡିନ୍ ପ୍ରାଧ୍ୟାପକ ପ୍ରସନ୍ନଜିତ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁଜିତ୍ କୁମାର ନାଥ କେନ୍ଦ୍ରର ବର୍ଷ ସମ୍ପର୍ଣ୍ଣ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆସନ୍ତା ବର୍ଷର ଖସଡା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଂପ୍ରସାରଣ ଯୁଗ୍ମ-ନିର୍ଦ୍ଦେଶକ ଡ.ପ୍ରଶାନ୍ତ କୁମାର ମହାନ୍ତି ବୈଠକ ପରିଚାଳନା କରିଥିଲେ। କଲକତା ଅଟାରୀର ମୁଖ୍ୟ ବୈଜ୍ଞାନିକ ଡ. ଅଭିଜିତ




ହାଲଦାର ଓ ଟେସ୍ ଭୁବନେଶ୍ୱରର ଡ. ଶ୍ରୀନିବାସନ ଆଭାସି ମାଧ୍ୟମରେ ବୈଠକରେ ଯୋଗ ଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ ଉଦଗାତା, ଓୟୁଏଟି ପୁଷ୍ଟି ଶସ୍ୟ ଗବେଷଣା କେନ୍ଦ୍ରର ମୁଖ୍ୟ ପବିତ୍ର ମୋହନ ମହାପାତ୍ର, ଆଞ୍ଚଳିକ ଗବେଷଣା କେନ୍ଦ୍ର, ଫୁଲବାଣୀର ବରିଷ୍ଠ ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାର ଦେବତା ପ୍ରମୁଖ ଯୋଗଦେଇ କେନ୍ଦ୍ରର କାର୍ଯ୍ୟାବଳୀ ଉପରେ ମତ ରଖିଥିଲେ।

ହାତ ଛାଡି ଚାଲିଗଲେ ବାପା

# ସାହାରା ଖୋଜୁଛନ୍ତି ପୁଅ-ଝିଅ, ଚିନ୍ତାରେ ମା'



ଆଳି(ଭାସ୍କରନ୍ୟୁଜ): କୁହାଯାଏ ବାପ ଥିବା ପୁଅ ସଭାରେ ହାରେନୀ। ଏବଂ ମା ପେଟ ହେଲେ ବାପା ପିଠି କିନ୍ତୁ ଏ ପିଲାଙ୍କର ମାଁ ର ପଣତକାନି ଓ ମାର ପେଟ ଅଛି ସତ କିନ୍ତୁ ଏତେ କମ୍ ବୟସରେ ନିଷ୍ଠୁର ସାଜିଲା ବିଧାତା। ଅଫେରା ରାଇଜକୁ ଡାକି ନେଇଛନ୍ତି ବାପାକୁ। ବେଳେ ବେଳେ ବାପର ଫଟୋ ଦେଖି ବାହୁନୀ ବାହିନୀ କାନ୍ଦୁଛି ପୁଅ। ଫଟୋକୁ ଗେଲ ମଧ୍ୟ କରି ପକାଉଛି ମନରେ। ଅନେକ କଥା ଭାବୁଛି, କିନ୍ତୁ ସେ ଭଲ ଭାବରେ ଜାଣିଛି ଆଉ ଫେରିବେନି ତା ସବୁ ଅଳି ଅଝଟ ପୂରଣ କରୁଥିବା ବାପା। ମାତ୍ର ପାଠ ପଢ଼ିବା ଖେଳିବା ବୁଲିବା ବୟସରେ ଭଗବାନ୍ ଏତେ ନିଷ୍ଠୁର ହେବେ କିଏ ଜାଣିଥିଲା। ଏପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ନାଟରା ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ଦାସଙ୍କ ପୁଅ ରୋହିତ ଦାସ ବୟସ ୧୭। ସେ କୁସୁମୀ ବିଦାଳୟରେ ୧୦ ଶ୍ରେଣୀରେ ପାଠ ପଢନ୍ତି। ସେ ବଡ ହେଇ ଭଲ ଚାକିରି କରିବେ ଆଉ ମା ଭଉଣୀକୁ ଦେଖିବେ, କିନ୍ତୁ ସପ୍ନରେ ଅର୍ଥ ସାଜିଛି ବାଧକ। ତାଙ୍କ ଅଭାଗୀ ମା' ମମତା ଦାସଙ୍କ ଚିନ୍ତା କିପରି ମଣିଷ କରିବେ ଦୁଇ ଛୁଆଙ୍କୁ। କିଛି ଦିନ ତଳେ ରୋହିତଙ୍କ ଜେଜେଙ୍କ ଦେହାନ୍ତର ୧୨ ଦିନ ପରେ ବାପାଙ୍କର ମଧ୍ୟ ହଠାତ୍ ଭାବେ ମୃତ୍ୟ ଘଟିଥିଲା। ଅଭାବୀ ଅନାଟନ ପରିବାର ଓଳିଏ ଖାଇଲେ ଦି ଓଳି ଉପବାସ ରୁହନ୍ତି ଦି ଓଳି ପ୍ରାଣୀ। ଆଜି ବି ସରକାରୀ ଦୃଷ୍ଟି ଆଢୁଆଳରେ ଏହି ପରିବାର। ଆଗକୁ କିପରି ଛୁଆ ଦୁଇଟିଙ୍କୁ ବଡ କରିବେ ଅଭାଗୀ ମାଆର ଚିନ୍ତା। ସରକାରୀ ଅବା ବେସରକାରୀ ସ୍ତରେ କିଛି ସହାଯ୍ୟା ମିଳିଲେ ବାକି ଜୀବନ କାଟି ପାରନ୍ତେ ବୋଲି ଗ୍ରାମବସୀ କହିଛନ୍ତି।




କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ): କଂସାର-ସାହାସପୁର ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିତାମାତା ଛାତ୍ରଛାତ୍ରୀଙ୍କର ପ୍ରଥମ ଗୁରୁ ହୋଇଥିବା ବେଳେ ଶିକ୍ଷକ ହେଉଛନ୍ତି ଦ୍ୱିତୀୟ ଗୁରୁ । ଶିକ୍ଷକ ଛାତ୍ରଛାତ୍ରୀଙ୍କ ଜୀବନକୁ ଉଜ୍ଜ୍ୱଳମୟ କରିଥାନ୍ତି । ବିଦ୍ୟାଳୟର ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ମୁଖ୍ୟବକ୍ତା ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ. ଧରଣୀଧର ନାଥ ତାଙ୍କ ଅଭିଭାଷଣରେ ରାଇଟ ବ୍ରଦର୍ସଙ୍କ ଉଦାହରଣ ଦେଇ କହିଲେ ଇଚ୍ଛାଶକ୍ତି ଥିଲେ ଅସମ୍ଭବକୁ ସମ୍ଭବ କରାଯାଇପାରେ । ରାଇଟ ବ୍ରଦର୍ସ ସାଇକେଲ ମରାମତି ଦୋକାନୀରୁ ଉଡାଜାହଜ ତିଆରି କରିପାରିଥିଲେ । ପ୍ରତ୍ୟେକ ସ୍କୁଲର ପିଲାମାନେ ଏହିଭଳି ଦୃଢ ମନୋବଳ ରଖି କାର୍ଯ୍ୟ କଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ । ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷ ଲୋପାମୁଦ୍ରା ମହାନ୍ତି, ପ୍ରଧାପିକା ଡ. ବାସନ୍ତୀ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ଫକୀର ଚରଣ ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ କବୟିତ୍ରୀ ବିଣାପାଣୀ ଚୌଧୁରୀ ସଂଚାଳନ କରିଥିଲେ । ସମ୍ପାଦକ ଗଗନବିହାରୀ ମନ୍ତ୍ରୀ ବିବରଣୀ ପ୍ରଦାନ କରିଥିବା ବେଳେ ନିରଞ୍ଜନ ପରିଡା ଅତିଥି ପରିଚୟ, ଅବସରପ୍ରାପ୍ତ ଏସ୍‌ପି ନିମାଇଁ ଚରଣ ସେଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ପରମାନନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫେଁବର୍ ବ୍ଲକ୍ କାର୍ଯ୍ୟ ନିମ୍ନମାନର ଅଭିଯୋଗ

## ➡ ବାଲି ପରିବର୍ତ୍ତେ ପଟୁ ମାଟି ବ୍ୟବହାର
## ➡ ନିରବଦ୍ରଷ୍ଟା ସାଜିଛି ପୂର୍ତ୍ତ ବିଭାଗ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ସଦରମହକୁମାରେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଚାଲିଥିବା ଫେବର ବ୍ଲକ କାର୍ଯ୍ୟ ଦୀର୍ଘ ଦିନ ଧରି ଶେଷ ହେବାର ନାମ ନେଉ ନଥିବା ବେଳେ ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟ ଅତି ନିମ୍ନମାନର କାର୍ଯ୍ୟ ହେଉଥିବ ନେଇ ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି । ଏନେଇ ପୂର୍ବରୁ ଖବର କାଗଜ ଏବଂ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । କିନ୍ତୁ ଏହି କାର୍ଯ୍ୟ ନିମ୍ନମାନର ହେବା ନେଇ ଅଞ୍ଚଳବାସୀ ଦାବି କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତ୍ରୁଟି ସଂଶୋଧନ କରଯାଇନଥିବା ନଜିର ନାହିଁ । ଆଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଫେବର ବ୍ଲକ ପକାଇବା ପୂର୍ବରୁ ବାଲି ପକାଇ ତାହାର ଉପରେ କାର୍ଯ୍ୟ ହେବା ଦରକାର ଥିଲା କିନ୍ତୁ ବାଲିର ପରିବର୍ତ୍ତେ ପଟୁ ମାଟି ବ୍ୟବହାର ହେଉଛି, ଯାହା ଚାଲିଥିବା କାର୍ଯ୍ୟର ଗୁଣତା ବିନାଶ କରୁଛି । ସେହିପରି ଭାବେ ଫେବର୍ ବ୍ଲକ ସଜା ହେବା ପରେ ଉଭୟ ପାର୍ଶ୍ୱରେ ବାଲି, ଚିପ୍ସ ଓ ସିମେଣ୍ଟ ଦେଇ କଂକ୍ରିଟ କରାଯିବା କଥା ହେଲେ ସେହି କଂକ୍ରିଟରେ ବାଲି ପରିବର୍ତ୍ତେ ଉକ୍ତ ପଟୁ ମାଟି ଦେଇ କଂକ୍ରିଟ କରାଯାଉଛି । ମନ୍ଥର ଗତିରେ କାର୍ଯ୍ୟ ହେବା ସହିତ, କାର୍ଯ୍ୟ ସ୍ଥଳରେ ବ୍ୟବହୃତ ସାମଗ୍ରୀ ଏଣେତେଣେ ବିଛାଇ ରହିଛି, ଯାହାର ଫଳରେ ଯାତାୟାତ ଏବଂ ଦୈନନ୍ଦିନ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି । ଠିକାଦାରଙ୍କ ପକ୍ଷରୁ ନିମ୍ନମାନର କାମ କରାଯାଉଥିବା ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳରେ ତଦାରଖ କରି କୌଣସି ପରିବର୍ତ୍ତନ ଆଣିବାରେ ଅସମର୍ଥ । ଗ୍ରାମବାସୀଙ୍କ ଅନୁସାରେ ନିମ୍ନମାନର କାର୍ଯ୍ୟ ଦୀର୍ଘକାଳୀନ ଭାବେ ରାସ୍ତାର ଗୁଣତା କ୍ଷୀଣ କରିବ, ଯାହା ସମସ୍ତ ଜନସାଧାରଣଙ୍କ ପାଇଁ ହାନିକାରକ ହେବ । ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲେ ମଧ୍ୟ, ସଫଳତା ମିଳିନି । ଏନେଇ ଏସ୍‌ଡିଓ ତପନ ମହାଲିକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯଦି ଘଟଣାର ସତ୍ୟସତ୍ୟା ଥାଏ, ତେବେ ଏହାକୁ ସଂଶୋଧନ କରାଯାଇ, ପଟୁମାଟି ପରିବର୍ତ୍ତନ କରି ବାଲି ପକାଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ମତ ବ୍ୟକ୍ତ କରିଛନ୍ତି । ଏହା ସ୍ପଷ୍ଟ ଯେ ଜନସାଧାରଣଙ୍କ ଟଙ୍କାର ସଦୁପଯୋଗ ପରିବର୍ତ୍ତେ ନିମ୍ନମାନର କାର୍ଯ୍ୟ କରାଯାଉଛି । ସଂପୂର୍ଣ୍ଣ ପରିସ୍ଥିତିର ଏକ ନିର୍ଦ୍ଦେଶନା ଏବଂ ଅନୁଧ୍ୟାନ କରାଯାଇ ଦାୟୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ଜରୁରୀ । ପଦକ୍ଷେପ ନେଇ ସ୍ୱଚ୍ଛତା ଏବଂ କାର୍ଯ୍ୟର ଗୁଣବତ୍ତା ଦୃଢ କରିବା ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# ସୁରଟ ହତ୍ୟାକାଣ୍ଡର ଅଭିଯୁକ୍ତ, ବ୍ରହ୍ମପୁରରୁ ଗିରଫ



ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଗୁଜରାଟର ସୁରଟ ପାଣ୍ଡେସରା ଥାନା ଗୋପାଳ ନଗରରେ ୨୦୨୨ରେ ଏକ ହତ୍ୟାକାଣ୍ଡର ପେରାର ଅଭିଯୁକ୍ତକୁ ବ୍ରହ୍ମପୁରରୁ ଗିରଫ କରିଛି ଗୁଜରାଟ ପୋଲିସ । ମୃତକ ବିହାରର ଅରବିନ୍ଦ ଯାଦବ । ଗିରଫ ଅଭିଯୁକ୍ତ ଶେରଗଡ଼ ଥାନା ସୁବୁଲିଆପଲ୍ଲୀର ଡି.କେଶବ ପାତ୍ର । ତାଙ୍କୁ ହରିଡ଼ାଖଣ୍ଡି ନିକଟ ଏକ ମଦ ଦୋକାନରୁ ବଡ଼ ବଜାର ଥାନା ପୋଲିସ ସହଯୋଗରେ ଗିରଫ କରିଛି ସୁରଟ ପୋଲିସ । ହତ୍ୟା ଘଟଣା ପରେ ଅଭିଯୁକ୍ତ ପୋଲିସକୁ ଚକ୍ରମା ଦେଖାଇ ଆତ୍ମଗୋପନ କରିବା ଲକ୍ଷ୍ୟରେ ଗାଁକୁ ଆସିଥିଲେ । କିଛିଦିନ ପରେ ସେ ବ୍ରହ୍ମପୁରରେ ଏକ ମଦ ଦୋକାନରେ ସେଲସ୍‌ମ୍ୟାନ ଭାବେ କାମ କରୁଥିଲେ । ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ ଜୁଲାଇ ୧୮ ତାରିଖରେ ସୁରଟି ପାଣ୍ଡେସରା ଥାନା ଗୋପାଳ ନଗରରେ ବିହାରର ଅରବିନ୍ଦ, କେଶବଙ୍କ ଜଣେ ସାଙ୍ଗ ଜଗଦଳପୁରର ବିଶ୍ୱ ପାତ୍ରଙ୍କୁ ଆକ୍ରମଣ କରିଥିଲା । ପରେ ବିଶ୍ୱ କିଛି ସାଙ୍ଗ ସହ କେଶବଙ୍କୁ ସେହି ଜାଗାକୁ ଡାକିଥିଲେ । ସମସ୍ତେ ମିଶି ବିହାରର ଅରବିନ୍ଦ ଯାଦବଙ୍କୁ ଆକ୍ରମଣ କରିଥିଲେ । ବିଶ୍ୱ ଏକ ଧାରୁଆ ଅସ୍ତ୍ରରେ ଅରବିନ୍ଦଙ୍କୁ ଭୁସି ଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ବିଶ୍ୱ ଓ ତାଙ୍କର ପାଞ୍ଚ ଜଣ ବନ୍ଧୁଙ୍କୁ ଗିରଫ କରିଥିଲା । ଚିକିତ୍ସାଧୀନ ଅବସ୍ଥାରେ ଅରବିନ୍ଦଙ୍କ ମୃତ୍ୟୁ ହେବାରୁ ହତ୍ୟା ଉଦ୍ୟମ ମାମଲା ହତ୍ୟାରେ ରୂପାନ୍ତର ହୋଇଥିଲା । ଘଟଣା ପରଠୁ କେଶବ ଫେରାର ଥିବାବେଳେ ତାଙ୍କୁ ଖୋଜିବାକୁ ସୁରଟ ପୋଲିସ ଶେରଗଡ଼ରେ ପହଞ୍ଚିଥିଲା । କେଶବ ବ୍ରହ୍ମପୁରରେ ରହୁଥିବା ସୂଚନା ପାଇ ବ୍ରହ୍ମପୁର ଏସ୍‌ପିଙ୍କ ସହ ଯୋଗାଯୋଗ କରିଥିଲା ସୁରଟ ପୋଲିସ । କେଶବଙ୍କ ମୋବାଇଲ ଲୋକେସନ୍ ବଡ଼ବଜାର ଦେଖାଇଥିଲା । ଏହାପରେ ସୁରଟ ପୋଲିସ ବଡ଼ବଜାର ଥାନା ପୋଲିସ ସହାୟତାରେ ଏକ ମଦ ଦୋକାନରୁ କେଶବଙ୍କୁ ଗିରଫ କରିଛି । ଏହି ମମଲର ମୁଖ୍ୟ ଅଭିଯୁକ୍ତ ବିଶ୍ୱ ପାତ୍ର ଏବେ ସୁରଟ ଜେଲ୍‌ରେ ଥିବାବେଳେ ଅନ୍ୟ ପାଞ୍ଚ ଜଣ ଜାମିନ୍‌ରେ ମୁକୁଳି ସାରିଛନ୍ତି । ମଙ୍ଗଳବାର ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ କେଶବଙ୍କୁ ହାଜର କରାଯାଇଥିଲା । ଛଅ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡ ଆବେଦନ କରିଥିଲା ଗୁଜରାଟ ପୋଲିସ । କୋର୍ଟ ପାଞ୍ଚ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡ୍ ଅନୁମତି ପ୍ରଦାନ କରି ଆସନ୍ତା ୨୧ ତାରିଖ ସୁଦ୍ଧା ଅଭିଯୁକ୍ତଙ୍କୁ ସୁରଟ କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆତ୍ମହତ୍ୟା କଲେ ରୋଗୀ

ବଲାଙ୍ଗିର,(ଭାସ୍କର ନ୍ୟୁଜ): ମଙ୍ଗଳବାର ବଲାଙ୍ଗିର ଭୀମଭୋଇ ମେଡିକାଲରେ ଅଘଟଣ ଘଟିଥିବା ସୂଚନା ରହିଛି । ତାହା ପୁଣି ଜଣେ ରୋଗୀ ଆତ୍ମହତ୍ୟା କରିଛନ୍ତି । ତେବେ ସୂଚନା ଆଧାରରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ନୂତନ ନିର୍ମାଣଧୀନ କୋଠା ନିକଟରେ ଥିବା ଏକ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ମୁଣ୍ଡରେ ଟୋପି ଲାଗିଛି । ତାଙ୍କ ସାର୍ଟ ପକେଟରୁ ଏକ ପ୍ରେସକ୍ରିପସନ୍ ବାହାରିଛି ଯେଉଁଥିରେ ଅଗସ୍ତି ଜାନି ଲେଖା ହୋଇଛି । ତେବେ ଉକ୍ତ ପ୍ରେସକ୍ରିପସନ୍ କାଗଜଟି ଜଣେ ମହିଳାଙ୍କ ହୋଇଥିବା ଜଣାପଡିଛି । ପ୍ରକାଶ ଯେ ମଙ୍ଗଳବାର ସକାଳେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ନୂତନ ନିର୍ମାଣଧୀନ କୋଠା ନିକଟରେ ଏକ ଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ସୁରକ୍ଷାକର୍ମୀମାନେ ଦେଖିଥିଲେ । ସେମାନେ ତୁରନ୍ତ ମେଡିକାଲ ଅଧିକ୍ଷକଙ୍କୁ ଜଣାଇଥିଲେ । ଖବରପାଇ ମେଡିକାଲ ଅଧିକ୍ଷକ ଘଟଣାସ୍ଥଳରେ ପହଞ୍ଚିଥିଲେ । ମେଡିକାଲ ଫାଣ୍ଡି ପୋଲିସ ମଧ୍ୟ ଘଟଣାସ୍ଥଳକୁ ଆସିଥିଲେ । ତେବେ ମୃତକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ । ଅପରପକ୍ଷେ ତାଙ୍କର ମୁଣ୍ଡରେ ପଟି ଲାଗିଥିବାରୁ ସେ ମେଡିକାଲରେ ଚିକିତ୍ସିତ ହେଉ ଥାଇପାରନ୍ତି ବୋଲି କୁହାଯାଉଛି । ଅନ୍ୟପଟେ ତାଙ୍କୁ ଆର୍‌ପିଏଫ୍ ଖୋଜୁଥିବା ପୋଲିସ ତରଫରୁ ସୂଚନା ମିଳିଛି । ପୋଲିସ ଶବକୁ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଭୁଇଁଆଣୀ ଦେବୀଙ୍କ ଧନୁଯାତ୍ରା

ବୋଲଗଡ଼,(ଭାସ୍କର ନ୍ୟୁଜ): ବୋଲଗଡ଼ ସଦର ପଞ୍ଚାୟତ ନିକଟବର୍ତ୍ତୀ ପାହାଡ଼ ପାଦଦେଶରେ ଅବସ୍ଥିତ ମା' ଭୁଇଁଆଣୀ ପୀଠରେ ମା'ଙ୍କର ୩୫ତମ ଧନୁଯାତ୍ରା ମହାଆଡମ୍ବର ଭାବେ ଅନୁଷ୍ଠିତ ହେଉଛି । ଏହି ଅବସରରେ ରବିବାର ମା'ଭୁଇଁଆଣୀ ଠାକୁରାଣୀ (ବନଦୁର୍ଗା)ଙ୍କର ଅଧିବାସ ଓ ହୋମାଦି କାର୍ଯ୍ୟ ପଣ୍ଡିତମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ସୋମବାର ମା'ଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ଛତ୍ରୀ, ତ୍ରାସ, ଘଣ୍ଟ, ଘଣ୍ଟା ଓ ବାଦ୍ୟର ତାଳେତାଳେ ସକାଳ ପୂର୍ବାହ୍ନରେ ଗ୍ରାମ୍ୟ ପରିକ୍ରମା କରି ମା' ନିଜ ମନ୍ଦିର ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମା' ଭୁଇଁଆଣୀ ଟ୍ରଷ୍ଟବୋର୍ଡ ଦ୍ୱାରା ଆୟୋଜିତ ଏହି ଧନୁଯାତ୍ରାରେ ସୋମବାର ଠାରୁ ବୁଧବାର ଦୀର୍ଘ ୩ଦିନ ବ୍ୟାପି ସେଠାରେ ଦର୍ଶନାର୍ଥୀ ତଥା ସାଧରଙ୍କ ମନୋରଞ୍ଜନ ନିମନ୍ତେ ନୟାଗଡ଼ ଜିଲ୍ଲା ଭୁତଦିହ ମା' ବାଉତି ନାଟ୍ୟ ସଂସଦ ଦ୍ୱାରା ନାଟକ ପରିବେଷଣ ହେଉଛି । ସେହିପରି ଧନୁଯାତ୍ରା ଉଦ୍‌ଯାପିତ ତଥା ବୁଧବାର ସନ୍ଧ୍ୟାରେ ଆତସବାଜି ପ୍ରତିଯୋଗିତା ହେବ ବୋଲି ଟ୍ରଷ୍ଟବୋର୍ଡ ପକ୍ଷରୁ ସୂଚନା ମିଳିଛି ।

## ଏମ୍ ଏନ୍ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

# 'କ୍ରୀଡ଼ାର ଉଦ୍ଦେଶ୍ୟ ପୁରସ୍କାର ଜିତିବା ନୁହେଁ ବରଂ ଭାଗ ନେବା ମହତ୍ତ୍ୱ ଉଦ୍ଦେଶ୍ୟ'



ପଟ୍ଟାମୁଣ୍ଡାଇ,(ଭାସ୍କର ନ୍ୟୁଜ): ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ଏକ ଖ୍ୟାତି ସମ୍ପର୍ଣ୍ଣ ବିଦ୍ୟାଳୟ ଅଟେ। ଏହି ବିଦ୍ୟାଳୟ ୧୯୪୪ ମସିହା ମକର ସଂକ୍ରାନ୍ତିରେ ପ୍ରତିଷ୍ଠା ହୋଇଥିଲା । ଏ ବିଦ୍ୟାଳୟକୁ ଆଜି ୭୧ ବର୍ଷ ପୂରି ସାରିଛି । ଏହି ବିଦ୍ୟାଳୟରେ ଆଜି ୭୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି କ୍ରୀଡ଼ା ମହାକୁମ୍ଭ ୧୧ ଡିସେମ୍ବରରୁ ଆରମ୍ଭ ହୋଇ ୧୪ ଡିସେମ୍ବର ପର୍ଯ୍ୟନ୍ତ କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁଙ୍କ ନେତୃତ୍ୱ ରେ ଚାଲିଥିଲା । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସର୍ବେଶ୍ୱର ଜେନା, ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତପନ କୁମାର ଦାସ ଓ ସମ୍ମାନିତ ଅତିଥି ରୂପେ ବରିଷ୍ଠ ଚିତ୍ରକର ରମେଶ ଦେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜୟ କୁମାର ରାଉତରାୟଙ୍କ ଅଧକ୍ଷତାରେ ଏହି ସଭାରେ ସ୍ୱାଗତ ଭାଷଣ ଏନ୍‌ସିସି ଶିକ୍ଷକ ସରୋଜ କୁମାର ସ୍ୱାଇଁ ଓ ଅତିଥି ପରିଚୟ ଅନିତା ଧଳ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ପିଲାମାନେ ପଡ଼ିଆରେ ମାର୍ଚ୍ଚ ପାଷ୍ଟ କରିଥିଲେ ଓ ଅତିଥିମାନଙ୍କୁ ଅଭିବାଦନ ଜଣାଇଥିଲେ । ଚାରି ଗୋଟି ବିଭାଗରେ ପ୍ରାୟ ୧୨ ପ୍ରକାର କ୍ରୀଡ଼ାରେ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା । କ୍ରୀଡ଼ାର ଉଦ୍ଦେଶ୍ୟ ପୁରସ୍କାର ଜିତିବା ନୁହେଁ ବରଂ କ୍ରୀଡ଼ାରେ ଭାଗ ନେବା ହିଁ ମହତ୍ତ୍ୱ ଉଦ୍ଦେଶ୍ୟ ଅଟେ ବୋଲି ଅତିଥିମାନେ କହିଥିଲେ । ଚମ୍ପିୟନ ହୋଇଥିବା ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା । ଜୁନିଅର ବାଳକ୍ ବିଭାଗରୁ ଓ ସବ୍‌ଜୁନିଅର ବଳିକା ବିଭାଗରୁ ଦୁଇଜଣ ଲେଖାଏଁ ଯୁଗ୍ମ ଚମ୍ପିୟନ ହୋଇଥିଲେ । ଜୁନିଅର ବାଳକରୁ ସମରେଶ ଦାସ ଓ ଅମିତ ଦାସ ଜୁନିଅର ବଳିକା ବିଭାଗରୁ ନିକିତା ପ୍ରିୟଦର୍ଶିନୀ । ସବ୍ ଜୁନିଅର ବାଳକ ବିଭାଗରୁ ଶ୍ରୀକାନ୍ତ ମାଝୀ ଓ ସବ୍ ଜୁନିଅର ବଳିକା ବିଭାଗରୁ ବର୍ଷା ରାଣୀ ମହାରଣା ଓ ଜିଜ୍ଞା ଜ୍ୟୋତି ଦାସ ଚାମ୍ପିଅନ ହୋଇଥିଲେ । ୨୦୨୪-୨୫ ଶିକ୍ଷା ବର୍ଷରେ ବିଦ୍ୟାଳୟର ୬୦ଜଣ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଏବଂ ଜାତୀୟସ୍ତରୀୟ ବିଭିନ୍ନ ଖେଳରେ ଭାଗ ନେଇଥିଲେ । ଶେଷରେ କ୍ରୀଡ଼ା ପତାକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଅବତରଣ ହୋଇଥିଲା ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ମୟୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପ୍ରଧାନଶିକ୍ଷକ କ୍ରୀଡ଼ା ମହାକୁମ୍ଭର ପରିସମାପ୍ତି ଘୋଷଣା କରିଥିଲେ । ଏହି ଖେଳରେ ବିଦ୍ୟାଳୟର ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ମାନସୀ ମହାନ୍ତି, ଅନିତା ଧଳ, ଗାୟତ୍ରୀ ସାହୁ, ଶୈଳବାଳା ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ପାଣିଗ୍ରାହୀ, ତପସ୍ୱିନୀ ମଲ୍ଲୀକ, ସାସ୍ୱତୀ ଶୁଭଦର୍ଶିନୀ ସାହୁ, ସ୍ମିତାପ୍ରଜ୍ଞା ରାଉତ ତାପସ କୁମାର ବେହେରା, ଶ୍ରୀକାନ୍ତ ମଲିକ, ବିନୋଦ ବିହାରୀ ନାଥ, ଶିବ ଶଙ୍କର ବାରିକ, ବ୍ରଜକିଶୋର ମାଝୀ, ବାବାଜୀ ବିଶ୍ୱାଳ ଓ ହରିହର ବାରିକ ସହଯୋଗ କରିଥିଲେ।

## ଷ୍ଟେଟ୍ ଆଇଡିଆଲ ପବ୍ଲିକ ସ୍କୁଲର କ୍ରୀଡ଼ା ଉତ୍ସବ

ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତସ୍ଥିତ ମୁଣ୍ଡାଳ ସ୍ଥିତ ଷ୍ଟେଟ୍ ଆଇଡିଆଲ ପବ୍ଲିକ ସ୍କୁଲର ୧୪ତମ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଯେ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଶାରିରୀକ ଅଭିବୃଦ୍ଧି କରିବା ସହିତ ମାନସିକ ଦକ୍ଷତାକୁ ବଢାଇଥାଏ । ପ୍ରତ୍ୟେକ ଛାତ୍ରଛାତ୍ରୀ ଶିକ୍ଷା ସହିତ ଖେଳ ଓ ନାଚଗୀତରେ ସାମିଲ ହେବାର ନିହାତି ଆବଶ୍ୟକ ରହିଛି । ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ୱାର୍ଡସଭ୍ୟ ଧିରେନ୍ଦ୍ର ମିଶ୍ର, ଅନୁଷ୍ଠାନର ଅଧକ୍ଷ ରୂପେନ୍ଦ୍ର ମିଶ୍ର ଯୋଗଦେଇ କ୍ରୀଡ଼ାର ଉପକାରିତା ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିନ୍ସିପାଲ ଲକ୍ଷ୍ମୀପ୍ରିୟା ଦାଶ, ମନୋରଞ୍ଜନ ବାରକ, ଚିନ୍ମୟୀ ମହାନ୍ତି, ଅମିତା ଦାସ, ରାଜେଶ୍ୱରୀ ମହାନ୍ତି, ପ୍ରତିମୟୀ ମିଶ୍ର, କାମିନୀ ମହାପାତ୍ର, ସର୍ମିଷ୍ଠା ନାୟକ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

## ପରବର ତୃତୀୟ ସନ୍ଧ୍ୟାର ଶୁଭାରମ୍ଭ କଲେ ରାଜସ୍ୱ ମନ୍ତ୍ରୀ



କୋରାପୁଟ,(ଭାସ୍କର ନ୍ୟୁଜ): କୋରାପୁଟରେ ଲୋକ ମହୋତ୍ସବ ପରବର ତୃତୀୟ ସଂଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ । ସେହିପରି କୋରାପୁଟ ସାଂସଦ ଇଂ ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ସାସଂଦ ଇ.ବଳଭଦ୍ର ମାଝି, ଜୟପୁର ବିଧାୟକ ତାରା ପ୍ରସାଦ ବାହୀନିପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଏସ୍‌ପି ରୋହିତ ବର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ । ତୃତୀୟ ସଂଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ ଅନ୍ତରା ଚକବର୍ତ୍ତି, ସ୍ୱୟମ୍ ପାଢୀ, ବର୍ଣ୍ଣାଳୀ ହୋତା ଓ ସୁନିଲ ପରିଡାଙ୍କ ସଂଗୀତରେ ଦର୍ଶକ ଝୁମି ଉଠିଥିଲେ । ସେହିପରି ପଟାଙ୍ଗୀର କନ୍ଧ ଢେମସା, ରାୟଗଡ଼ାର ଲାଞ୍ଜିଆ ସୌରା ନୃତ୍ୟ, ଇଜେଡ୍ ସିସି ଡାନ୍ସ ଗ୍ରୁପ, ମୟୂରଭଞ୍ଜର ଛଉ ନୃତ୍ୟ ପରିବେଷଣ ହୋଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ଆଲୋମଣି ସେଠୀ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ସତ୍ୟ ପ୍ରଧାନ, ସମସ୍ତ ବ୍ଲକର ବିଡିଓ, ତହିସଲଦାର ପ୍ରମୁଖ ପରିଚାଳାରେ ସହଯୋଗ କରିଥିଲେ ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆରେ ମାସର ତୃତୀୟ ମୋମବାର ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି । ସେହି ଅନୁଯାୟୀ ଚଳିତ ମାସ ତୃତୀୟ ସୋମବାର ଆଜି ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ ସୋୟ ଓ ଜିଲ୍ଲାର ଏସ୍‌ପି ବରୁଣ ଘୁଣ୍ଟୁଭାଲାନିଙ୍କ ଜନସାଧାରଣ ଙ୍କ ଅଭିଯୋଗର ଶୁଣାଣି କରିଛନ୍ତି । ଏଥିରେ ମୋଟ ୭୭ ଗୋଟି ଅଭିଯୋଗ ଆଗତ ହୋଇଥିଲା । ସେଥିରୁ ୫୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୮ଟି ଗୋଷ୍ଠୀଗତ ଥିଲା । ମୋଟ ଅଭିଯୋଗକାରୀଙ୍କ ମଧ୍ୟରୁ କରଞ୍ଜିଆ ବ୍ଲକ, କୁଲିପୋଷୀ ଗ୍ରାମର ନଳୀନ ଚନ୍ଦ୍ର ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ । ଏହି ଶିବିରରେ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସଙ୍କ ସହିତ ପିଏଆଇଟିଡିଏ ପ୍ରବୀର କୁମାର ବାଣୁଆ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠି, ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, ଡିଏଫ୍‌ଓ ଶ୍ରୀକାନ୍ତ ନାଏକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ମଞ୍ଜୁ ସିଂ, କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ଶୁକୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, କରଞ୍ଜିଆ ଥାନା ଆଇଆଇସି ନିରୋଦ କୁମାର ମଲିକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଏସ୍‌ଆଇ ନାରାୟଣ ଦାସ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶୌରଶୁ ପରିଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକର ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଦିନେଶ କୁମାର ସାହୁ, ଧିରେନ କୁମାର ଭୋଇ, ଷୋମେଶ ମହନ୍ତ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ ।

# ୱାର୍ଡମେମ୍ବରଙ୍କ ବହିଷ୍କାର ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତ ରଘୁନାଥପୁର ୧୨ନମ୍ବର ୱାର୍ଡମେମ୍ବର ଅକ୍ଷୟ କୁମାର ନାଏକ ତଫସିଲ ପ୍ରକାର ସମାଜ ଦ୍ରୋହୀ କାର୍ଯ୍ୟ କରୁଥିବା ନେଇ ପଦବୀରୁ ବହିଷ୍କାର କରାଯିବା ନେଇ ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାରୁ ତୁରନ୍ତ ନୂତନ ୱାର୍ଡମେମ୍ବର ନିଯୁକ୍ତି ଦିଆଯିବାକୁ ଦାବି ହୋଇଛି । ଚଳିତ ବର୍ଷର ବାର୍ଷିକ କାର୍ଯ୍ୟ ଖସଡ଼ା ନିମନ୍ତେ ଗ୍ରାମରେ ପଲ୍ଲୀସଭା କରାଯାଇ ନାହିଁ । କୌଣସି ଗଣ୍ଡଗୋଳ ଓ ମାର୍‌ପିଟ୍ ପରି ଅପ୍ରିତିକର ଘଟଣା ଘଟିଲେ ଗ୍ରାମରେ ବୁଝାମଣା ନକରି ଥାନାକୁ ଡକାଇ ହଇରାଣ କରୁଥିବା ଅଭିଯୋଗ ହୋଇଛି । ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଗ୍ରାମବାସୀଙ୍କୁ ନପଚାରି ମନଇଚ୍ଛା କରୁଥିବା ଲୋକେ କୌଣସି ଉପକୃତ ହୋଇ ପାରୁନାହାଁନ୍ତି । ଏହାଛଡା ଅସଭ୍ୟ ଭାଷାରେ ପ୍ରୟୋଗ କରି ଜନସାଧାରଣଙ୍କୁ ଗାଳି ଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ପାଇଁ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ସଙ୍ଗୀନ ଅଭିଯୋଗ ହୋଇଛି । ଅନ୍ୟପଟେ ଟଙ୍କା ନଦେଲେ କାର୍ଯ୍ୟ ନକରାଇ ଦେବା ନିମନ୍ତେ ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଶ୍ରୀ ନାଏକଙ୍କୁ ବହିଷ୍କାର କରାଯାଇ ନୂତନ ୱାର୍ଡମେମ୍ବର ନିଯୁକ୍ତି ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜିଲ୍ଲା ଓକିଲ ସଂଘ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର




କୋରାପୁଟ,(ଭାସ୍କର ନ୍ୟୁଜ): ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ କୋରାପୁଟ ଜିଲ୍ଲା ଓକିଲ ସଂଘ ପକ୍ଷରୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଓକିଲ ସଂଘ ସଭାପତି ପ୍ରଭାତ ମହାପାତ୍ରଙ୍କ ସଭାପତ୍ୱରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ କୋରାପୁଟ ବିଧାୟକ ରଘୁରାମ ମାଛ, ସମ୍ପାଦକ ସୁନିଲ ଜେନା ମଞ୍ଚାସୀନ ଥିଲେ । ନିୟମିତ କୋରାପୁଟ ଉପଖଣ୍ଡର ସବୁ ତହସିଲରେ କୋର୍ଟ ଚାଲୁ କରିବା, ଓକିଲଙ୍କ ସୁରକ୍ଷା ଅଧିନିୟମ ଆଣିବା, ମଧୁବାବୁ ସ୍ୱାସ୍ଥ୍ୟ ବୀମାକୁ କାର୍ଯ୍ୟକାରୀ କରିବା, ନୂଆ ଓକିଲ ସଂଘ କାର୍ଯ୍ୟାଳୟ ପ୍ରଦାନ କରିବା ଭଳି ୭ଟି ସମ୍ବଳିତ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏଥିସହ ଓକିଲ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କ୍ୟାନ୍‌ସର ରୋଗୀଙ୍କୁ ଆର୍ଥିକ ସହାୟତା



ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତର କୈଳାସ ସ୍ୱାଇଁ ଦୀର୍ଘଦିନ ହେବ କ୍ୟାନସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି । କୈଳାସ ଜଣେ ଗରିବ ଦିନମଜୁରିଆ ବ୍ୟକ୍ତି । ତାଙ୍କର ଏକ ୮ ବର୍ଷର ପୁଅ ଏବଂ ପତ୍ନୀ ଅଛନ୍ତି । ଏହି ରୋଗର ଚିକିତ୍ସା ଅଧିକ ବ୍ୟୟବହୁଳ ହୋଇଥିବାରୁ କୈଳାସଙ୍କ ଚିକିତ୍ସା ପାଇଁ ଟଙ୍କା ସାଜିଛି ବାଧକ । ତେବେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ବରାଗୋଳ ପଞ୍ଚାୟତକୁ ତରିକୁନ୍ଦ ପଞ୍ଚାୟତର ଡାଟା ଏଣ୍ଟ୍ରି ଅପରେଟର ତଥା ହିସାବ ରକ୍ଷକ ଜଣେ ମହିଳା କର୍ମଚାରୀ ସସ୍ମିତା ବେହେରା ଆସିଥିଲେ । ସେଠାରେ ସେ ଜାଣିବାକୁ ପାଇଥିଲେ କୈଳାସ ଜଣେ କ୍ୟାନସର ରୋଗୀ । ଟଙ୍କା ପାଇଁ ଚିକିତ୍ସାରେ ଅବହେଳା ଘଟୁଛି । ତେଣୁ ସେ ମାନବିକତାର ପରିଚୟ ଦେଇ ତାଙ୍କର ନିଜସ୍ୱ ବେତନ ଟଙ୍କାରୁ କୈଳାସଙ୍କୁ ନଗଦ ୫ ହଜାର ଟଙ୍କା ଚିକିତ୍ସା ନିମନ୍ତେ ପ୍ରଦାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଅର୍ଥ ପ୍ରଦାନ ସମୟରେ ବରାଗୋଳ ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ଦାସ ଉପସ୍ଥିତ ଥିଲେ । ଏହି ମହତ କାର୍ଯ୍ୟ ପାଇଁ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ଦାସଙ୍କ ସମେତ ପଞ୍ଚାୟତ ପକ୍ଷରୁ ସସ୍ମୀତାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।



ପଟ୍ଟାମୁଣ୍ଡାଇ,(ଭାସ୍କର ନ୍ୟୁଜ): ବନ୍ତରାପୁର ଉଚ୍ଚ ବିଦ୍ୟାଳୟ ୨୦୦୧ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ କରିବାକୁ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ କରାଯାଇଛି । ଏହି ବୈଠକରେ ଆଲୋଚନା କରାଯାଇଥିଲା ଯେ, ଆସନ୍ତା ୨୫ ତାରିଖ ଦିନ ଦଶ ଘଟିକା ସମୟରେ ବନ୍ଧୁ ମିଳନ ଓ ଗୁରୁପୂଜନ କରାଯିବା ସହିତ ସାମାଜିକ କାର୍ଯ୍ୟକ୍ରମମାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ସଭାରେ ତପନ ଦାସ, ଅନିଲ ବେହେରା, ବିକ୍ରମ ପାତ୍ର, ପତିତପବନ ପ୍ରଧାନ, ଦେବାଶିଷ ପଣ୍ଡା, ସନ୍ତୋଷ ରାଉତ, ରମାକାନ୍ତ ରାଉତ,ପୁଷ୍ପଲତା ପଣ୍ଡା, ପୁଷ୍ପାଞ୍ଜଳୀ ଗିରି,ମାନସୀ ବାରିକ, ରଶ୍ମି ପାତ୍ର, ନାରାୟଣ ସାହୁ, ସେକ. ସରିଫ, ଦେବୀ ପ୍ରସାଦ ଦାଶ, ନିମାଇଁ ପାତ୍, ସଞ୍ଜୟ ବେହେରା, ମନସ୍ୱିନୀ ମହାପାତ୍ର, ରମାକାନ୍ତ ମଲିକ, କ୍ଷୀରୋଦ ଜେନା ଓ ଶୁଭ୍ରଜିତ ବାରିକ ଏହି ବନ୍ଧୁ ମାନେ ମତ ରଖିଥିଲେ । ଶେଷରେ ଖୋକନ ମଲିକ, ବିଚିତ୍ର ମଲିକ, ଲକ୍ଷ୍ମଣ ସାହୁ, କୃଷ୍ଣ ସାହୁ ସଭା ପରିଚାଳନା କରିଥିଲେ ।

# ରାସ୍ତା ମରାମତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ



କେନ୍ଦୁଝର,(ଭାସ୍କର ନ୍ୟୁଜ):କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ବିଦ୍ୟାଳୟ ଓ ଅଙ୍ଗନବାଡିକେନ୍ଦ୍ର ଦ୍ୱୟ ଶିକ୍ଷାନୁଷ୍ଠାନକୁ ଯାତାୟତ କରୁଥିବା ରାସ୍ତାରେ ଗାତ ଖୋଳି ରାସ୍ତା ବନ୍ଦ କରାଯାଇଥିବାରୁ ସ୍କୁଲ ଛାତ୍ରଛାତ୍ରୀ ସମେତ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ସୋମବାର ଏହାର ସମାଧାନ ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଟାଙ୍ଗରାଣୀ ଗ୍ରାମରେ ୧୯୫୫ ମସିହା ଠାରୁ ବିଦ୍ୟାଳୟ ସ୍ଥାପିତ ହୋଇଛି । ତେବେ ଏହା ପୂର୍ବରୁ ନାଏକ ସାହିଠାରୁ ବ୍ରହ୍ମ ସାହି ଦେଇ ବିଦ୍ୟାଳୟ ଓ ଅଙ୍ଗନବାଡିକେନ୍ଦ୍ର ଦେଇ ରାସ୍ତା ଟି ସ୍ୱଞ୍ଜି ଛକ ନିକଟରେ ସଂଯୋଗ ହୋଇଛି । ଛାତ୍ରଛାତ୍ରୀମାନେ ଏହି ରାସ୍ତା ଦେଇ ପାଠ ପଢିବାକୁ ବିଦ୍ୟାଳୟକୁ ଯାଉଛନ୍ତି । ଗ୍ରାମର ନାଏକସାହି, ବ୍ରହ୍ମସାହି, ଭୁଲିଆବନ୍ଧ, ମୁଣ୍ଡାସାହି, ଲୋହାର ସାହି, ହୁଡିସାହି, ପାତ୍ର ସାହିର ପ୍ରାୟ ୮୦ ପ୍ରତିଶତ ଏବେ ରାସ୍ତାବନ୍ଦ ପାଇଁ ଯାତାୟତର ସମସ୍ୟାରେ ପଡିଛନ୍ତି । ସୁଚନାନୁସାରେ, ରାସ୍ତାର କିଛି ଅଂଶ ପଟ୍ଟାଭୁକ୍ତ ଥିବାରୁ ଉକ୍ତମାଲିକ ଜଣଙ୍କ ରାସ୍ତା ବନ୍ଦ କରିଦେଇଛନ୍ତି । ଫଳରେ ଯାତାୟତ ନକରିପାରି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାଇପାରୁ ନଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଆଗକୁ ଜାନୁୟାରୀ ୨୬ ପରେ ପିଲାମାନଙ୍କ ପରୀକ୍ଷା । ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ସମାଧାନ କରିବାକୁ ଦାବି ହୋଇଛି । ନଚେତ ୧୫ ଦିନ ମଧ୍ୟରେ ବିଦ୍ୟାଳୟରେ ତାଲା ପଡିବା ସମ୍ଭାବନା ରହିଛି । ଏହାଛଡା ସଦର ତହସିଲ, ଜିଲା ଶିକ୍ଷାଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଟାଙ୍ଗରାଣୀ ଗ୍ରାମବାସୀ ସମେତ ବିଦ୍ୟାଳୟ କମିଟି ସଭାପତି ଜର୍ମାନ ଦେଓଗାମ ଦାବିପତ୍ର ଦିଆଯାଇଛି ।

# ସାପ୍ତାହିକ ହାଟରେ ଦରପୋଡ଼ା ଶବ

କରଞ୍ଜିଆ,(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା କେନ୍ଦୁଜିଆଣୀ ସାପ୍ତାହିକ ହାଟରେ ପଡିରହିଛି ଅଧା ପୋଡ଼ା ଶବ । କେହି ଦୁର୍ବୃତ୍ତ ହତ୍ୟା ପରେ ପୋଡି ଦେଇଥିବା ସନ୍ଦେହ କରାଯାଇଛି । ଘଟଣାସ୍ଥଳରେ ଠାକୁରମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣୀଠାରେ ଗତକାଲି ସାପ୍ତାହିକ ହାଟ ବସିଥିଲା । ଉକ୍ତ ସମୟରେ ହାଟରେ ଲୋକଙ୍କ ଗହଳି ଥିବା ବେଳେ ସେମାନେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ଦେଖିବାକୁ ପାଇଥିଲେ । ମୃତ ବ୍ୟକ୍ତିଙ୍କ ପୋଡ଼ା ଶରୀର ହାଟ ପଡ଼ିଆରେ ପଡିରହିଥିବା ବେଳେ ମୃତକ ଜଣକ ଜଡବିଲ ଗ୍ରାମର ଭଦୁରୁ ମହାନ୍ତିଙ୍କର । ତାଙ୍କୁ କେହି ଧାନ ନଡ଼ା ଦେଇ ପୋଡି ଦେଇଥିବାରୁ ତାଙ୍କୁ ସ୍ଥାନୀୟ ଲୋକମାନେ ଚିହ୍ନଟ କରିଥିଲେ ।

# ମତ୍ସ୍ୟଜୀବୀ ସଂଗଠନ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଛତ୍ରପୁର,(ଭାସ୍କର ନ୍ୟୁଜ୍): କଇଁଚ ସଂରକ୍ଷଣ ଅଞ୍ଚଳରେ ମାଛ ଧରିବାକୁ ଯିବା ସମୟରେ ଋଷିକୂଲ୍ୟା ମୁହାଣ ଅଞ୍ଚଳରେ ବାଧା ସୃଷ୍ଟି ନକରିବା ସହ ୫ଦଫା ଦାବୀ ନେଇ ଓଡିଶା ପାରମ୍ପରିକ ମତ୍ସ୍ୟକର୍ମୀ ସଙ୍ଗଠନ ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି । ମତ୍ସ୍ୟଜୀବୀ ନେତା କେ ଏଲେୟାଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲାପାଳ ଏବଂ ଏସପିଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଋଷିକୂଲ୍ୟା ମୁହାଣ ଅଞ୍ଚଳରେ ମତ୍ସଜୀବୀମାନେ ମାଛ ଧରିବାକୁ ଯିବା ସମୟରେ ବନବିଭାଗ ଅନିୟମିତ ଭାବରେ ଅଟକାଇବା ଦ୍ୱାର ଠିକ୍ ସମୟରେ ମତ୍ସଜୀବୀମାନେ ମାଛ ଧରିବାରୁ ବଞ୍ଚିତ ହେଉଛନ୍ତି । କଇଁଚ ସୁରକ୍ଷା ସମୟରେ ପାରମ୍ପରିକ ମତ୍ସଜୀବୀମାନଙ୍କୁ ମାଛ ଧରିବା ପାଇଁ ସିଇସି ରିପୋର୍ଟରେ ଉଲ୍ଲେଖ ରହିଥିବା ବେଳେ ମତ୍ସଜୀବୀ ମାନେ ଯେଉଁ ଜାଲ ବ୍ୟବହାର କରୁଛନ୍ତି ସେହି ଜାଲ ଦ୍ୱାରା କଇଁଚ ମାନଙ୍କର କୌଣସି କ୍ଷତି ଘଟୁନାହିଁ । ରିଙ୍ଗ୍ ଜାଲ ବର୍ତ୍ତମାନ ପରିବର୍ତ୍ତନ ହୋଇ ଶିଷା ଜାଲ ବା ପୁସଓ୍ୱାଲା ବୋଲି ନାମିତ କରାଯାଇଥିବା ଜାଲ ବ୍ୟବହାର ହେଉଛି । ଏହି ଜାଲ ଦ୍ୱାରା କଇଁଚ ମାନଙ୍କର କୌଣସି କ୍ଷତି ଘଟୁନାହିଁ, ତେଣୁ ଏହି ଜାଲକୁ ମଧ ଆପଣ ମାଛ ମାରିବା ପାଇଁ ଅନୁମତି ପ୍ରଦାନ କରିବାକୁ ଦାବୀ କରିଛନ୍ତି । ଏହା ସହ କଇଁଚ ସୁରକ୍ଷା ସମୟରେ ସରକାର ଜୀବନ ଜୀବିକା ଯୋଜନା ପାଇଁ ସହାୟତା ରାଶି ୧୫,୦୦୦ ଭାବେ ଯେଉଁ କ୍ଷତି ପୁରଣ ଦେଉଛନ୍ତି ତାହା କେବଳ କିଛି ଲୋକଙ୍କୁ ଦିଆଯାଉଛି । ତାକୁ ସରକାରଙ୍କ ତରଫରୁ ସମସ୍ତ ୧୮ ବର୍ଷରୁ ୭୦ ବର୍ଷ ବୟସ୍କ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ଚିହ୍ନଟ କରାଯାଇ, ସମସ୍ତଙ୍କୁ ଉକ୍ତ ଯୋଜନାର ଅନ୍ତର୍ଭୁକ୍ତ କରାଯାଉ । ଏହି ଯୋଜନାରେ ବିଧବା ମହିଳା, ମାଛ ବ୍ୟବସାୟୀ ଏବଂ ମାଛ ବ୍ୟବସାୟୀ କାର୍ଯ୍ୟରେ ସହଯୋଗ କରୁଥିବା ମହିଳାମାନଙ୍କୁ ଉକ୍ତ ଯୋଜନାରେ କରିବା ସହ କଇଁଚ ସୁରକ୍ଷା ଅଞ୍ଚଳରେ ମାଛ ଧରିବା ନିଷେଧ ସମୟ କାଳ ନଭେମ୍ବର ୧ ଠାରୁ ମେ ୩୧ କୁ ପରିବର୍ତ୍ତନ କରି ଜାନୁୟାରୀ ୧ ଠାରୁ ଏପ୍ରିଲ୍ ୩୦ ମଧ୍ୟରେ ରଖାଯାଉ ବୋଲି କହିଛନ୍ତି ମତ୍ସଜୀବୀ ମାନେ । ସେହିପରି ମାଛ ଧରିବା ନିଷିଧାଞ୍ଚଳ ୨୦ କି.ମି ଏବଂ ୧୦ କି.ମି ପରିବର୍ତ୍ତେ ୫ କି.ମି. ଏବଂ ୫ କି.ମି ଅଞ୍ଚଳକୁ ନିଷିଦ୍ଧ କରିବାକୁ ଦାବୀ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶାଖା ସମ୍ପାଦକ ସିଏଚ.ବାବାଜୀ, ଆରେୟା, ସିଏଚ.ଚିନ୍ନେୟା, କେ. କାମେୟା, ଡକ୍କୁ ସୀମାଦ୍ରୀ,ଆର. କାଶୀଙ୍କ ସମେତ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ




ଜଗତସିଂହପୁର,(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ବାଲବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ-୨୦୨୪-୨୫ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜଗତସିଂହପୁରଜ ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ଏବଂ ଜିଲ୍ଲାପାଳ ଜେ. ସୋନାଲଙ୍କ ଦ୍ୱାରା ବିଜ୍ଞାନ ପତାକା ଉତ୍ତୋଳନ ଓ ରିବନ କର୍ତ୍ତନ କରାଯାଇ ଉଦଘାଟନ କରାଯାଇଅଛି । ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତସିଂହପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ବୈଜ୍ଞାନିକମାନଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ଜେ. ସୋନାଲ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଏବଂ ରାଜ୍ୟଶ୍ରୀ ସାହୁ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନମେଳା ପିଲାମାନଙ୍କ ଜ୍ଞାନକୌଶଳକୁ କିପରି ତ୍ୱରାନ୍ୱିତ କରିଥାଏ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ଜାତୀୟ ବିଜ୍ଞାନମେଳାରେ ପାରଦର୍ଶିତା ଦେଖାଇ ଇଣ୍ଡୋ ଜାପାନୀଜ ସାଇନସ ଏକ୍ସଚେଞ୍ଜ ପ୍ରୋଗ୍ରାମ ପାଇଁ ମନୋନୀତ ହୋଇଥିବା ଜଗତସିଂହପୁରର କୁନି ବୈଜ୍ଞାନିକ ସୌମ୍ୟରଂଜନ ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ଜଗତସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି ମୁଖ୍ୟ ବକ୍ତା, ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ଦାସ ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନା ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଏବଂ ସଭ୍ୟା ମନୀଷା ମିଶ୍ର । ସାହିଲ ବେହେରାଙ୍କ 'ଏୟାର ପଲ୍ୟୁସନ', ଆମ୍ରିତ ସେଠୀଙ୍କ 'ଲାଇଫ କୁଲିଙ୍ଗ ସିଷ୍ଟମ', ଆଦ୍ୟାଶା ସେଠୀଙ୍କ 'ମଲଟି ପ୍ଲେୟାର ସବଜେଟ କୁଇଜ', ବିଶ୍ୱରଂଜନ ଜେନାଙ୍କ 'ଡେଭଲପଡ ଫାରମିଙ୍ଗ', ଜ୍ୟୋତି ପ୍ରିୟଦର୍ଶିନୀ ଦାସଙ୍କ 'ଓମେନ ସେଫଟି ମୋଟରବାଇକ', ପଲକ ପ୍ରିୟଦର୍ଶିନୀ ବେହେରାଙ୍କ 'ସେଲଫ ବର୍ନିଙ୍ଗ ଅଗରବତୀ', ଏବଂ ସାଇ ଅଭିଷେକ ଆଚାର୍ଯ୍ୟଙ୍କ 'ଓ୍ୱେଷ୍ଟ କଲେକସନ ଫ୍ରମ ଓ୍ୱାଟର' ଜିଲ୍ଲା ସ୍ତରରେ ମନୋନୀତ ହୋଇଥିବାରୁ ପୁରସ୍କୃତ କରାଯାଇଥିଲା । ସେମାନେ ଆସନ୍ତା ୧୮ତାରିଖରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବରଗଡ଼ରେ ରାଜ୍ୟ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବେ । ସେହିପରି ୟୁଥ୍ ପାରଲିୟାମେଣ୍ଟ ପ୍ରତିଯୋଗିତାରେ ସାଇ ସ୍ୱରୂପ ବିଶ୍ୱାଲ ପ୍ରଥମ, ଦିବ୍ୟାଶା ଦାସ ଦ୍ୱିତୀୟ ଏବଂ ଆଦ୍ୟାଶା ସେଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସଦାଶିବ ସ୍ୱାଇଁ, ତ୍ରିଲୋଚନ ସାହୁ, ତ୍ରୈଲୋକ୍ୟନାଥ ବିଶ୍ୱାଳ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ତ୍ରିନାଥ ରାଉତ, ପ୍ରଗତି ପ୍ରିୟମ୍ୱଦା ଜେନା, ସୌଭାଗ୍ୟ ମିଶ୍ର, ଶିଶିର କୁମାର ତ୍ରିପାଠୀ, ପ୍ରାଚୀପୁଣ୍ୟତୟା ପଟ୍ଟନାୟକ, ଏସ.ଡି. ପ୍ଲାବନ କୁମାର, ସୁମିତ୍ରା ମଲ୍ଲିକ, ନରେନ୍ଦ୍ର କୁମାର ବେହେରା ଏବଂ ଦୀପକ ମିଶ୍ର ପ୍ରଭୃତି ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଅଧାପନ୍ତରିଆ ନିର୍ମାଣଧିନ ଶୀତଳ ଭଣ୍ଡାର କାର୍ଯ୍ୟ



ଗରଦପୁର,(ଭାସ୍କର ନ୍ୟୁଜ): ରାଜ୍ୟ ସ୍ତରରେ କେନ୍ଦ୍ରାପଡ଼ା ଜିଲ୍ଲାକୁ କୃଷି ପ୍ରଧାନ ଜିଲ୍ଲା ଭାବେ ଗଣା ଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତିଆରି ହୋଇପାରିନି ଗୋଟିଏ ବି ସ୍ଥାୟୀ ଶୀତଳ ଭଣ୍ଡାର । ୮୦ ଦଶକରେ ଜିଲ୍ଲାରେ ପ୍ରଥମ କରି ଏକ ଶୀତଳ ଭଣ୍ଡାର ସ୍ଥାନୀୟ ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦର ଠାରେ ନିର୍ମାଣ ହୋଇଥିଲା । ସ୍ଥାନୀୟ ଶିଳ୍ପପତିଙ୍କ ଉଦ୍ୟମରେ ନିର୍ମାଣ ହୋଇଥିବା ଏହି ଶୀତଳ ଭଣ୍ଡାରଟି ୧୯୯୯ ମସିହା ମହାବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲା । ସେବେଠାରୁ ଜିଲ୍ଲାର ଚାଷୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବାହାର ଜିଲ୍ଲାର ଶୀତଳଭଣ୍ଡାରରେ ଆଳୁ, ପନିପରିବା ରଖିବା ପାଇଁ ଚାହିଁଲେ ବି ଘୋଡ଼ା ଛଅ ଟଙ୍କାକୁ ଦାନା ନଅ ଟଙ୍କା ଖର୍ଚ୍ଚ ହେଉଛି । ତେଣୁ ବାଧ ହୋଇ ନିଜ ଉତ୍ପାଦିତ ଫସଲକୁ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି ଚାଷୀ ମାନେ । ଜିଲ୍ଲାର ୯ ଗୋଟି ବ୍ଲକରେ ୨୦୨୧ ମସିହାରେ ତିଆରି ହୋଇଥିବା ସୌରଶକ୍ତି ଚାଳିତ ୫ ଗୋଟି ଶୀତଳ ଭଣ୍ଡାର ଏବେ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ପଡ଼ି ରହିଛି । ସେହିପରି ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଗରଦପୁର ବ୍ଲକ ଠାରେ ସାତ କୋଟି ଟଙ୍କାରେ ଏକ ବେସରକାରୀ ଉଦ୍ୟମରେ ବହୁମୁଖୀ ଶିତଳ ଭଣ୍ଡାରଟି ଆରମ୍ଭ ହୋଇଥିଲେ ସୁଧା ତାହା ଅନେକ ବର୍ଷ ହେବ ଅଧା କାମରୁ ବନ୍ଦ ହୋଇ ପଡିରହିଛି । ଉଦ୍ୟାନ କୃଷି ବିଭାଗ ଏହି ଯୋଜନା ପାଇଁ ସବସିଡି ଅର୍ଥ ଦେଇଥିଲେ ସୁଧା ଦିର୍ଘ ବର୍ଷ ହେଲା ଆଗେଇ ପାରୁନାହିଁ ଶୀତଳ ଭଣ୍ଡାର କାର୍ଯ୍ୟ । ଏହି ବହୁ ମୁଖୀ ପ୍ରକଳ୍ପ କଣ ପାଇଁ ଆଗକୁ ଆଗେଇ ପାରୁନାହିଁ ତାହା ଅସ୍ପଷ୍ଟ ରହିଥିବା ବେଳେ ଏହି ଶୀତଳଭଣ୍ଡାରକୁ ଆଶା ଭରଷା କରି ରହିଥିବା ଚାଷୀମାନେ ଏବେ ଚାଷକାର୍ଯ୍ୟରୁ ମୁହଁ ଫେରାଇବା ଆରମ୍ଭ କଲେଣି । ଦେଶର ଅନ୍ନଦାତା କୁହାଯାଉଥିବା ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗରଦପୁର ଠାରେ ଅଧାପାନ୍ତରିଆ ଭାବେ ପଡି ରହିଥିବା ଶୀତଳଭଣ୍ଡାର ତିଆରି ପାଇଁ ପ୍ରଶାସନର କେବେ ନିଦ ଭାଙ୍ଗୁଛି ତାହା ଦେଖିବାକୁ ବାକି ରହିଲା ।

# ଓଷ୍ଟା ପକ୍ଷରୁ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ



ଡେରାବିଶ,(ଭାସ୍କର ନ୍ୟୁଜ୍):ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଦାନପୁର ପଂଚାୟତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ଆୟୋଜିତ ଏହି ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବରେ ଓଷ୍ଟାର ବ୍ଲକ ସଭାପତି ପିତବାସ ପଣ୍ଡା ଅଧକ୍ଷତା କରିଥିଲେ । ଜିଲ୍ଲା ଓଷ୍ଟାର ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି, ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ପାତ୍ର ମୁଖ୍ୟବକ୍ତା, ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ପ୍ରେମାଦ କୁମାର ବେହେରା, ପୂର୍ବତନ ଯୁଗ୍ମ ସମ୍ପାଦକ ଭାଗିରଥି ମହାନ୍ତି, ଯୁଗ୍ମ ସମ୍ପାଦକ ଅଲେଖ କୁମାର ମହାନ୍ତି, ହୃଷିକେଶ ପଣ୍ଡା, ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ବିବି ମେଡଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳ ଓଷ୍ଟାର ବ୍ଲକ ସମ୍ପାଦକ ଗଗନ ବିହାରୀ ସୂତାର ବିବରଣୀ ପାଠ କରିଥିଲେ । ବ୍ଲକର ଯୁଗ୍ମ ସମ୍ପାଦକ ଅତୁଲ୍ୟ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଇଶ୍ୱର ଚନ୍ଦ୍ର ପୃଷ୍ଟି ମଂଚ ସଂଯୋଜନା କରିଥିଲେ । ଏହି ଅବସରରେ ସାଧାରଣଜ୍ଞାନ, କୁଇଜ୍, କବିତା ଲିଖନ, ଗଳ୍ପ ଲିଖନ, ଡ୍ରଇଂ, କବିତା ଆବୃତି, ଏକକ ଅଭିନୟ, ସଙ୍ଗୀତ, ଏକକ ନୃତ୍ୟ ଓ ବକ୍ତୃତା ଆଦି ପ୍ରତିଯୋଗିତାରେ ବ୍ଲକ ଅଧୀନ ବିଭିନ୍ନ ମାଧମିକ ବିଦ୍ୟାଳୟରୁ ୧୮୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ । ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଅଧକ୍ଷ ମେନାଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଓଷ୍ଟାର ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ମୁଖ୍ୟ ବକ୍ତା, ଜିଲ୍ଲାର ପୂର୍ବତନ ସମ୍ପାଦକ ନିମର୍ଳ କୁମାର ନାୟକ, ଜିଲ୍ଲା ଓଷ୍ଟା ସଭାପତି ଅଶୋକ କୁମାର ପରିଡ଼ା, ସମ୍ପାଦକ ଭଗବାନ ସାହୁ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୨୧ ତାରିଖରେ ମାର୍ଶାଘାଇ ବ୍ଲକର ଆଖୁଆ ଓଡ଼ଙ୍ଗ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁଥିବା ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବାକୁ ସମ୍ପାଦକ ସୂଚନା ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବ ବ୍ଲକର ଉପସଭାପତି ରଘୁନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରବିନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ପ୍ରତିଯୋଗିତା ଗୁଡ଼ିକରେ ମହେଶ୍ୱର ମଣ୍ଡଳ, ରମେଶ ଚନ୍ଦ୍ର ପତି, ଶରତ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ସାହୁ, ବସନ୍ତ କୁମାର ସାମଲ, ଅଶ୍ୱିନୀ କୁମାର ଦାସ, ନିତ୍ୟାନନ୍ଦ ପାଣି, ଉତ୍ତମ ପ୍ରଧାନ ପ୍ରମୁଖ ବିଚାରକ କାର୍ଯ୍ୟ ତୁଲାଇଥିଲେ । ସରୋଜ କୁମାର ଜେନା, ରଘୁନାଥ ଦାସ, ରବିନ୍ଦ୍ର କୁମାର ଦାସ, କରୁଣାକର ସ୍ୱାଇଁ, ନରହରି ନାଥଶର୍ମା, ବିପିନ ବିହାରୀ ପ୍ରଧାନ, ଜାନକୀ ବଲ୍ଲଭ ଦାସ, ରାଜଲକ୍ଷ୍ମୀ ମହାରଣା, ମମତା ମହାନ୍ତି, ବିଜୟଲକ୍ଷ୍ମୀ ଦାସ, ମଳୟ କୁମାର ରଥଙ୍କ ସମେତ ବିବି ମେଡଲ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲ ।

# ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




ଚମ୍ପୁଆ(ଭାସ୍କର ନ୍ୟୁଜ):ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଚମ୍ପୁଆ କୃଷି ବିଭାଗ ତରଫରୁ ଏକ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍ଘାଟିତ ହୋଇ ଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତି, କେନ୍ଦୁଝର ସାଂସଦଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ସିଦ୍ଧାର୍ଥ ସିଂହ, ଚମ୍ପୁଆ ବ୍ଲକ ଅଧକ୍ଷ ସୁରେଶ ନାଏକ, ଚମ୍ପୁଆ ବ୍ଲକ ଉପାଧକ୍ଷା ଚମ୍ପାବତି ମହାକୁଡ, ଯୋଡ଼ା ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ, କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, କେନ୍ଦୁଝର କୃଷି ନିର୍ବାହୀ ଯନ୍ତ୍ରୀ ସମର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଏହି ଉପଖଣ୍ଡ ସ୍ତରୀୟ କୃଷି ମେଳାକୁ ଫିତା କାଟି ଉଦ୍ଘାଟନ କରିବା ପରେ ସମ୍ମାନିତ ଅତିଥିଙ୍କ ଗହଣରେ କୃଷି ମେଳାରେ ଲାଗିଥିବା ଷ୍ଟଲ ଗୁଡ଼ିକୁ ବୁଲି ଦେଖିଥିଲେ । କୃଷି ମେଳାରେ ବିଭିନ୍ନ କୃଷି ଯନ୍ତ୍ରପାତି ସଂସ୍ଥା ଟ୍ରାକ୍ଟର, ପାୱାର ଟିଲର, ଧାନ ରୁଆ ଯନ୍ତ୍ର, ମିନି ରାଇସ ମିଲ, ଅଟା କଳ, ସୋଲାର ପମ୍ପ ଇତ୍ୟାଦି ବିଭିନ୍ନ କୃଷି ଉପକରଣ ବିକ୍ରି ପାଇଁ ଷ୍ଟଲ ଲଗାଇଛନ୍ତି । ଚମ୍ପୁଆ ଉଦ୍ୟାନ ବିଭାଗ, ଚମ୍ପୁଆ ମତ୍ସ୍ୟ ବିଭାଗ, ଚମ୍ପୁଆ ମୃତ୍ତିକା ସଂରକ୍ଷଣ ବିଭାଗ, ଚମ୍ପୁଆ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଚମ୍ପୁଆ ଜିଲ୍ଲା କୃଷି ବିଭାଗ ତରଫରୁ ଚାଷୀଙ୍କୁ ସଚେତନ କରିବା ସହିତ ଉନ୍ନତ କୃଷି ପ୍ରଣାଳୀରେ ଚାଷ କରିବା ପାଇଁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବିଭାଗୀୟ ଷ୍ଟଲ ଲଗାଯାଇଛି । ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ତରଫରୁ ସେମାନଙ୍କ ହାତ ତିଆରି ବଡି, ପାମ୍ପଡ ଓ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପଦାର୍ଥକୁ ନେଇ ଷ୍ଟଲ ଲଗାଯାଇଛି । କାର୍ଯ୍ୟକ୍ରମକୁ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାଶ, ସହକାରୀ କୃଷି ଅଧିକାରୀ ରମାମଣି ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଚମ୍ପୁଆ କୃଷି ବିଭାଗ ର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ । ଏହି ମେଳା ଆଜି ଠାରୁ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ଚମ୍ପୁଆ କୃଷି ବିଭାଗ ତରଫରୁ ସୂଚନା ଦିଆଯିବା ସହିତ ସମସ୍ତ ଚାଷୀ ମାନଙ୍କୁ ଏହି କୃଷି ମେଳାକୁ ପ୍ରଦର୍ଶନ କରିବା ପାଇଁ ଅନୁରୋଧ କରା ଯାଇଛି ।

# ବିଶ୍ୱନାଥ ମହାଦେବଙ୍କ ପୀଠରେ ଗୀତାଯଜ୍ଞ

ଫୁଲନଖରା,(ଭାସ୍କର ନ୍ୟୁଜ୍):ସଦର ଥାନା ଅନ୍ତର୍ଗତ ସେନ୍ତାଳ - ନଗରୀସ୍ଥିତ ଶ୍ରୀ ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପରିସରରେ ୩୯ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା । ସକାଳୁ ଠାକୁରଙ୍କ ନୀତିକାନ୍ତି ପରେ ଗୋପୂଜା, ସୂର୍ଯ୍ୟ ପୂଜା ପରେ ଗୀତା ଯଜ୍ଞ ଆରମ୍ଭ ହୋଇ ସଂନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା । କର୍ତ୍ତା ଭାବେ ବାଳକୃଷ୍ଣ ବେହେରା, କର୍ତ୍ତୀ ନିଳିମା ବେହେରା, ଲିଙ୍ଗରାଜ ପଣ୍ଡା, କଳ୍ପନା ପଣ୍ଡା କାର୍ଯ୍ୟ ସଂପାଦନ କରିଥିଲେ । ମୁଖ୍ୟ ପୂଜକ ବ୍ରହ୍ମାନନ୍ଦ ହୋତାଶର୍ମା, ଦିଲ୍ଲିପ କୁମାର ପଣ୍ଡା, ପ୍ରଶାନ୍ତ ଶତପଥୀ ପୂଜାର୍ଚ୍ଚନା କରିଥିଲାବେଳ ସୁନ୍ଦର ପ୍ରତାପ ଦାସ, ସାମ୍ବାଦିକ ଲଳିତ କୁମାର ଦାଶ, ଅଲୋକ ଗେଜନ୍ଦ୍ର, ପ୍ରତାପଚନ୍ଦ୍ର ଦାସ, କାହ୍ନୁଚରଣ ପାତ୍ର, ବିକାଶ ଦାସ, ପ୍ରଭାତ ପାତ୍ର, ପ୍ରଦୀପ ବେହେରା,ବିରଞ୍ଚିନାରାୟଣ ପାତ୍ର ପ୍ରେମାନନ୍ଦ ପାତ୍ର, କେଦାରନାଥ ସାହୁ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଶିଫଳ

ବୁଧବାର, ୧୮ ଡିସେମ୍ବର ୨୦୨୪



**ମେଷ:** ଆଜି ଆପଣଙ୍କ ଦୃଢ଼ ମନୋବଳ ଯୋଗୁ ପ୍ରତ୍ୟେକଟି କ୍ଷେତ୍ରରେ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ । ବନ୍ଧୁଙ୍କ ମିଥ୍ୟାଭିଯୋଗ ପାଇଁ କ୍ରୋଧାନ୍ୱିତ ହୋଇପାରନ୍ତି ।



**ବୃଷ:** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ । ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ ।



**ମିଥୁନ:** ଆଜି ସ୍ଥଗିତ ରହିଯାଇଥିବା କେତେକ ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ । ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କିତ ବିବାଦର ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ ।



**କର୍କଟ:** ଆଜି ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ । ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି ।



**ସିଂହ:** ଆଜି କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ । ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ । ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ ।



**କନ୍ୟା:** ଆଜି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି ଦେଖା ଦେବ । ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖା ଦେଇପାରେ । ମହିଳାମାନେ ପ୍ରଶଂସନୀୟ ହେବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବେ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହୋଇ ସଫଳ ହେବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।



**ବିଛା:** ଆଜି କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ କର୍ମଚାରୀଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ ହେବେ । ପିତା ମାତାଙ୍କ ଆଶୀର୍ବାଦ ଆପଣଙ୍କୁ ସହାୟ ହେବ ।



**ଧନୁ:** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ଣରେ ମନ ଭାରାକ୍ରାନ୍ତ ରହିବ । କୋର୍ଟ କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ ।



**ମକର:** ଆଜି ଜଗିରହି ଚଳନ୍ତୁ କେହିଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ । ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ । ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ । ବିବାଦରେ ନୂଆ ମୋଡ଼ ଦେଖାଦେବ । ପୂର୍ବର ସମସ୍ୟା ସମାଧାନ ହୋଇଯିବ । ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ ।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହୋଇପାରନ୍ତି । ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ । ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।



ଗ୍ରହଫଳ ସୂତ୍ର

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନାଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ୨୦୨୪ ପାଳନ ଅବସରରେ ଜୀବନବ୍ୟାପି ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରୁଥିବା ବିଶିଷ୍ଟ ଦିବଙ୍ଗତ କବି ବଳରାମ ପୂଜାରୀଙ୍କୁ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମାଲ୍ୟବନ୍ତ ସମ୍ମାନରେ ଭୂଷିତ କରିଛନ୍ତି । କବିଙ୍କ ଅବର୍ତ୍ତମାନରେ ତାଙ୍କର ସହଧର୍ମିଣି ପୁଷ୍ପାଞ୍ଜଳି ପୂଜାରୀ, ବାପା ଇନ୍ଦ୍ରମଣି ପୂଜାରୀ ଓ ପୁତ୍ର ରୁଦ୍ରାଭିଷେକ ପୂଜାରୀ ପ୍ରମୁଖ ଆଜିର ମୁଖ୍ୟ ଅତିଥି ଶ୍ରୀ ସିଂହଦେଓଙ୍କ ଠାରୁ ମାନପତ୍ର ଓ ଉପଢ଼ୌକନ ଗ୍ରହଣ କରିବା ସହ ଦିବଙ୍ଗତ କବିଙ୍କ ଦ୍ୱାରା ଲିଖିତ ଅନ୍ତିମ କାବ୍ୟ ସଙ୍କଳନ 'କୋଣ୍ଡାକାମ୍ବେରୁ ଖୁଆଡ' କୁ ମଞ୍ଚାସୀନ ଅତିଥିମାନଙ୍କୁ ଭେଟି ସ୍ୱରୂପ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି କାଳଜୟୀ କବିଙ୍କ ଅକାଳ ବିୟୋଗରେ ମାଲକାନଗିରି ଜିଲ୍ଲା ଜଣେ ଉଚ୍ଚ କୋଟୀର ସୃଜନଶୀଳ କବିଙ୍କୁ ହରାଇ ସାହିତ୍ୟ ଜଗତରେ ହୋଇଥିବା ଅପୂରଣୀୟ କ୍ଷତି ନିମନ୍ତେ ସମସ୍ତେ ଶୋକ ପ୍ରକାଶ କରିବା ସହ ସମସ୍ତ ଯୁବ ସାହିତ୍ୟିକମାନଙ୍କୁ ଦିବଙ୍ଗତ କବି ଶ୍ରୀ ପୂଜାରୀଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ ।



# ହୀରାମୁଣ୍ଡା ପୋଖରୀର ପୁନରୁଦ୍ଧାର କେବେ ?

## ■ ସୌନ୍ଦର୍ଯ୍ୟକରଣ ନାମରେ ଅର୍ଥ ହରିଲୁଟ୍ ଅଭିଯୋଗ



ଖଡ଼ିଆଳ (ଭାସ୍କର ନ୍ୟୁଜ): କାନ୍ଦୁଛି ହୀରାମୁଡଣ୍ଡା ପୋଖରୀ । ଦିନ ଥିଲା ଏହି ହୀରାମୁଣ୍ଡା ପୋଖରୀ ଉପରେ ଖଡ଼ିଆଳ ଏନ୍‌ଏସିର ଲୋକମାନେ ନିର୍ଭର କରୁଥିଲେ । ମୋତି ଭଳି ଝଲସି ଉଠୁଥିଲା ଏହି ହିରାମୁଣ୍ଡା ପୋଖରୀର ପାଣି । ଏହି ପୋଖରୀର ପାଣିରେ ଲୋକେ ଚାରିଅଣି ପଇସା ପକେଇ ଦେଲେ ମଧ୍ୟ ପୋଖରୀର ନିର୍ମଳ ପାଣିରେ ପଇସା ଝଲସି ଉଠୁଥିଲା । କୋଡିଏ ବର୍ଷ ପୂର୍ବେ ଲୋକେ ଖଡ଼ିଆଳ ଅଂଚଳକୁ ବଜାର କରି ଶଗଡ଼ ଗାଡ଼ିରେ ଆସୁଥିଲେ । ବହୁ ଦୂରଦୂରାନ୍ତରରୁ ଆସି ହୀରାମୁଣ୍ଡା ପୋଖରୀର ହୁଡାରେ ଶଗଡ଼ ଗାଡି ରଖି ତାଙ୍କର ନିତ୍ୟକର୍ମ କରି ଶାନ୍ତି ପାଉଥିଲେ । ହୀରାମୁଣ୍ଡା ପୋଖରୀ ଏ ଅଂଚଳର ଜନସାଧାରଣ ଙ୍କୁ ଆପଣେଇ ସମସ୍ତଙ୍କୁ ଜଳ ଯୋଗେଇଛି । ପ୍ରଚଣ୍ଡ ଖରା ହେଲେ ଲୋକେ ଖରା ଦିନେ ରାତି ଦଶ ଘଣ୍ଟା ସମୟ ପର୍ଯ୍ୟନ୍ତ ଲୋକେ ପୋଖରୀ ର ପାଣିରେ ଗାଧୋଉଥିଲେ । ହୀରାମୁଣ୍ଡା କୁ ଏ ଅଂଚଳର ହୀରାକୁଦ କହିଲେ ଭୁଲ ହେବ ନାହିଁ । ହେଲେ ଆଜି ସେ ହୀରା ମୁଣ୍ଡାର ଅବସ୍ଥା ନକହିଲେ ଭଲ । କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେହେ ଆଜି ହୀରମୁଣ୍ଡା ନଗ୍ନ ଅବସ୍ଥାରେ ୧୦ବର୍ଷ ହେଲା ପଡ଼ିରହିଛି । ଆଉ ଏହି ନଗ୍ନ ଅବସ୍ଥାର ଚିତ୍ର ଦେଖାଇ ଏହି ପୋଖରୀ କୁ ସଜାଇବା ପାଇଁ ଅର୍ଥ ଉପରେ ଅର୍ଥ ଖର୍ଚ୍ଚ ହେଉଛି । ହୀରାମୁଣ୍ଡାର କେଉଁଠି ହୁଡ଼ାକୁ କାଟି ଦେଇଥିବା ବେଳେ କେଉଁଠି ତା ଗର୍ଭରେ ମାଟି ଖୋଳି ଜମା କରି ଦେଇଛନ୍ତି । ଏହି ହୀରାମୁଣ୍ଡାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଆଖିକୁ ଦିଶିଲା ଭଳି କାମ ହେଉନି । ମୁଣ୍ଡାର ନାଁ ରେ କାମ ହେଉଛି ବୋଲି ଟଙ୍କାସବୁ ଭାଗ ବଣ୍ଟାରେ ହରିଲୁଟ ହେଉଥିବା ଅଭିଯୋଗ ହେଉଛି । ଏହି ମୁଣ୍ଡା କୁ ନେଇ ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି ।କେତେବେଳେ ହୀରାମୁଣ୍ଡା ର ପଙ୍କ ଉଦ୍ଧାର ପାଇଁ ଟଙ୍କା ଆତ୍ମସାତ ହେଉଛି ତ କେତେବେଳେ ମୁଣ୍ଡାର ସୌନ୍ଦର୍ଯ୍ୟକରଣ ପାଇଁ ତ କେତେବେଳେ ଆଲୋକୀକରଣ ପାଇଁ ଟଙ୍କା ଆତ୍ମସାତ ହେଉଛି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି । ହେଲେ ସେସବୁକୁ ମୁଣ୍ଡା ଖାତିରି ନକରି ଧର୍ଯ୍ୟ ଧରି ନଗ୍ନ ଭଗ୍ନ ଅବସ୍ଥାରେ ପଡ଼ି ରହିଛି । ହୀରାମୁଣ୍ଡା ସମସ୍ତ ଜନ ସାଧାରଣଙ୍କୁ ଆପେଣେଇ ଜଳ ଯୋଗାଇ ଶାନ୍ତି ଦେଉଛି । ଅଞ୍ଚଳ ରେ ଜଳସଙ୍କଟ ସମୟରେ ସମସ୍ତଙ୍କ ଶୋଷ ମେଣ୍ଟାଉଥିବା ଏହି ହିରାମୁଣ୍ଡା ଏବେ ନିଜେ ନିଜର ଶୋଷ ମେଣ୍ଟାଇ ପାରୁନି । ବର୍ତ୍ତମାନ କିଛି ଲୋକ ମୁଣ୍ଡାର ନାଁ ରେ ସରକାରୀ ଅର୍ଥକୁ ହରିଲୁଟ, ଅର୍ଥ ଆତ୍ମସାତ କରି ମୁଣ୍ଡାର ଅବସ୍ଥା କୁ ଜରାଜୀର୍ଣ୍ଣ ଅବସ୍ଥାରେ ରଖିଦେଇଛନ୍ତି । ତେଣୁ ଏହି ହୀରା ମୁଣ୍ଡା ପୋଖରୀକୁ ଉଦ୍ଧାର କରିବାକୁ ହେଲେ ନିଜେ ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ହସ୍ତକ୍ଷେପ କରି ମୁଣ୍ଡାର ପୁର୍ନ ଉଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି ।

## ଖପ୍ରାଖୋଲ ଅଞ୍ଚଳରେ ହାତୀ ଆତଙ୍କ



### ଚାଷୀଙ୍କ ଫସଲ ନଷ୍ଟ ଅଭିଯୋଗ

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ୍ ଅଞ୍ଚଳରେ ଏକ ହାତୀ ଦେଖିବାକୁ ମିଳିଛି । ଯାହାକୁ ନେଇ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି । ହାତୀଟି ପ୍ରଥମେ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ବୁଲିବା ସହିତ ତୁର୍ଲା ଗାଁ ର ବଂଶୀ ଦୀପ ନାମକ ଚାଷୀର ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ସେହିପରି ଖପ୍ରାଖୋଲ ଗାଁ ର ନାରାୟଣ ଦଣ୍ଡସେନାଙ୍କ ବାଡ଼ିରେ ନଡିଆ ଗଛ ଓ ଅମୃତ ଭଣ୍ଡା ଗଛ ଭାଙ୍ଗିଥିବା ଅଭିଯୋଗ କରିଛନ୍ତି । ସୋମବାର ହାତୀଟି ଖପ୍ରାଖୋଲ ପଟୁ ରେଙ୍ଗାଲି ପଟେ ଯାଇଥିବାବେଳେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ଲୋକଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି । ଏନେଇ ଏ ସି ଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାୟେକ ଙ୍କୁ ପଚାରିବାରୁ ଚାଷୀଙ୍କ କ୍ଷୟ କ୍ଷତି ସୂଚନା ମିଳିଛି । କ୍ଷତି ପୂରଣ ପାଇଁ ଅନୁକମ୍ପା ଆପ୍‌ରେ ସମ୍ପୂର୍ଣ୍ଣ ତଥ୍ୟ ଦେଲେ ସରକାର କ୍ଷତି ପୂରଣ ଦେବେ ବୋଲି କହିଛନ୍ତି । ସେହିପରି ଖବର ଲେଖା ହେବା ପର୍ଯ୍ୟନ୍ତ ଘୁନସର ପଞ୍ଚାୟତ ସାନବାଞ୍ଜିପାଲି ଗାଁ ନିକଟରେ ହାତୀ ଥିବା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି ।

# ହାତୀଦାନ୍ତ ମାଫିଆଙ୍କୁ ଧରିବାକୁ ଯାଇ ଦୁର୍ବୃତ୍ତଙ୍କ ଆକ୍ରମଣରୁ ବର୍ତ୍ତିଲେ ବନ କର୍ମଚାରୀ



ମୁନିଗୁଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ମୁନିଗୁଡା ବନାଞ୍ଚଳରେ ସ୍ଥାନୀୟ କର୍ମଚାରୀ ଦୀର୍ଘଦୀନ ରହିବା ଦ୍ୱାରା କେତେବେଳେ ବାଘ ଛାଲ ତ କେତେବେଳେ ହାତିଦାନ୍ତ,ଆଉ କେତେବେଳେ ଜନ୍ତୁ ଶିକାର ଦୈନନ୍ଦିନ ଘଟଣାରେ ପରିଣତ ହୋଇଥିବା ଅଭିଯୋଗ ହେଉଛି । ଯେତେବେଳେ ଧରାପଡୁଛନ୍ତି ତାହାପୁଣି ଧର୍ମକୁ ଆଖି ଠାର ସଦୃଶ । ସବୁ କିଛି ବନବିଭାଗର ଅଧିକାରୀଙ୍କ ପ୍ରିୟାପ୍ରୀତିରେ ଚାଲିଥିବା ଅଭିଯୋଗ ହେଉଛି । ଜଣେ ଜଣେ ସ୍ଥାନୀୟ ଅଧିବାସୀ ବନ କର୍ମଚାରୀ ୧୦/୨୦ବର୍ଷ ଚାକିରି ଆରମ୍ଭରୁ ଥାଇ ବଦଳି ହେଲେ ମଧ୍ୟ କିଛିଦିନ ପରେ ପୁନଶ୍ଚ ନିଜ ରେଞ୍ଜକ ବଦଳି ହୋଇ ଆସୁଛନ୍ତି । ଯେଉଥିପାଇଁ ଏଭଳି ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି । ତେଣୁ ଫରେଷ୍ଟର,ଫରେଷ୍ଟ ଗାର୍ଡ ହେଉକି ଅନ୍ୟ କ୍ଷେତ୍ର କର୍ମଚାରୀଙ୍କୁ ନିଜ ଅଞ୍ଚଳରୁ ଅନ୍ୟତ୍ର ବଦଳି କରାଗଲେ ଏପରି ଅଘଟଣ ଘଟିବା ହ୍ରାସ ପାଇବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି । ସୂଚନା ଅନୁଯାୟୀ ରାୟଗଡ଼ା ବନଖଣ୍ଡ ଅଧିନସ୍ଥ ମୁନିଗୁଡା ରେଞ୍ଜ ମାଲିମୁଣ୍ଡା ଓ ଜାରପା ଗ୍ରାମର କିଛି ମାଫିଆ ହାତୀ ଦାନ୍ତ ବେପାର ପାଇଁ ଛତିଶଗଡ଼ ରାଜ୍ୟର ବେପାରୀ ସହିତ ଯୋଗା ଯୋଗ କରୁଥିବା ବେଳେ ,କଳାହାଣ୍ଡି ଓ ମୁନିଗୁଡା ରେଞ୍ଜ୍ ବନ ବିଭାଗ ସହ ଏସିଏଫ୍ ଟିମ ମାଫିଆଙ୍କ ପିଛା କରି ରାୟଗଡ଼ା ଜିଲ୍ଲା ବନ ବିଭାଗକୁ ଖବର ଦେଇଥିଲେ । ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡା ରେଞ୍ଜର ଅନିଲ କୁମାର ବାଲାଙ୍କ ନେତୃତ୍ୱରେ ଆମ୍ବାଦଳା ଓ ମୁନିଗୁଡା ବନ ବିଭାଗ କର୍ମଚାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ ।ସେଠାରେ ହାତୀ ଦାନ୍ତ ବେପାର ମୂଳଚାଲ ହେଉଥିବାବେଳେ ହାତୀ ଦାନ୍ତ ସହ ୫ ଜଣ ମାଫିଆ ମାନଙ୍କୁ କାବୁ କରିଥିବା ଏସିଏଫ୍ ସନ୍ଦୀପ ପୁଷ୍ଟି କହିଛନ୍ତି । ତେବେ ଏନେଇ ମାଫିଆମାନଙ୍କ ସହିତ ଆଉ କିଏ କିଏ ସାମିଲ ଅଛନ୍ତି ସେମାନଙ୍କୁ ଖୋଜିବା ପାଇଁ ବନ ବିଭାଗ ଅଧିକାରୀ ଶିବପଦର ପଞ୍ଚାୟତ ଜାରପା ଗ୍ରାମରେ ପହଞ୍ଚି ତଦନ୍ତ କରିବା ସମୟରେ କିଛି ଦୁର୍ବୃର୍ତ୍ତ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଘର ଭିତରକୁ ଦୌଡ଼ି ଯାଇଥିଲେ । ଯାହାଫଳରେ ବନ ବିଭାଗ କର୍ମଚାରୀ ମାନେ ସନ୍ଦେହ କରି ଗାଡି ଭିତରେ ବସିପଡ଼ିବାକୁ ଚେଷ୍ଟା କରିବା ସମୟରେ ଗାଡି ଉପରକୁ ୪ ରାଉଣ୍ଡ ଗୁଳି ଚାଳନା ହୋଇଥିବା ଖବର ମିଳିଛି । ତେବେ ନିଜ ଜୀବନ ବଞ୍ଚାଇ ବନ ବିଭାଗ କର୍ମଚାରୀମାନେ ସେଠାରୁ ଫେରି ଆସିଥିବା ବିଶେଷ ସୂତ୍ରରୁ ଜଣାପଡିଥିବା ବେଳେ ଉକ୍ତ ବିଷୟରେ ଅଧିକାରୀମାନଙ୍କ ଠାରୁ କୌଣସି ସୂଚନା ମିଳି ପାରି ନାହିଁ । ଏହି ହାତୀଦାନ୍ତ ଚୋରାଚାଲାଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଏସିଏଫ୍ ଅଧିକାରୀ ସନ୍ଦିପ କୁମାର ପୃଷ୍ଟି ସୂଚନା ଦେଇଛନ୍ତି । ଅପରପକ୍ଷରେ ସ୍ଥାନୀୟ ଲୋକମାନେ କହିଛନ୍ତି ସମ୍ପୃକ୍ତ ଅଧିକାରୀମାନେ ତାଙ୍କର ସ୍ୱାର୍ଥ ପାଇଁ ମୋଟା ଅଙ୍କରେ କାରବାର କରି ସ୍ଥାନୀୟ ଲୋକଙ୍କୁ ନିଜ ଅଞ୍ଚଳରେ ନିଯୁକ୍ତି ଦେବା ଦ୍ୱାରା ଚୋରା କାଠ ବେପାରୀ ଓ ଶିକାରୀ, ହାତୀ ଦାନ୍ତ ବେପାରୀଙ୍କ ସହିତ ଭିତିରି ସମ୍ପର୍କ ଥିବା ଅଭିଯୋଗ ହେଉଛି । ତେଣୁ ନିଜ ଅଞ୍ଚଳର କର୍ମଚାରୀଙ୍କୁ ଅନ୍ୟତ ବଦଳି କଲେ ଜଙ୍ଗଲରେ ଜନ୍ତୁ ଓ କାଠ , ଖଣିଜ ଦ୍ରବ୍ୟ ସୁରକ୍ଷିତ ରହିବ ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି ।

# ଖୋଲା ଆକାଶତଳେ ଜୀବନ ବିତାଉଛନ୍ତି ଅସହାୟ ବୃଦ୍ଧା



ଖଡ଼ିଆଳ (ଭାସ୍କର ନ୍ୟୁଜ): ଡିସେମ୍ବର ମାସର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଛି ଶୀତ । ବର୍ତ୍ତମାନ ଖଡ଼ିଆଳ ସହରରେ ତଥା ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ସକାଳ, ସନ୍ଧ୍ୟାରେ ବିଳମ୍ବିତ ରାତିରେ ପ୍ରବଳ ଶୀତ ଅନୁଭୂତ ହେଉଛି । ଆଗକୁ ଶୀତର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ତେବେ ଦୁଃଖର ବିଷୟ ହେଉଛି, ବର୍ତ୍ତମାନ ପରିସ୍ଥିତିରେ ବିଭିନ୍ନ ସହରାଞ୍ଚଳରେ ଗରିବ, ଅସହାୟ ଓ ମାନସିକ ରୋଗୀଙ୍କ ପାଇଁ ରାତ୍ର ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଉଥିବା ବେଳେ ଖଡ଼ିଆଳ ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସହରର ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମିର ବିକାଶକୁ ଏନ୍‌ଏସି ପ୍ରଶାସନ ପ୍ରାଧାନ୍ୟ ଦେଇ ଆସୁଥିଲେ ମଧ୍ୟ ନିରାଶ୍ରୟଙ୍କ ପାଇଁ ଆଶ୍ରୟସ୍ଥଳୀ ଗୋଟିଏ ବର୍ତ୍ତମାନ ସୁଦ୍ଧା ଖୋଲା ଯାଇପାରୁ ନାହିଁ । ଫଳରେ ଖୋଲା ମେଲାରେ ଅସହାୟ ବ୍ୟକ୍ତି ମାନେ ରାତି କଟୁଥିବା ବେଳେ ଶୀତରେ ସେମାନଙ୍କ ଯନ୍ତ୍ରଣା ଦ୍ୱିଗୁଣିତ ହେବାରେ ଲାଗିଛି । କେବଳ ଶୀତ ଋତୁ ନୁହେଁ, ସହରରେ ବର୍ଷ ତମାମ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି । ରାତି ଗୋଟିଏ କଟାଇବାକୁ ଖୋଲା ଆକାଶ ତଳେ, ଦୋକାନ ପିଣ୍ଡି ଓ ବାରଣ୍ଡା ଓ କୌଣସି ସମତଳ ସ୍ଥାନ ସେମାନଙ୍କ ଆଶ୍ରୟସ୍ଥଳୀ ପାଲଟୁଛି । ଖଡ଼ିଆଳ ସହରର ବିଭିନ୍ନ ଗଳି କନ୍ଦିରେ ପ୍ରତିଦିନ ଦଶରୁ ପନ୍ଦର ଜଣ ଅସହାୟ ଓ ନିରାଶ୍ରୟ ଲୋକମାନଙ୍କୁ ବୁଲୁଥିବାର ଦେଖିବାକୁ ମିଳୁଛି । ସେମାନେ ବାଧ ହୋଇ ଦୋକାନ ପିଣ୍ଡି କିମ୍ବା କୌଣସି ବ୍ୟବସାୟିକ ପ୍ରତିଷ୍ଠାନର ବାରଣ୍ଡାରେ ରାତି କଟାଉଛନ୍ତି । ଅଧିକାଂଶ ଲୋକଙ୍କୁ ରାତିରେ ବସଷ୍ଟାଣ୍ଡରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ଅନେକ ଲୋକ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏତେସବୁ ସମସ୍ୟା ସତ୍ତ୍ୱେ ଖଡ଼ିଆଳ ସହରରେ ଗୋଟିଏ ରାତ୍ର ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ ହୋଇପାରୁ ନାହିଁ । ଏଦିଗରେ ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ବ୍ଲକସ୍ତରୀୟ ଚଇତି କାର୍ଯ୍ୟକ୍ରମ ।।।।।।।।।।।।

# ଆଦାୟ ତୁଳନାରେ ଖର୍ଚ୍ଚ କମ୍ ଅଭିଯୋଗ

## ସରପଞ୍ଚ, ସମିତିସଭ୍ୟା ଓ ଆଦିବାସୀ ଲୋକ ପ୍ରତିନିଧିଙ୍କୁ ଅସମ୍ମାନ




ମୁନିଗୁଡ଼ା (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକରେ ଲୋକ ମହୋତ୍ସବ ଚଇତି-୨୦୨୪ ବହୁ ଆଡମ୍ବରେ ଲଘୁ କ୍ରିୟାରେ ପାଳିତ ହୋଇଯାଇଅଛି । ବିଭିନ୍ନ ଉଦ୍ୟୋଗ, ଡିଲର, କ୍ରସର ମାଲିକ, ଚାକିରିଆ ବ୍ୟବସାୟୀ ପ୍ରମୁଖ ଲୋକମାନଙ୍କ ଠାରୁ ଲକ୍ଷଲକ୍ଷ ଟଙ୍କା ଚାନ୍ଦା ଆଦାୟ କରାଯାଇଥିଲେ ମଧ୍ୟ ଆଦାୟ ତୁଳନାରେ ଖର୍ଚ୍ଚ ବହୁ କମ୍ ହୋଇଥିବା ଅଭିଯୋଗ ହେଉଛି । ବ୍ଲକ ପ୍ରଶାସନର ଅପାରଗତା ତଥା ଦୁର୍ନୀତିଖୋର୍ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଚଇତି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିମାନଙ୍କ ସମେତ ତେଲେଙ୍ଗାପଦର, ଆଗୁଳ, କୁମୁଡାବାଲି, ମୁନିଖୋଲ, ପାତ୍ରଗୁଡା, ଶିବପଦର, ଘମଟଗୁଡା, ଜଗଦଲପୁରୁ, ଶରଧାପୁରୁ, ଇଚ୍ଛାପୁରୁ, ରଘୁବାରୀ, ଅମ୍ବାଦଳା, ଅମ୍ଳାଭଟ୍ଟା, ରାଣିପିଣ୍ଡି ପ୍ରଭୃତି ପଞ୍ଚାୟତର ଆଦିବାସୀ ସରପଞ୍ଚମାନଙ୍କୁ ଏହି କାର୍ଯ୍ୟ କ୍ରମରେ ବସିବା ପାଇଁ ଚେୟାର ଦେଇନଥିବା ବେଳେ ଗୁରୁତ୍ୱ ନ ଦେବାରୁ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାମାନେ ମଞ୍ଚ ଛାଡି ଫେରି ଯାଇଥିବା ସରପଞ୍ଚ ସଂଘର ସଭାପତି ଉପେନ୍ଦ୍ର ଶିକ୍‌କା ପ୍ରକାଶ କରିଛନ୍ତି । ଆହୁରି ମଧ୍ୟ ସଭାପତି କହିଛନ୍ତି ଏଠାରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜ ଦେଓ ବିଡିଓଙ୍କ ନିର୍ଦ୍ଦେଶରେ କୌଣସି ଲୋକ ପ୍ରତିନିଧି ନଥିବା ଅଣଆଦିବାସୀଙ୍କୁ ଗୁରୁତ୍ୱ ଦେଇ ସମ୍ମାନ ଦେଇଥିବା ବେଳେ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କ ପ୍ରତି ଏପରି ଅସମ୍ମାନ ବ୍ୟବହାର ପାଇଁ ବିଧାୟକ ଆୟୋଜକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଦିବାସୀମାନଙ୍କ ପାରମ୍ପରିକ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣି ଚଇତି ମାଧ୍ୟମରେ ପ୍ରତିଭା ପରିପ୍ରକାଶ କରିବାକୁ ଚଇତି ପ୍ରତିଷ୍ଠା, କିନ୍ତୁ ଏଠାରେ ଆଦିବାସୀ ଲୋକ ପ୍ରତିନିଧି ଆୟୋଜକଙ୍କ ଦ୍ୱାରା ଅସମ୍ମାନୀତ । ହେଲେ ମୁନିଗୁଡ଼ା ସଦର ମହକୁମା ପାଇକସାହି ନିକଟସ୍ଥ ଗ୍ରାମଦେବୀଙ୍କ ମନ୍ଦିରରୁ ଗୁରୁବାର ସକାଳ ୮ଟାରେ ପବିତ୍ର କଳସ ପୂଜନ ପରେ ମାଆଙ୍କୁ ଅଖଣ୍ଡ ଜ୍ୟୋତି ମଶାଲରେ ଅଣାଯାଇ ଚଇତି ମଣ୍ଡପରେ ରଖାଯାଇ ଶୁଭାରମ୍ଭ କରାଯାଇଥିଲା । ପରେ ଏକ ମାରାଥନ ଗଣଦୌଡ ବ୍ଲକ ଛକରୁ ହୁକୁମତୋଲା ଶୈବପୀଠ ପର୍ଯ୍ୟନ୍ତ ଯାଇ ଫେରିଥିଲା । ଏହି ମାରାଥନ ଗଣ ଦୌଡ଼ରେ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସରକାରୀ କର୍ମଚାରୀ, ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ପରେ ସନ୍ଧ୍ୟାରେ ଚଇତି କମିଟି ଅଧକ୍ଷ ତଥା ଗୋଷ୍ଠି ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତିଙ୍କ ଅଧକ୍ଷତାରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ସମ୍ମାନିତ ଭାବେ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ନୀଳମାଧବ ହିକକା, ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ପଞ୍ଚାୟତ ସମିତି ଅଧକ୍ଷା ଦୁଃଖୁନୀ ନୁଣ୍ଡୁକା, ଜିଲ୍ଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା, ତହସିଲଦାର ଏମ୍ ଅନୁରାଧା, ଗୋଷ୍ଠୀ ଶିକ୍ଷାଧିକାରି ବି ଭାସ୍କର ରାଓ, ଏବିଇଓ ସୁବାସ ସିଂ, ମୁନିଗୁଡା ଡିଗ୍ରି କଲେଜ୍ ଅଧକ୍ଷ ହୃଷିକେଶ ଜାଲି, , ଜିଲ୍ଲା ପରିଷଦ ସଦସ୍ୟା ମାଧବୀ କନ୍ଧପାଣି, ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ବ୍ଲକ ଉପାଧକ୍ଷ ଆଦର୍ଶ କୁଶୁଲିଆ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ଲୋକସଭା ସାଂସଦ ପ୍ରତିନିଧି ରଜନୀ ପାଡାଲୁ, ବିଜେପି ନେତ୍ରୀ ସୁଶୀଳା ସରାଫ, ମୁନିଗୁଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସରସ୍ୱତୀ ଶବର, ବିଜେଡି ବ୍ଲକ୍ ସଭାପତୀ ରତନଲାଲ ଜୈନ ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ ସନ୍ଧ୍ୟାକୁ ଉପଭୋଗ କରିବା ସହିତ ଆମ ସଂସ୍କୃତି, ସଭ୍ୟତା, ଲୋକକଳା, ଆଉ ପରମ୍ପରାର ପ୍ରତୀକ ଚଇତି ଉପରେ ଅଭିଭାଷଣ ରଖିଥିଲେ । ଶେଷରେ କଳାକାର,କ୍ରୀଡାବିତ୍ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଆଦିବାସୀ ସରପଞ୍ଚଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ହେଉଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ତରଫରୁ ଷ୍ଟଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଥିବା ବେଳେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ତମ ଦାସ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ବର୍ଯ୍ୟ ଭଞ୍ଜଦେଓଙ୍କ ତତ୍ୱାବଧାନରେ ଯନ୍ତ୍ରୀ ପ୍ରମୋଦ ପରିଡା, ଗୌରୀ ନାୟକ, ଅଶୋକ ପାତ୍ର, ସନ୍ଧ୍ୟାରାଣୀ ମଲ୍ଲିକ୍, ବିପିଏମ କ୍ଷୀରୋଦ ଭୁୟାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଅତିଥିମାନଙ୍କୁ ମିଶନଶକ୍ତିର ଏମବିକେ ରୁପବତୀ ନାଳା, ସିଆରପି ଅମ୍ବିକା ନାୟକ, ପୁଷ୍ପଲତା ପାଣିଗ୍ରାହୀ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଇତି ସଙ୍ଗୀତ ଗାନ କରିଥିବା ପ୍ରକାଶ ମୁଦୁଲିଙ୍କୁ ପ୍ରଶାସନ ତରଫରୁ ପ୍ରଶଂସା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ କେବଳ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରିବା ସହ କେତେକ ସମ୍ବାଦିକଙ୍କୁ ମଧ୍ୟ ଅଣଦେଖା କରିଥିବା ସରପଞ୍ଚମାନେ ହୃଦବୋଧ କରି କହିଛନ୍ତି ଯିଏ ସଂଘରେ ଅଛି ସେ ସାମ୍ବାଦିକ ଯିଏ ସଂଘରେ ନାହିଁ ବିଡିଓ ଏବଂ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟିରେ ସେମାନେ ସାମ୍ବାଦିକ ନୁହଁନ୍ତି । ଏପରି ମନୋଭାବ ଭବିଷ୍ୟତକୁ ମହଙ୍ଗା ପଡିବ ବୋଲି କହି ପଞ୍ଚାୟତ ପ୍ରତିନିଧିମାନେ ବ୍ଲକର କୌଣସି କାର୍ଯ୍ୟରେ ଯୋଗ ଦେଇନପାରନ୍ତି ବୋଲି ସଂଘ ବୈଠକ ପରେ ଜଣାପଡିବ କଥା ଉପେନ୍ଦ୍ର ସିକକା, ସୁନିତା, ଗୌରୀ ପିଡିକାକା, ପାଇକ ଜାକାକା, ଅନନ୍ତ ନୃଣ୍ଡୁକା, ପ୍ରକାଶ କଲସିକା, ଅନନ୍ତ ନୁଣ୍ଡୁକା, ରାମେଶ୍ୱର ବାରିଆକା, ଅଭିମନ୍ୟୁ ବାଗ୍, ନାରଙ୍ଗି ମାଝି, ଚଞ୍ଚଳା ମାଝି, ନାଉଙ୍ଗ ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଧାନମଣ୍ଡିକୁ ନେଇ ଜିଲ୍ଲାପାଳ ଓ ବିଧାୟକଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ ଓ ଚାଷୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ବ୍ଲକର ଗୌଡ଼ଗୁଡା ପଂଚାୟତ ଅନ୍ତର୍ଗତ ଏମ୍.ଭି. ୧୧ ଧାନମଣ୍ଡିକୁ ନେଇ ମାଲକାନଗିରି ବ୍ଲକ ଉପାଧକ୍ଷ ନିରଂଜନ ହାଲଦାର , ଇନ୍ଦ୍ରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସହ ମିଶି କୁଚକ୍ରାନ୍ତ କରୁଥିବାରୁ ସିନ୍ଧ୍ରିମାଳ ଓ ଗୌଡଗୁଡା ପଂଚାୟତର ସରପଂଚ ଓ ଚାଷୀ ମିଶି ଆଜି ଜିଲ୍ଲାପାଳ ଓ ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ମୁତାବକ ଗତ ଗୁରୁବାର ଦିନ ଏମ୍.ଭି. ୧୧ ଧାନମଣ୍ଡି ଦାୟିତ୍ୱରେ ଥିବା ଜୟ ମା'କାଳୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆସି ଚୁକ୍ତିପତ୍ର ସ୍ୱାକ୍ଷର କରୁଥିବା ସମୟରେ ଇନ୍ଦ୍ରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ ମାନେ କାର୍ଯ୍ୟାଳୟ ଭିତରେ ପ୍ରବେଶ କରିଥିଲେ । ସେହି ସମୟରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଜୟ ମା' କାଳୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭାପତି ଓ ସମ୍ପାଦିକାଙ୍କୁ ଆସନ୍ତା ବୁଧବାର ଦିନ ମଣ୍ଡି ଚାଲୁଥିବା ସମୟରେ ମାରପିଟ କରିବା ସହ ଧାନମଣ୍ଡିରେ ତାଲା ପକାଇ ବନ୍ଦ କରାଯିବ ବୋଲି ଧମକ ଦେଇଥିଲେ । ଏହାକୁ ଦୃଷ୍ଟିରେ ରଖି ଆଜି ସିନ୍ଧ୍ରିମାଳ ସରପଂଚ ଘାସି ନାୟକ ଓ ଗୌଡଗୁଡା ସରପଂଚ ପାଣ୍ଡ୍ରି ପଡିଆମିଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଜିଲ୍ଲାପାଳ ଓ ବିଧାୟକଙ୍କ ଦ୍ୱାରସ୍ଥ ହେବା ସହ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି । ଜୟ ମା' କାଳୀ ମହିଳାଗୋଷ୍ଠିଙ୍କୁ ଧାନମଣ୍ଡି ଦାୟିତ୍ୱ ପ୍ରଦାନ କରା ଯିବା ସହ କୁଚକ୍ରାନ୍ତ କରୁଥିବା ବ୍ୟକ୍ତି ଓ ଗୋଷ୍ଠିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଧାନମଣ୍ଡି ସମ୍ବନ୍ଧୀୟ କୌଣସି ଖଳପ୍ରକୃତି ବ୍ୟକ୍ତି କିମ୍ବା ଗୋଷ୍ଠି କୁଚକ୍ରାନ୍ତ କଲେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରା ଯିବ ବୋଲି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରକାଶ କରିଛନ୍ତି। ତତ୍ ସହିତ ଜୟ ମା' କାଳୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତରଫରୁ ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ ଇନ୍ଦ୍ରାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଜୟ ମା' କାଳୀ ଗୋଷ୍ଠୀ ବିରୁଦ୍ଧରେ ଥାନା ରେ ଏତଲା ଦେଉଥିବା ଜଣାପଡ଼ିଛି । ଆମେ ଏହି ବିଷୟରେ ଥାନା ଅଧିକାରୀ ଶ୍ରୀକିଣ୍ଡୋଙ୍କୁ ପଚରିବାରୁ ସେ କହିଛନ୍ତି ଦୁଇ ପକ୍ଷର ଏତଲା କୁ ଭିତ୍ତିକରି ତଦନ୍ତ ଚାଲୁ ରହିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ବହୁଚର୍ଚ୍ଚିତ ଇନ୍ଦ୍ରପୁରୀ ହତ୍ୟା ଘଟଣାର ରାୟ ପ୍ରକାଶ

# ହତ୍ୟା ଅଭିଯୁକ୍ତକୁ ଆଜୀବନ ଓ ୨ ନିର୍ଦ୍ଦୋଷ

ଉମରକୋଟ (ଭାସ୍କର ନ୍ୟୁଜ): ୪ ବର୍ଷ ତଳେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅର୍ନ୍ତଗତ ଇନ୍ଦ୍ରପୁରି ବଙ୍ଗୀୟ ଗ୍ରାମ ଠାରେ ଦାଦା ନିଜ ଝିଆରୀକୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିବା ପରି ଲୋମ ଟାଙ୍କୁରା ହେବା ଭଳି ଘଟଣା ଘଟିଥିଲା ଯାହାକି ସେହି ସମୟରେ ସମଗ୍ର ଉମରକୋଟ ଓ ରାଇଘର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିଲା । ତାହାର ରାୟ ପ୍ରକାଶ ପାଇଛି ।ଏହି ମାମଲାରେ ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରା ।ଜଜ ଗିରିଜା ପ୍ରସାଦ ମହାପାତ୍ର ଜଣେ ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ଏହି ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରି ଦେଇଛନ୍ତି । ଇନ୍ଦ୍ରପୁରୀ ଗ୍ରାମର ଜଗତି ମଣ୍ଡଳ ଯିଏ କି ବିଧବା ଥିଲେ ଯାହାଙ୍କ ସ୍ୱାମୀ କିଛି ବର୍ଷ ପୂର୍ବରୁ ଦେହାନ୍ତ ହେଇ ଯାଇଥିଲା । ସ୍ୱାମୀ ମରିବା ପରେ ଜଗତି ନିଜ ଶ୍ୱଶୁର ଦେବେନ୍ଦ୍ର ମଣ୍ଡଳଙ୍କୁ ଜମି ଭାଗ ଦାବୀ କରୁଥିଲେ ।ତେବେ ଦେବେନ୍ଦ୍ର ନ ଦେଇ ଜଗତିଙ୍କ ସହ ଗଣ୍ଡଗୋଳ କରିବା ସହ ଭାଗ ଦେବିନି କହି ରୋକ ଠୋକ ମନା । କରି ଦେଇଥିଲେ । ଏଥି ନେଇ କିଛି ଦିନ ଧରି ମନାନ୍ତର ଥିଲା । ତେବେ ୨୨/୪/୨୦୨୦ ଦିନ ମଧ ଏଥି ନେଇ ୨ ପରିବାର ମଧରେ ଗଣ୍ଡଗୋଳ ହେଇଥିଲା । ଏଥିରେ ଉତକ୍ଷିପ୍ତ ହେଇ ଜଗତିଙ୍କ ଦିଅର ଭୋଳା । ନାଥ ମଣ୍ଡଳ ସନ୍ଧ୍ୟା ପ୍ରାୟ ୮ ଟା ସମୟ ରେ ଜଗତି ଘରକୁ ଯାଇ ଜଗତିକୁ ହାଣିବା । ପାଇଁ ଉଦ୍ୟମ କଲାବେଳେ ଜଗତି ହାତ ଦେଖାଇ ଦେବାରୁ ଟାଙ୍ଗିଆ ଚୋଟଟି ଆଙ୍ଗୁଠିରେ ବାଜିବାରୁ ଆଙ୍ଗୁଠିଟି କଟି ଯାଇଥିଲା । ତେବେ ସେହି ସମୟ ରେ ନିକଟରେ ଥିବା ଜଗତିଙ୍କ ବଡ଼ ଝିଅ ଜ୍ୟୋସ୍ନା ରାଣୀ ମଣ୍ଡଳ ଓ ସାନ ଝିଅଙ୍କ ସହ ଜଗତି ମିଶିକି ପ୍ରାଣ ବଞ୍ଚେଇବା ପାଇଁ ଦୌଡ଼ି ଥିଲେ । ତେବେ ବଡ ଝିଅ ଜ୍ୟୋସ୍ନା ଅନ୍ଧାରରେ ନିଜ ଜୀବନକୁ ବଞ୍ଚାଇବା ପାଇଁ ଗ୍ରାମ ନିକଟସ୍ଥ ନୀଳଗିରି ଜଙ୍ଗଲକୁ ଦୌଡ଼ି ପଳାଇ ଥିଲେ । ଦାଦା ଭୋଳାନାଥ ଜ୍ୟୋସ୍ନାକୁ ଗୋଡାଇ ଗୋଡାଇ ନୀଳଗିରି ଜଙ୍ଗଲରେ ଟାଙ୍ଗିଆ ରେ ହତ୍ୟା କରିଥିଲା । ଏତିକିରେ ମଧ ଭୋଳାନାଥର ରାଗ କମି ନଥିଲା । ଜଗତି ଓ ସାନ ଝିଅକୁ ମଧ ହତ୍ୟା କରିବା ପାଇଁ ଖୋଜି ଥିଲା । ତେବେ ଅନ୍ଧାରରେ ଦୁହେଁ ଲୁଚି ଯାଇଥିବାରୁ ପାଇନଥିଲା । ତେବେ ହତ୍ୟା କାଣ୍ଡ ଭିଆଇ ଭୋଳାନାଥ ଫେରାର ହୋଇ ଯାଇଥିଲା । ତା ଆର ଦିନ ଜଗତି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଉମରକୋଟ ପୋଲିସ ଭୋଳା ।ନାଥ, ଶ୍ୱଶୁର ଦେବେନ୍ଦ୍ର ମଣ୍ଡଳ ଓ ଦେବେନ୍ଦ୍ରଙ୍କ ଜ୍ୱାଇଁ ଆକୁଳ ବାଲାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ପରେ ୩ ଅଭିଯୁକ୍ତ ଜାମିନରେ ଥିଲେ । ତେବେ ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରା ଜଜ ଗିରିଜା ପ୍ରସାଦ ମହାପାତ୍ର ୨୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଭୋଳା ।ନାଥ ମଣ୍ଡଳକୁ ଭାରତୀୟ ପିଙ୍ଗଳ କୋଡ଼ ଧାର । ଅନୁସାରେ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ଆଦେଶ ଓ ୫୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ , ୩୦୭ ଦଫାରେ ୧୦ ବର୍ଷ କାରାଦଣ୍ଡ ଆଦେଶ ଓ ୨୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅର୍ଥ ଅନାଦେୟ ସ୍ଥଳେ ୬ ମାସ ଅଧିକ ସଶ୍ରମ କାରାଦଣ୍ଡ , ୩୨୪ ଦଫାରେ ୨ ବର୍ଷ ସଶ୍ରମ କାରାଦଣ୍ଡ ୫ ହଜାର ଟଙ୍କା ଓ ଜୋରିମାନା ଅର୍ଥ ଅନାଦେୟ ସ୍ଥଳେ ଅଧିକ ୧ ବର୍ଷେ ସଶ୍ରମ କାରାଦଣ୍ଡ ଓ ୫୦୬ ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଓ ଜୋରିମାନା ଅର୍ଥ ଅନାଦେୟ ସ୍ଥଳେ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ତେବେ ପ୍ରମାଣ ଅଭାବରୁ ଦେବେନ୍ଦ୍ର ମଣ୍ଡଳ ଓ ଆକୁଳ ବାଲାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ବିଚାରପତି ଶ୍ରୀ ଗିରିଜା ପ୍ରସାଦ ମହାପାତ୍ର । ସରକାରଙ୍କ ତରଫରୁ ସରକାରୀ ଓକିଲ ଝାଡେଶ୍ୱର ମହାନ୍ତି ମୋକଦ୍ଦମା ପରିଚାଳନ । କରୁଥଲେ ।

# ଜଙ୍ଗଲ ବିକାଶ ପାଇଁ ସମ୍ବର୍ଦ୍ଧିତ ହେଲେ ବନ କର୍ମଚାରୀ



ଝାରସୁଗୁଡା(ଭାସ୍କର ନ୍ୟୁଜ): ଜିଲ୍ଲାରେ ପରିବେଶ ସୁରକ୍ଷା ସକାଶେ ବୃକ୍ଷରୋପଣ ଅନ୍ତର୍ଗତ ଅଭିଯାନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଶିକ୍ଷାନୁଷ୍ଠାନ ଓ ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ଶିକ୍ଷାନୁଷ୍ଠାନ ଓ ଜଙ୍ଗଲ ବିଭାଗ ମିଳିତ ପ୍ରଚେଷ୍ଟାରେ ବୃକ୍ଷରୋପଣ ଅଭିଯାନର ପ୍ରଶଂସା କରିଥିଲେ । ବୃକ୍ଷରୋପଣ ସହିତ ଏହାର ନିୟମିତ ରକ୍ଷଣାବେକ୍ଷଣ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ବୃକ୍ଷରୋପଣ ପୂର୍ବରୁ ଏବଂ ପରେ ସମ୍ପୃକ୍ତ ସ୍ଥାନର ଫଟୋ ଉତ୍ତୋଳନ ପୂର୍ବକ ରେକର୍ଡ ପାଇଁ ରଖାଯିବା, ସମ୍ପୃକ୍ତ ଅଞ୍ଚଳର ଅଧିବାସୀଙ୍କର ବୃକ୍ଷରୋପଣ କାର୍ଯ୍ୟରେ ଅଂଶଗ୍ରହଣ ଓ ସହଯୋଗ ତଥା ଗଛର ସଂଖ୍ୟା ଗଣତିରେ ସୁବିଧା ପାଇଁ ରେଡିୟମଯୁକ୍ତ ନମ୍ବର ଲଗାଯିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ଝାରସୁଗୁଡା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନ, ଡିଷ୍ଟ୍ରିକ୍ଟ ୱାଇଲଡ୍ ଲାଇଫ ୱାର୍ଡେନ ପ୍ରହ୍ଲାଦ ନାୟକଙ୍କ ସମେତ ଜିଲ୍ଲା ପରିବେଶ ସୁରକ୍ଷା ସମିତି ସଦସ୍ୟ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମଣ୍ଡି ଆରମ୍ଭ: ଏଥର ହେବନି କଟନି ଛଟନି

ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି । ଏଥିରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ଉପଜିଲ୍ଲାପାଳ କିରଣଦୀପ କୌର ଯୋଗଦେଇ ରୀତିଅନୁସାରେ ପୂଜାର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ମଣ୍ଡିରେ ପଞ୍ଜିକରଣ କରିଥିବା ଚାଷୀ ଏଫ୍‌କ୍ୟୁମାନର ଧାନ ବିକ୍ରୟ କରି ସରକାରଙ୍କ ଧାର୍ଯ୍ୟ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ପାଇବେ ବୋଲି ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ସୂଚନା ଦେଇଥିଲେ । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ରାୟଗଡା ଜିଲ୍ଲାରେ ୯ଲକ୍ଷ ୪୦ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ ଧାର୍ଯ୍ୟ ରହିଥିବା କହିଥିଲେ । ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀ ଚଳିତ ବର୍ଷ ୫୦ କେଜି ଝୋଟ ଅଖାରେ ଧାନ ଆଣିବା ପାଇଁ ସୂଚନା ଦେଇଥିଲେ । ତେବେ ପୂର୍ବରୁ ୭୨କ୍ୱିଣ୍ଟାଲ ଧାନ ଲାଇଲନ ବ୍ୟାଗରେ ଚାଷୀ ଆଣି ମଣ୍ଡିରେ ଦେଉଥିଲେ । କିନ୍ତୁ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ୫୦କେଜି ବସ୍ତାରେ ଧାନ ମଣ୍ଡିକୁ ନେଇ ଆସିଲେ ଅଧିକା ଲେବର ଓ ପରିବହନ ଖର୍ଚ୍ଚ ଚାଷୀଙ୍କୁ ଭରଣା କରିବାକୁ ପଡିବ ବୋଲି ଚାଷୀ ଅଶ୍ୱିନ ଗମାଙ୍ଗୋ ଓ ବାଳି ଗମାଙ୍ଗୋ ଅସନ୍ତୋଷ ପ୍ରକାଶ କରିଥିଲେ । ତେବେ ଏହାର ସମାଧାନ ପାଇଁ ଚାଷୀ, ମିଲର ଓ ଲ୍ୟାମ୍ପ ଏମ୍‌ଡିଙ୍କ ମଧ୍ୟରେ ଆଗାମି ଦିନରେ ବୈଠକ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ପୂର୍ବରୁ କଟନି ଛଟନି ନେଇ ଚାଷୀ ଓ ମିଲରଙ୍କ ମଧ୍ୟରେ ଯେଉଁ ହଟହଟା ହେଉଥିଲା ଚଳିତ ବର୍ଷ



କୌଣସି ପ୍ରକାର କଟନି ଛଟନି ହେବନାହିଁ ବୋଲି ଯୋଗାଣ ଅଧିକାରୀ ସ୍ପଷ୍ଟ କରିଥିଲେ । ଏଥିସହ ମଣ୍ଡିରେ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଥିଲା । ୩୦ଟି ମଣ୍ଡିରୁ ୬ଟି ମଣ୍ଡିରେ ଆନୁଷଙ୍ଗିକ ସୁବିଧା ଥିବା ବେଳେ ଅନ୍ୟ ୨୪ଟି ମଣ୍ଡି ଖୋଲା ପଡିଆରେ କରାଯିବାକୁ ସ୍ଥିର ହୋଇଥିବା ବେଳେ ଆଗକୁ ବର୍ଷାର ସମ୍ଭାବନା ଥିବାରୁ ଏଥିପ୍ରତି ଧ୍ୟାନ ଦିଆଯିବା ପାଇଁ ଚାଷୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁଣପୁର ଲ୍ୟାମ୍ପ ଏମଡି ତ୍ରିଲୋଚନ ସ୍ୱାଇଁ, ଏଆରସିଏସ ମିତ୍ରଭାନୁ ବିଶ୍ୱାଳ, କେସିସି ବ୍ୟାଙ୍କ ମ୍ୟାନେଜର ପ୍ରିନ୍ସ ପଟେଲ, ଲ୍ୟାମ୍ପ ସଭାପତି କୁଞ୍ଜ ବିହାରୀ ଶବର, ବରିଷ୍ଠ ଚାଷୀ କୃଷ୍ଣ ବେବର୍ତ୍ତା, ମିଲର ଜି ଗୋବିନ୍ଦ ରାଓ, ରାୟଗଡା ଜିଲ୍ଲା ମିଲର ସଂଘ ସମ୍ପାଦକ ଲାଡି ଶ୍ରୀଧର, ଲାଡି ଇଶ୍ୱର ରାଓ, ଲାଡି ସତ୍ୟମ, ପି ସତିଶ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରୟାଗରାଜ୍: ପ୍ରୟାଗରାଜ୍‌ରେ ହେବାକୁ ଥିବା କୁମ୍ଭମେଳାକୁ ନେଇ ସରକାର ବିଶେଷ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ମେଳା ପାଇଁ ସରକାର ୫ ହଜାର କୋଟି ଟଙ୍କାର ବଜେଟ୍ ରଖିଛନ୍ତି। ପ୍ରୟାଗରାଜରେ ଆରମ୍ଭ ହେବାକୁ ଥିବା ମହାକୁମ୍ଭ ମେଳା ସକାଶେ ରାଜ୍ୟ, ରାଜ୍ୟ ବାହାରୁ, ଦେଶ ଏବଂ ଦେଶ ବାହାରୁ ଏଠାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାନ୍ତି। ତେବେ ଶ୍ରଦ୍ଧାଳୁଙ୍କ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଏଥିରୁ ୪୦ କୋଟି ଟଙ୍କା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯିବାର ବ୍ୟବସ୍ଥା କରାଯାଇଛି । ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସମାଗମ ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି। ସବୁଠୁ ବଡକଥା ହେଲା, ରେଳ ଯାତ୍ରୀଙ୍କ ପାଇଁ ମାଗଣା ରେଳ ସେବା ଯୋଗାଇ ପାରନ୍ତି ୟୁପି ସରକାର। ଏହାଦ୍ୱାରା ଶ୍ରଦ୍ଧାଳୁମାନେ ନିଶ୍ଚିତ ଭାବେ ଉପକୃତ ହେବେ ।

# ତୁଳସୀ ଗୌଡାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର କର୍ଣ୍ଣାଟକର ସମ୍ମାନୀୟ ପରିବେଶବିତ୍ ଏବଂ ପଦ୍ମଶ୍ରୀ ପୁରସ୍କାର ବିଜେତା ତୁଳସୀ ଗୌଡାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, କର୍ଣ୍ଣାଟକର ସମ୍ମାନୀୟ ପରିବେଶବିତ୍ ଏବଂ ପଦ୍ମଶ୍ରୀ ପୁରସ୍କାର ବିଜେତା ତୁଳସୀ ଗୌଡାଙ୍କ ପରଲୋକରେ ଅତ୍ୟନ୍ତ ଦୁଃଖିତ । ପ୍ରକୃତିର ପୋଷଣ, ହଜାର ହଜାର ଚାରା ରୋପଣ ଏବଂ ଆମ ପରିବେଶର ସଂରକ୍ଷଣ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ପରିବେଶ ସଂରକ୍ଷଣ ପାଇଁ ଜଣେ ମାର୍ଗଦର୍ଶକ ହୋଇ ରହିବେ । ତାଙ୍କ କାର୍ଯ୍ୟ ଆମ ପୃଥିବୀର ସୁରକ୍ଷା ପାଇଁ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ। ତାଙ୍କ ପରିବାର ଏବଂ ପ୍ରଶଂସକମାନଙ୍କ ପ୍ରତି ସମବେଦନା।

# ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନଶୀଳ ଯାତ୍ରାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତିରେ ପରିଣତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି । ଏହି ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ଏବଂ ଉନ୍ମୋଚନ କରୁଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲ ଶିକ୍ଷା ଓ ଉଚ୍ଚଶିକ୍ଷାର ଅଗ୍ରଗତି ସମ୍ପର୍କରେ ଶ୍ରୀ ପ୍ରଧାନ ଆଲୋକପାତ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ଭିତ୍ତିଭୂମି ମଜଭୁତ୍ ହେବା ସହ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁବିଧାରେ ବ୍ୟାପକ ବୃଦ୍ଧି ପାଇଛି । ବିଦ୍ୟାଳୟ ଭିତ୍ତିଭୂମି ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ଉନ୍ନତିଠାରୁ ଆରମ୍ଭକରି ନାରୀଶକ୍ତିର ସଶକ୍ତୀକରଣ ଏବଂ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହୋଇଛି । ଏହାର ବିସ୍ତୃତ ସୂଚନା ଦେଇ ସେ କହିଛନ୍ତି ଯେ ୨୦୧୩-୧୪ରେ ଦେଶର ୫୩ ପ୍ରତିଶତ ସ୍କୁଲରେ ବିଜୁଳି ଥିବା ବେଳେ ୨୦୨୩-୨୪ରେ ୯୧.୮ ପ୍ରତିଶତ ସ୍କୁଲରେ ବିଜୁଳି ପହଞ୍ଚିଛି । କମ୍ପ୍ୟୁଟର, ପାଠାଗାର, ଖେଳ ପଡ଼ିଆ ଭଳି ମୌଳିକ ସୁବିଧାରେ ମଧ୍ୟ ଅଭୂତପୂର୍ବ ବୃଦ୍ଧି ଘଟିଛି । ୨୦୧୩-୧୪ରେ ମାତ୍ର ୭.୧% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ଥିବାବେଳେ ୨୦୨୩-୨୪ରେ ୫୪% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି । ଏବେ ଶତପ୍ରତିଶତ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ସ୍ୱଚ୍ଛତାର ମାନଦଣ୍ଡରେ ଆମେ ପ୍ରାୟ ୧୦୦% ଆଡକୁ ଅଗ୍ରସର ହେଉଛୁ। ୨୦୧୩-୧୪ ତୁଳନାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଅଧିକ ପ୍ରତିଶତ ସ୍କୁଲ ରହିଛି । ୨୦୧୩-୧୪ରେ ଏହା ୫୬.୮% ଥିବାବେଳେ ୨୦୨୩-୨୪ରେ ଏହା ୭୭%କୁ ବୃଦ୍ଧି ପାଇଛି । ଭାରତ ସରକାରଙ୍କ ଶିକ୍ଷା ନୀତିରେ ଭାରତୀୟ ଭାଷା ଓ ମାତୃଭାଷାକୁ ପ୍ରାଥମିକତା ଦିଆଯାଇଛି । ଆମର ପ୍ରବେଶିକା ପରୀକ୍ଷା ଆସାମୀ, ବଙ୍ଗାଳି, ଗୁଜରାଟୀ, ହିନ୍ଦୀ, କନ୍ନଡ, ମାଲାୟାଲମ, ମରାଠୀ, ପଞ୍ଜାବୀ, ଓଡ଼ିଆ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ଭଳି ୧୩ଟି ଭାଷାରେ ଅନୁଷ୍ଠିତ ହେଉଅଛି । ଏକାଡେମିକ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍, ସ୍ୱୟମ, ସମର୍ଥ, ସାଥୀ, ଏନଆଇଆରଏଫ ରାଙ୍କିଂ ଭଳି ପଦକ୍ଷେପର ଶୁଭାରମ୍ଭ ସହ ପୁସ୍ତକକୁ ପ୍ରୋତ୍ସାହନ ଓ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନାରେ ସ୍ମାର୍ଟ ଇଣ୍ଡିଆ ହାକାଥନର ଶୁଭାରମ୍ଭ ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି।

# ଋଷ୍ ଯିବାକୁ ଲାଗିବନି ଭିସା

ମୁମ୍ବାଇ : ଆସନ୍ତାବର୍ଷ ଠାରୁ ଭାରତୀୟ ନାଗରିକଙ୍କ ପାଇଁ ଋଷକୁ ଭିସା-ଫ୍ରି ସୁବିଧା ମିଳିପାରେ। ଏନେଇ ଭାରତ ଓ ଋଷ ମଧ୍ୟରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଏହି ସୁବିଧା ମିଳିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଭାରତୀୟ ପାସପୋର୍ଟ ଥିଲେ ବିଶ୍ୱର ୬୨ଟି ଦେଶକୁ ବିନା ଭିସାରେ ଯାତ୍ରା କରିହେଉଛି। ସେପଟେ ଏବେ ଋଷକୁ ଚୀନ୍ ଓ ଇରାନ ନାଗରିକ ମାନେ ବିନା ଭିସାରେ ଯାଇପାରୁଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟବସାୟ ପର୍ଯ୍ୟଟନ ପାଇଁ ଅଣ-ସିଆଇଏସ୍ ଦେଶ ମଧ୍ୟରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି ଏବଂ ୨୦୨୪ର ପ୍ରଥମ ତ୍ରିମାସରେ ପ୍ରାୟ ୧୭୦୦ ଇ-ଭିସା ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ ଋଷ ବର୍ତ୍ତମାନ ଭିସା ମୁକ୍ତ ପର୍ଯ୍ୟଟନ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଚୀନ୍ ଏବଂ ଇରାନରୁ ଯାତ୍ରୀମାନଙ୍କ ପାଇଁ ଭିସାମୁକ୍ତ ପ୍ରବେଶ ଅନୁମତି ଦେଇଥାଏ। ଏହି ପଦକ୍ଷେପ ମସ୍କୋ ପାଇଁ ସଫଳ ପ୍ରମାଣିତ ହୋଇଛି। ଯାହା ଭାରତ ସହିତ ସମାନ ପୁନରାବୃତ୍ତି କରିବାକୁ ଆଶା କରୁଛି। ଭାରତ ବର୍ତ୍ତମାନ ୬୨ଟି ଦେଶକୁ ଭିସା ମୁକ୍ତ ଭ୍ରମଣ ସୁବିଧା ଉପଭୋଗ କରୁଛି । ହେନଲି ପାସପୋର୍ଟ ଇଣ୍ଡେକ୍ସ ୨୦୨୪ରେ ୮୨ତମ ସ୍ଥାନରେ ଥିବା ଭାରତୀୟ ପାସପୋର୍ଟଧାରୀମାନେ ଭିସା ବିନା ଇଣ୍ଡୋନେସିଆ, ମାଲଦ୍ୱୀପ ଏବଂ ଥାଇଲ୍ୟାଣ୍ଡ ଭଳି ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳକୁ ଯାଇପାରିବେ ।

# ଋଷ୍ ଆଣବିକ ସୁରକ୍ଷା ବାହିନୀ ମୁଖ୍ୟ ମୃତ



ମସ୍କୋ: ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏକ ବଡ଼ ଝଟକା ଲାଗିଛି। ମଙ୍ଗଳବାର ରାଜଧାନୀ ମସ୍କୋରେ ଏକ ବଡ଼ ବିସ୍ଫୋରଣ ଘଟିଛି। ଏଥିରେ ଋଷର ଆଣବିକ, ଜୈବିକ ଏବଂ ରାସାୟନିକ ସୁରକ୍ଷା ବାହିନୀ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଇଗୋର କିରିଲୋଭଙ୍କ ମୃତ୍ୟୁ ଘଟିଛି। ଇଗୋର ରାଷ୍ଟ୍ରପତି ପୁଟିନଙ୍କର ଅତି ନିକଟତର ଥିଲେ। ରାଷ୍ଟ୍ରପତି ଭବନରୁ ମାତ୍ର ୭ କିମି ଦୂରରେ ଏହି ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି ୟୁକ୍ରେନର ସୁରକ୍ଷା ସେବା। ଋଷର ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଏକ ଇଲେକ୍ଟ୍ରିକ୍ ସ୍କୁଟରରେ ଲୁଚା ଯାଇଥିବା ବୋମା ଯୋଗୁଁ ଏହି ବିସ୍ଫୋରଣ ଘଟିଛି। ବୋମା ବିସ୍ଫୋରଣ କାରଣରୁ କିରିଲୋଭଙ୍କ ସହ ତାଙ୍କର ଜଣେ ସହାୟକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଏହା ଏକ ହତ୍ୟା ବୋଲି କହିଛି ତଦନ୍ତକାରୀ ସଂସ୍ଥା।

# ସ୍କୁଲ୍‌ରେ ଗୁଳିମାଡ: ୩ମୃତ, ୬ ଆହତ



ଆମେରିକା : ଆମେରିକାର ଏକ ସ୍କୁଲରେ ପୁଣି ଫୁଟିଲା ଗୁଳି। ୱିସ୍କୋସିନରେ ଏକ ସ୍କୁଲରେ ଗୁଳିକାଣ୍ଡ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଗୁଳିମାଡ କରିଥିବା ଛାତ୍ର ଜଣଙ୍କ ପୁଲିସ୍ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ଆବଣ୍ଡ୍ରାଣ୍ଟ ଲାଇଫ୍ ଖ୍ରୀଷ୍ଟୀଆନ୍ ସ୍କୁଲରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। ହଠାତ୍ ଆଜି ସକାଳୁ ଛାତ୍ରଛାତ୍ରୀମାନେ ସ୍କୁଲରେ ପାଠ ପଢୁଥିବା ସମୟରେ ଗୁଳିମାଡ ହୋଇଥିଲା। ଅଭିଯୁକ୍ତ ସମେତ ଜଣେ ଛାତ୍ର ଏବଂ ଜଣେ ଶିକ୍ଷକଙ୍କର ମୃତ୍ୟୁ ଘଟିଛି। ୬ ଗୁରୁତରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରେ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ସେପଟେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍। ସେ କହିଛନ୍ତି ଏଭଳି ହିଂସାକୁ ବରଦାସ୍ତ କରାଯିବନି। ଦୋଷୀକୁ ଛଡାଯିବନି, ତା' ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଡୁଆରେ ସଞ୍ଜୀବ ହଂସ, ୨୩ କୋଟିର ସମ୍ପତ୍ତି ଜବତ



ନୂଆଦିଲ୍ଲୀ : ଆଇଏଏସ୍ ସଞ୍ଜୀବ ହଂସଙ୍କର ଉତ୍ତରପ୍ରଦେଶର ନାଗପୁରରେ ୩ଟି ପ୍ଲଟ, ଦିଲ୍ଲୀରେ ଏକ ଫ୍ଲାଟ, ଜୟପୁରରେ ତିନିଟି ଫ୍ଲାଟ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ସଞ୍ଜୀବ ହଂସ ନିଜେ ଏହି ସବୁ ସମ୍ପତ୍ତି ମାଲିକ ହୋଇ ନ ଥିବା ବେଳେ ନିଜ ସମ୍ପର୍କୀୟ ତଥା ଷ୍ଟାଫଙ୍କ ନାମରେ ଏହି ସବୁ ସମ୍ପତ୍ତିକୁ ସେ ରେଜିଷ୍ଟର କରାଇଥିଲେ। ଏହି ମାମଲାର ତଦନ୍ତ କରି ଗତ ୩ ତାରିଖରେ ଇଡି ପକ୍ଷରୁ ଦିଲ୍ଲୀ, ଗୁରଗ୍ରାମ, କୋଲକତା, ଜୟପୁର,ନାଗପୁରରେ ଚଢ଼ାଉ କରାଯାଇଥିଲା। ଗତ ୬ ତାରିଖରେ ଇଡି ପକ୍ଷରୁ ସଞ୍ଜୀବଙ୍କ ପତ୍ନୀ ମୋନା ହଂସ ଓ ତାଙ୍କ ଶଳାଙ୍କୁ ବି ପଚରାଉଚରା କରାଯାଇଥିଲା। ପାଟନାସ୍ଥିତ ଇଡି କାର୍ଯ୍ୟାଳୟରେ ଉଭୟଙ୍କୁ ପ୍ରାୟ ୩ ଘଣ୍ଟା କାଳ ପଚରାଉଚରା କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ସମ୍ପତ୍ତି ଆଟାଚ କରାଯାଉଛି। ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ସଞ୍ଜୀବ ହଂସ ଓ ତାଙ୍କ ବିଜନେସ୍ ପାର୍ଟନର ଗୁଲାବ ଯାଦବଙ୍କୁ ବାନ୍ଧି ସାରିଛି ଇଡି। ଏହାପରେ ଇଡି ପକ୍ଷରୁ ଠିକାଦାର ପ୍ରବୀଣ ଚୌଧୁରୀ ଓ ପୁଷ୍କରାଜ ବଜାଜ ବି ଏହି ମାମଲାରେ ଗିରଫ ହୋଇଛନ୍ତି। ସମସ୍ତେ ଏବେ ପାଟନାର ବେଉର ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି। ଏହି ମାମଲାରେ ଏଯାବତ ଇଡି ସଞ୍ଜୟ ହଂସଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ବିପୁଳ ସମ୍ପତ୍ତିର ଟେର ପାଇ ପାରିଛି। ସଞ୍ଜୟ ହଂସଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବେ ୬୦ କୋଟି ଟଙ୍କାର ଶେଆର ସହ ୭୦ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୬ କୋଟି ଟଙ୍କା ଜବତ କରାଯାଇଛି। ଏହାପରେ ଏହି ସବୁ ସମ୍ପତ୍ତିକୁ ଫ୍ରିଜ୍ କରି ଦିଆଯାଇଛି। ଏହି ମାମଲାରେ ଏଯାବତ ୮୦ ଲକ୍ଷ ଟଙ୍କାର ଅଳଙ୍କାର ସିଜ୍ ହୋଇ ସାରିଥିବା ବେଳେ ସଞ୍ଜୟଙ୍କ ଦିଲ୍ଲୀ ଓ ପାଟଣାସ୍ଥିତ ଘରୁ ୬୫ ଲକ୍ଷ ଟଙ୍କାର କ୍ୟାସ୍ ଜବତ ହୋଇଛି। ଏଥିସହ ୧୧ ଲକ୍ଷ ମୂଲ୍ୟର ୧୩ କେଜି ଓଜନ ବିଶିଷ୍ଟ ରୂପା ବିସ୍କୁଟ, ୧କୋଟି ୨୫ ଲକ୍ଷ ଟଙ୍କା ମୂଲ୍ୟ ବିଶିଷ୍ଟ ସୁନା ବିସ୍କୁଟ ଜବତ ହୋଇଛି। ଏଥିସହ ତାଙ୍କ କର୍ମଚାରୀଙ୍କ ବାସଭବନରୁ ୨୦ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କ ନିକଟରୁ ୧.୦୭ କୋଟି ଜବତ ହୋଇଛି। ଏହି ଟଙ୍କା କେଉଁଠୁ ଆସିଲା ସେ ନେଇ ସଞ୍ଜୟ ହଂସ ଇଡି ଅଧିକାରୀଙ୍କୁ ସଠିକ୍ ଉତ୍ତର ଦେଇ ପାରି ନାହାନ୍ତି।

# ଛତିଶଗଡ଼ରେ ମାଓ ମୁକାବିଲା ସ୍ଥିତିର ସମୀକ୍ଷା କଲେ ଶାହ




ରାୟପୁର: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ୍ ଶାହ ମଙ୍ଗଳବାର ଛତିଶଗଡ଼ର ରାଜଧାନୀ ରାୟପୁରରେ ବାମପନ୍ଥୀ ଉଗ୍ରବାଦ ସ୍ଥିତିର ସମୀକ୍ଷା କରିଛନ୍ତି । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଛତିଶଗଡ଼ ମୁଖ୍ୟ ସଚିବ ଅମିତାଭ ଜୈନ ଏବଂ ଛତିଶଗଡ଼ର ପୋଲିସ ମହାନିର୍ଦ୍ଦେଶକ ଅଶୋକ ଜୁନେଜା ଏବଂ କେନ୍ଦ୍ର ସଶସ୍ତ୍ର ପୋଲିସ ବଳର ମହାନିର୍ଦ୍ଦେଶକ ଏହି ବୈଠକରେ ଉପସ୍ଥିତ ଥିଲେ । ସମୀକ୍ଷା ସମୟରେ ଶ୍ରୀ ଶାହ କହିଥିଲେ ଯେ, ସମସ୍ତ ସୁରକ୍ଷା ବଳ ଓ ଲୋକଙ୍କ ସମର୍ଥନରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦକୁ ଦୂର କରାଯିବ । ଶ୍ରୀ ଶାହ କହିଥିଲେ ଯେ, ଛତିଶଗଡ଼ର ପୋଲିସ ଓ ସୁରକ୍ଷା କର୍ମୀ ମାଓ ଦମନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଚାଲିଛନ୍ତି । ସେମାନେ ମାଓବାଦ ବିରୁଦ୍ଧରେ ଲଢ଼େଇ ଜାରିରଖିଛନ୍ତି । ଗତବର୍ଷ ମାଓବାଦୀମାନେ ବିପୁଳ ପରିମାଣର କ୍ଷତି ସହିଥିବା ବେଳେ ସୁରକ୍ଷା କର୍ମୀ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ଏ କ୍ଷେତ୍ରରେ ଜାତୀୟ ଅନୁସନ୍ଧାନ ସଂସ୍ଥା ଏନଆଇଏର ଏକ ପ୍ରମୁଖ ଭୂମିକା ରହିଛି । ସେହିପରି ସିଆରପିଏଫ, ଆଇଟିବିପି, ବିଏସଏଫ, ଛତିଶଗଡ଼ ପୋଲିସ ଏବଂ ଡିଆରଜି ମିଳିତ ଭାବେ ମାଓଦମନ କ୍ଷେତ୍ରରେ କାର୍ଯ୍ୟ କରିଚାଲିଛନ୍ତି । ଏହି ଅବସରରେ ଶ୍ରୀ ଶାହ ବିଜାପୁରର ଗୁଣ୍ଡମ୍ ଅପରେସନ୍ କେନ୍ଦ୍ରକୁ ଯାଇ ମଧ୍ୟ ସମୀକ୍ଷା କରିଥିଲେ । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ଯବାନମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ୨୦୨୬ ସୁଦ୍ଧା ଯେପରି ମାଓବାଦ ଲୋପ ପାଏ ସେଥିପାଇଁ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାଜପୁର କେନ୍ଦୁଝର ରୋଡ଼ ଏବଂ କୋରେଇ ହଲ୍ଟ ମଧ୍ୟରେ ସୀମିତ ଉଚ୍ଚତା ବିଶିଷ୍ଟ ଉପାମାର୍ଗର ଶୀଘ୍ର ଏବଂ ଦକ୍ଷନିର୍ମାଣ ସହ ହାଓଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ ଦେଖିବାକୁ ମିଳିଛି । ମାତ୍ର ସାତଘଣ୍ଟା ମଧ୍ୟରେ ସମାପ୍ତ ହୋଇଥିବା ପ୍ରକଳ୍ପ ପୂର୍ବତଟ ରେଳପଥ ଦ୍ୱାରା ନିଆଯାଇଥିବା ପ୍ରକଳ୍ପ କେବଳ ରେଳସଡ଼କ ସଂଯୋଗକୁ ବୃଦ୍ଧି କରୁନାହିଁ ବରଂ ଯାତ୍ରୀଙ୍କ ପାଇଁ ଦୀର୍ଘଦିନର ଯାତାୟାତର ଅସୁବିଧାକୁ ମଧ୍ୟ ସମାଧାନ କରିଛି । ଜନସାଧାରଣଙ୍କ ଚାହିଦା ପାଇଁ ନୂତନ ଏଲଏଚଏସ୍ ହେଉଛି ପ୍ରତ୍ୟକ୍ଷ ପ୍ରତିକ୍ରିୟା । ବର୍ଷ ବର୍ଷ ଧରି ଯାତ୍ରୀମାନେ ବ୍ୟସ୍ତବହୁଳ ଷ୍ଟ୍ରେଚ୍ ଦେଇ ଏକାଧିକ ଟ୍ରେନ୍ ଗଲାବେଳେ ଲେଭଲ୍ କ୍ରସିଂ ଗେଟରେ ନିରାଶାଜନକ ବିଳମ୍ବର ସମ୍ମୁଖୀନ ହେଉଥିଲେ । ଦୀର୍ଘଅପେକ୍ଷା ସମୟ ସଡକ ଯାତାୟାତରେ ବାଧା ସୃଷ୍ଟିକରି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଥିଲା । ସମସ୍ୟାକୁ ସ୍ୱୀକୃତି ଦେଇ ପୂର୍ବତଟ ରେଳପଥ ଏହି ରେଳ ଉପାମାର୍ଗ ନିର୍ମାଣକୁ ଏକ ସ୍ଥାୟୀ ସମାଧାନ ଭାବରେ ଗ୍ରହଣ କଲା ଯାହାକି ସଡ଼କ ଏବଂ ରେଳ ଯାତାୟାତକୁ ସୁନିଶ୍ଚିତ କରୁଛି । ନିର୍ମାଣକାରୀ ଦଳ ବ୍ୟସ୍ତବହୁଳ ରେଳମାର୍ଗରେ ମାତ୍ର ସାତଘଣ୍ଟା ମଧ୍ୟରେ ସଫଳତାର ସହିତ ରେଳ ଉପାମାର୍ଗକୁ ସମାପ୍ତ କରିଛି ଯାହାକି ଏକ ଇଞ୍ଜିନିୟରିଂ ସଫଳତାକୁ ସୁନିଶ୍ଚିତ କରୁଛି । ବକ୍ସ ପୁସିଂ ପଦ୍ଧତିକୁ ବ୍ୟବହାର କରି ନିର୍ମାଣକାରୀ ଦଳ ରେଳ ସେବାରେ ବ୍ୟାଘାତକୁ ଏଡ଼ାଇବା ସହିତ କଡ଼ା କାର୍ଯ୍ୟସୂଚୀ ପୂରଣ କରିବା ପାଇଁ ଟ୍ରେନ୍ ଚଳାଚଳ କେବଳ ଅଳ୍ପ ସମୟ ପାଇଁ ପ୍ରଭାବିତ ରହିଥିଲା ।

# ଆର୍‌ଏସ୍‌ପିର ଏଚ୍‌ଆର୍ ଓ ହଟ୍ ଷ୍ଟ୍ରିପ୍ ମିଲ୍-୨ର କାର୍ମିକ ସେଲ୍ ପୁରସ୍କୃତ



ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନାର ହଲ ଷ୍ଟ୍ରିପ୍ ମିଲ୍-୨ ବିଭାଗର କନଫରେନ୍ସ ହଲ୍ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭାଗର ତିନିଜଣ ଅଧିକାରୀଙ୍କ ସମେତ ୨୭ ଜଣ କର୍ମଚାରୀଙ୍କୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ 'ସେଲ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ହଟ୍ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ୍ ଆର୍ କୁଜୁର, ଅପରେସନ୍ ବିଭାଗର ଜିଏମ୍ ଡି କେ ଯାଦବ, ଏବଂ ମେକାନିକାଲ ବିଭାଗର ଜିଏମ୍ ଏସ୍ କାନୁନଗୋ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚ୍‌ଏସ୍‌ଏମ୍-୨ ବିଭାଗର ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିକଟରେ ମାନବ ସମ୍ବଳ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ ହଲରେ ଆୟୋଜିତ ହୋଇଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ସିଜିଏମ ଏସ ଏନ ପଣ୍ଡା ଅଧ୍ୟକ୍ଷତା କରି ଟ୍ରେଡ୍ ୟୁନିଅନ୍ ନିର୍ବାଚନର ସୁଗମ ସମ୍ପାଦନାରେ ଯୋଗଦାନର ସ୍ୱୀକୃତି ସ୍ୱରୂପ ଜଣେ ଅଧିକାରୀଙ୍କ ସମେତ ୧୦ ଜଣ କାର୍ମିକଙ୍କୁ ସେଲ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଆର ସିଏଫ ବିଭାଗର ଜିଏମ୍ ଇନ୍-ଚାର୍ଜ ଡକ୍ଟର ପି.କେ ସାହୁ, ଏଚଆର ଓଡ଼ି ବିଭାଗର ଜିଏମ୍ ଶ୍ରୀ ଏସ୍ ବଡପଣ୍ଡା, ଇଆର, ସି, ଏଚଏ, ଓ ବିମାନବନ୍ଦର ବିଭାଗର ଜିଏମ୍ ଆର କେ ବର୍ମା, ଏଚଆର ବିଭାଗର ଜିଏମ୍ ଜି ଆର ଦାଶ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚଆର୍‌ସି ବିଭାଗର ଏଜିଏମ ସୁଶ୍ରୀ ଜ୍ୟୋତି ଓରେୟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଓସିଆଇର ଭବିଷ୍ୟତ ପାଇଁ ଭିଜନ୍ ଧାର୍ଯ୍ୟ



ବେଙ୍ଗାଲୁରୁ: ସମଗ୍ର ଦେଶରେ ଯାତ୍ରୀ ପରିବହନ ଅପରେଟରମାନଙ୍କର ପ୍ରତିନିଧିତ୍ୱ କରୁଥିବା ବସ୍ ଆଣ୍ଡ କାର ଅପରେଟର୍ସ କନଫେଡେରେସନ ଅଫ ଇଣ୍ଡିଆ (ବିଓସିଆଇ) ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀରେ ତିନିବର୍ଷ ଅବଧି ନିମନ୍ତେ ତାହାର ନୂତନ ଜାତୀୟ କମିଟି ତାଲିକା ସମ୍ପର୍କରେ ଘୋଷଣା କରିଛି। ଜାତୀୟ କମିଟିର ପ୍ରମୁଖ ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି ପ୍ରସନ୍ନ ପଟବର୍ଦ୍ଧନ (ନ୍ୟାସ୍‌ନାଲ ପ୍ରେସିଡେଣ୍ଟ), ଏ. ଅଫଜଲ (ନ୍ୟାସ୍‌ନାଲ ଭାଇସ୍ ପ୍ରେସିଡେଣ୍ଟ), ଧର୍ମରାଜ ଡି.ଆର (ଜେନେରାଲ ସେକ୍ରେଟାରୀ), ହର୍ଷ କୋଟକ (ଟ୍ରେଜରର) ଏବଂ ବାବୁ ପାନିକର (ଆଡିସନାଲ ସେକ୍ରେଟାରୀ)। ନ୍ୟାସ୍‌ନାଲ ପ୍ରେସିଡେଣ୍ଟ ଭାବରେ ନିଜର ପଦ ବଜାୟ ରଖିଥିବା ପ୍ରସନ୍ନ ପଟବର୍ଦ୍ଧନଙ୍କ ନିରନ୍ତର ନେତୃତ୍ୱ ଅଧୀନରେ ବିଓସିଆଇ ଯାତ୍ରୀ ପରିବହନ ଶିଳ୍ପର ଉନ୍ନତି ନିମନ୍ତେ ତାହାର ଦୂରଦୃଷ୍ଟି ଉଲ୍ଲେଖ କରିଆସିଛି। 'ବିଓସିଆଇର ନ୍ୟାସ୍‌ନାଲ ପ୍ରେସିଡେଣ୍ଟ ଭାବରେ ସେବା ଯୋଗାଣ ଅବ୍ୟାହତ ରଖିବା ନେଇ ମୁଁ ଅତ୍ୟନ୍ତ ଗୌରବାନ୍ୱିତ ମନେକରୁଛି ଏବଂ ମୁଁ ସଦସ୍ୟମାନଙ୍କୁ ସେମାଙ୍କର ନିରନ୍ତର ବିଶ୍ୱାସ ଓ ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଉଛି। ଯାତ୍ରୀ ପରିବହନ ଶିଳ୍ପ ଏକ ରୂପାନ୍ତରଣକାରୀ ସନ୍ଧିକ୍ଷଣରେ ପହଞ୍ଚିଛି, ଯାହା ପରିବର୍ତ୍ତନଶୀଳ ଯାତାୟତ ଆବଶ୍ୟକତାକୁ ଗ୍ରହଣ କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ କରୁଛି। ଏକ ଦୀର୍ଘସ୍ଥାୟୀ ଏବଂ ସମାବେଶୀ ଯାତାୟତ ବ୍ୟବସ୍ଥାର ଏକ ସ୍ତମ୍ଭ ଭାବରେ ସାର୍ବଜନିକ ପରିବହନ 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କ୍ଷେତ୍ରରେ କେନ୍ଦ୍ରସ୍ଥାନ ନେଉଛି। ବିଓସିଆଇ ମୋବିଲିଟି ଆଜ୍ ଏ ସର୍ଭିସ (ଏମ୍‌ଏଏସ୍) ଏବଂ ପରିବର୍ଦ୍ଧିତ ଶେଷ-ମାଇଲ ସଂଯୋଗୀକରଣ ଆଦି ସମାଧାନଗୁଡ଼ିକୁ ଉନ୍ନତ କରିବା ଭଳି ପରିବ୍ୟବସ୍ଥାକୁ ମଜଭୁତ କରିବା ଏବଂ ସାର୍ବଜନିକ ପରିବହନ ଯେଉଁଳି ଅଧିକ ସୁଲଭ, ସହଜ ଏବଂ ସମସ୍ତଙ୍କ ପାଇଁ ସୁସଂହତ ହେବ ତାହା ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ ରହିଛି।

## ୧୯ରେ ଡିଏଏମ୍ କ୍ୟାପିଟାଲ୍ ଆଡଭାଇଜର୍ସର ଇନିସିଆଲ୍ ପବ୍ଲିକ୍ ଅଫର

ମୁମ୍ବାଇ: ଡିଏଏମ୍ କ୍ୟାପିଟାଲ୍ ଆଡଭାଇଜର୍ସ ଲିମିଟେଡ୍ ଏହାର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ)କୁ ୨୦୨୪ ଡିସେମ୍ବର ୧୯ଗୁରୁବାର ଖୋଲିବାକୁ ପ୍ରସ୍ତାବ ରଖିଛି। ଆଙ୍କର ନିବେଶକମାନେ ବିଡ୍ ଖୋଲିବାର ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ଡିସେମ୍ବର ୧୮ ବୁଧବାର ଦିନ ବିଡ୍ ଦାଖଲ କରିପାରିବେ ଏବଂ ୨୦୨୪ ଡିସେମ୍ବର ୨୩, ସୋମବାର ଦିନ ବିଡ୍ ବନ୍ଦ ହେବ। ଏହି ଇସ୍ୟୁରେ ଇକ୍ୱିଟି ସେୟାର ପିଛା ଦାମ୍ ୨୬୯ ଟଙ୍କାରୁ ୨୮୩ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସର୍ବନିମ୍ନ ୫୩ଟି ସେୟାର ପାଇଁ ବିଡ୍ ଦାଖଲ କରିହେବ ଏବଂ ଏହା ପରେ ୫୩ଟି ଲେଖାଏଁ ଇକ୍ୱିଟି ସେୟାରକୁ ସେଥିରେ ଯୋଡ଼ାଯାଇପାରିବ। ଏହି ଇସ୍ୟୁରେ ୨୯,୬୯୦,୯୦୦ ଇକ୍ୱିଟି ସେୟାର ଜାରି କରାଯିବ। ଅଫର ଫର୍ ସେଲ୍‌ରେ ମଲ୍‌ଟିପଲ୍‌ସ ଅଲଟରନେଟ୍ ଆସେଟ୍ ମ୍ୟାନେଜମେଂଟ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୮,୭୧୪,୪୦୦ ଇକ୍ୱିଟି ସେୟାର, ନରୋତମ ସତ୍ୟନାରାୟଣ ଶେଖସାରିଆ ୭,୦୪୨,୪୦୦ ଇକ୍ୱିଟି ସେୟାର, ଆରବିଏଲ ବ୍ୟାଙ୍କ ଲିମିଟେଡ୍ ୫,୭୭୧,୦୦୦ ଇକ୍ୱିଟି ସେୟାର, ଇଜି ଆକସେସ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ୫,୦୬୪,୨୫୦ ଇକ୍ୱିଟି ସେୟାର, ଧର୍ମେଶ ଅନିଲ ମେହେଟ୍ଟା ୩,୦୯୮,୮୫୦ ଇକ୍ୱିଟି ସେୟାର ବିକ୍ରି କରିବେ।

# ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ନୂଆ ଆଉଟ୍‌ଲେଟ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉତ୍କର୍ଷ ଏସ୍‌ଏଫ୍‌ବିଏଲ୍) ପକ୍ଷରୁ କାକଟପୁରରେ ଏହାର ନୂଆ ବ୍ୟାଙ୍କିଂ ଆଉଟ୍‌ଲେଟ୍ ଉଦ୍‌ଘାଟନ କରାଯାଇଛି । ଏହି ଶୁଭାରମ୍ଭ ସହିତ ବ୍ୟାଙ୍କର ଓଡ଼ିଶାରେ ୮୮ଟି ଏବଂ ଦେଶବ୍ୟାପୀ ୧୦୦୬ଟି ବ୍ୟାଙ୍କିଂ ଆଉଟଲେଟ୍ ଖୋଲିଛି। ସଂଚୟ ଖାତା, କରେଣ୍ଟ ଆକାଉଣ୍ଟ, ଫିକ୍ସଡ ଡିପୋଜିଟ୍ ଓ ରିକରିଂ ଡିପୋଜିଟ୍ ସମେତ ବ୍ୟାପକ ବ୍ୟାଙ୍କିଙ୍ଗ୍ ସୁବିଧାରୁ ଭୁବନେଶ୍ୱର କାକଟପୁରବାସିନ୍ଦା ଉପକୃତ ହେବେ। ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ବିରୋଧରେ ଋଣ, କ୍ରେଡିଟ୍, ବୀମା ଏବଂ ନିବେଶ ଉତ୍ପାଦ ଭଳି ବିଭିନ୍ନ ଋଣ ଉତ୍ପାଦ ମଧ୍ୟ ବ୍ୟାଙ୍କ ପ୍ରଦାନ କରୁଛି । ବ୍ୟାଙ୍କର ଭିତିଭୂମି, ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷମତା ଏବଂ ଏଟିଏମ୍ ନେଟୱାର୍କ ଏକ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାକୁ ସୁନିଶ୍ଚିତ କରୁଛି। ଏହା ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ଏମଡି ତଥା ସିଇଓ ଗୋବିନ୍ଦ ସିଂ କହିଛନ୍ତି ଯେ, କାକଟପୁରରେ ଆମର ନୂଆ ବ୍ୟାଙ୍କିଂ ଆଉଟଲେଟ୍ ଓଡ଼ିଶାରେ ଆମର ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରୁଛି । ଏହି ବ୍ୟାଙ୍କିଙ୍ଗ ଆଉଟଲେଟ୍ ଗୁଡ଼ିକ ଗରିବ କିମ୍ବା ନିମ୍ନ ଆୟକାରୀ ବ୍ୟକ୍ତି କିମ୍ବା ଗୋଷ୍ଠୀ, ଯେଉଁମାନଙ୍କର ଆର୍ଥିକ ସେବାରେ ସୀମିତ ଆକ୍ସେସ୍ ଅଛି ସେମାନଙ୍କୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଋଣ ପ୍ରଦାନ କରିବେ। ଗ୍ରାହକମାନେ ବ୍ୟାଙ୍କିଂ ଆଉଟଲେଟ୍, ମାଇକ୍ରୋ ଏଟିଏମ୍ (ବ୍ୟାଙ୍କିଙ୍ଗ୍ ସମୟରେ), ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍, ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଏବଂ କଲ୍ ସେଂଟର ଭଳି ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ଏହାବ୍ୟତୀତ ବ୍ୟାଙ୍କ ଗ୍ରାହକମାନଙ୍କୁ ଟ୍ୟାବଲେଟ୍ ଆଧାରିତ ଆପ୍ଲିକେସନ୍ ସହାୟକ ମଡେଲ୍ ଡିଜି ଅନ୍-ବୋର୍ଡିଂ ମାଧ୍ୟମରେ ବ୍ୟାଙ୍କିଂ ଆଉଟଲେଟ୍‌କୁ ନ ଯାଇ ବ୍ୟାଙ୍କ ଆକାଉଂଟ ଖୋଲିବାର ସୁବିଧା ପ୍ରଦାନ କରୁଛି।

# ରିଓନ୍‌ର ସମ୍ପ୍ରସାରଣ କରିଛି ରୟାଲ ଏନ୍‌ଫିଲ୍ଡ



ନୂଆଦିଲ୍ଲୀ: ମିଡ୍‌ସାଇଜ (୨୫୦ସିସି-୭୫୦ସିସି) ମୋଟରସାଇକେଲ ସେଗମେଣ୍ଟରେ ଗ୍ଲୋବାଲ ଲିଡର, ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଏହାର ପ୍ରି-ଓନ୍‌ଡ ମୋଟରସାଇକେଲ ବ୍ୟବସାୟ 'ରିଓନ୍'ର ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତର ୨୩୬ଟି ସହରର ଗ୍ରାହକ ଓ ଆରଇ ଉତ୍ସାହୀମାନେ ଏବେ ଖୁବ୍ ସହଜରେ ନିଜର ବିଦ୍ୟମାନ ମୋଟରସାଇକେଲଗୁଡ଼ିକୁ ବିକ୍ରି କରିପାରିବେ ଏବଂ ରୟାଲ ଏନ୍‌ଫିଲ୍ଡର ଉତ୍ସାହଜନକ ଶୃଙ୍ଖଳାରୁ ନୂଆ ରାଇଡ୍‌କୁ ଅପ୍‌ଗ୍ରେଡ୍ ହୋଇପାରିବେ। ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ଯାନଗୁଡ଼ିକୁ କ୍ରୟ ଓ ବିକ୍ରି କରିବା ପାଇଁ ଏକ ସ୍ୱଚ୍ଛ ପ୍ଲାଟ୍‌ଫର୍ମ ରିଓନ୍‌କୁ କିଛି ନିର୍ଦ୍ଦିଷ୍ଟ ସହରରେ ୨୦୨୩ରେ ଶୁଭାରମ୍ଭ କରାଯାଇଥିଲା। ରିଓନ୍ ଏବେ ଗ୍ରାହକଙ୍କ ପାଇଁ ଭାରତର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୩୬ଟି ସହରରେ ରୟାଲ ଏନ୍‌ଫିଲ୍ଡର ୪୭୫ଟି ଡିଲରସିପ ମାଧ୍ୟମରେ ଉପଲବ୍ଧ ହେବ। ନେଟ୍‌ୱର୍କ ସମ୍ପ୍ରସାରଣ ବ୍ୟତୀତ ରୟାଲ ଏନ୍‌ଫିଲ୍ଡ, ରିଓନ୍‌ର ଆରଇ-ଟୁ-ଆରଇ-ଏକ୍ସଚେଞ୍ଜଗୁଡିକ ମାଧ୍ୟମରେ ଏକ ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲରୁ ଏକ ନୂଆ ମୋଟରସାଇକେଲକୁ ଅପ୍‌ଗ୍ରେଡ ହେବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ୍ସଚେ ଲାଭ ସହିତ ଏହାର ପ୍ରଥମ ଲୟାଲ୍ଟି ପ୍ରୋଗ୍ରାମର ଶୁଭାରମ୍ଭ କରିଛି। ରିଓନ୍‌ର ସମ୍ପ୍ରସାରଣ ଉପରେ ମତପ୍ରକାଶ କରି ରୟାଲ ଏନ୍‌ଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଯଦ୍‌ବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ରୟାଲ ଏନ୍‌ଫିଲ୍ଡରେ ଆମେ ରାଇଡିଙ୍ଗ୍ ଉତ୍ସାହୀମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡର ମାଲିକ ହେବାର ଆନନ୍ଦ ପ୍ରଦାନ କରିବା ପାଇଁ ନିରଂର ଭାବେ ଉଦ୍ଭାବନ କରୁଛୁ। କେବଳ କିଛି ନିର୍ଦ୍ଦିଷ୍ଟ ସହରରୁ ଏକ ବର୍ଷ ମଧ୍ୟରେ ଦେଶର ୨୩୬ଟି ସହରକୁ ରିଓନ୍‌ର ସମ୍ପ୍ରସାରଣ, ପ୍ରଥମ ହେଉ କିମ୍ବା ଅପ୍‌ଗ୍ରେଡ୍ ଗ୍ରାହକମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡ କ୍ରୟ କରିବାର ବାଧାହୀନ ଓ ସ୍ୱଚ୍ଛ ମାଧ୍ୟମ ପ୍ରଦାନ କରିବା ପାଇଁ ଆମର ପ୍ରତିଶ୍ରୁତିର ବିସ୍ତାର ଅଟେ।

## ବ୍ଲୁ ଡାର୍ଟର 'ମେରି ଏକ୍ସପ୍ରେସ୍' ଉପରେ ସ୍ୱତନ୍ତ୍ର ରିହାତି

ମୁମ୍ବାଇ: ଦକ୍ଷିଣ ଏସିଆର ପ୍ରମୁଖ ଏକ୍ସପ୍ରେସ୍-ଏୟାର, ସମନ୍ୱିତ ପରିବହନ ଏବଂ ବିତରଣ ଲଜିଷ୍ଟିକ୍ କମ୍ପାନି ବ୍ଲୁ ଡାର୍ଟ ଏକ୍ସପ୍ରେସ୍ ଲିମିଟେଡ୍ ଏହାର 'ମେରି ଏକ୍ସପ୍ରେସ୍' ଅଫର ସହ ପାର୍ବଣ ଋତୁ ଆରମ୍ଭ କରିଛି। ୧୫ ଡିସେମ୍ବରରୁ ୧୫ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ ପାର୍ବଣ ଅଫର ଗ୍ରାହକଙ୍କୁ ଘରୋଇ ଏବଂ ଅନ୍ତର୍ଜାତୀୟ ଶିପମେଣ୍ଟ ଉପରେ ରିହାତି ଦର ପ୍ରଦାନ କରିଥାଏ, ଯାହା ଛୁଟି ଦିନରେ ପ୍ରିୟଜନଙ୍କ ନିକଟରେ ଠିକ୍ ସମୟରେ ଉପହାର ପହଞ୍ଚାଇବାକୁ ସୁନିଶ୍ଚିତ କରିଥାଏ। ଗ୍ରାହକମାନେ ୨-୧୦ କିଲୋଗ୍ରାମ ଓଜନର ଘରୋଇ ଶିପମେଣ୍ଟ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପାଇପାରିବେ ଏବଂ ସମଗ୍ର ଭାରତରେ ୩-୨୫ କିଲୋଗ୍ରାମ ଓଜନର ନିର୍ଦ୍ଦିଷ୍ଟ ଓଜନ ବିଶିଷ୍ଟ ଅନ୍ତର୍ଜାତୀୟ ଶିପମେଣ୍ଟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର ଉଭୟ ଘରୋଇ ପ୍ରାଥମିକତା ଏବଂ ଅନ୍ତର୍ଜାତୀୟ ସିପମେଣ୍ଟ ପାଇଁ ସର୍ତ୍ତାବଳୀ ସହିତ ପ୍ରଯୁଜ୍ୟ। 'ମେରି ଏକ୍ସପ୍ରେସ୍' ଅଫର ଜରିଆରେ ଗ୍ରାହକମାନେ ଭାରତର ୫୬,୦୦୦ରୁ ଅଧିକ ସ୍ଥାନ ଏବଂ ବିଶ୍ୱର ୨୨୦ଟି ଦେଶ ଓ ଅଞ୍ଚଳକୁ ପର୍ବ ଉପହାର ପଠାଇପାରିବେ। ବ୍ଲୁ ଡାର୍ଟର ଚିଫ୍ କମର୍ସିଆଲ ଅଫିସର୍ ଦୀପାନ ବାନାର୍ଜୀ କହିଛନ୍ତି, ପର୍ବପର୍ବାଣୀ ଋତୁରେ ଗ୍ରାହକଙ୍କ ପାଇଁ ଆନନ୍ଦ ପ୍ରଦାନ ଏବଂ ନିରବଚ୍ଛିନ୍ନ ଅନୁଭୂତି ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଆମେ ସ୍ୱତନ୍ତ୍ର ପ୍ରମୋସନ୍ ପ୍ରଦାନ କରିବାକୁ ଉତ୍ସାହିତ। ଆମର ମେରି ଏକ୍ସପ୍ରେସ ଅଫର ଅଭିନବ ସମାଧାନ, ଗତି ଏବଂ ବିଶ୍ୱସନୀୟତା ପ୍ରଦାନ କରିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରେ, ଯାହା ଆମର ଗ୍ରାହକଙ୍କ ପାଇଁ ବିଶ୍ୱବ୍ୟାପୀ ପ୍ରିୟଜନଙ୍କ ସହ ଉତ୍ସବର ଖୁସି ବାଣ୍ଟିବାକୁ ସହଜ କରିଥାଏ।

# ଖେଳ ଖବର




ମୁମ୍ବାଇ ଫାଇନାଲରେ ମଧ୍ୟପ୍ରଦେଶକୁ ୫ଓ୍ୱିକେଟରେ ହରାଇ ଚାମ୍ପିଅନ୍ ହୋଇଛି। ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ମୁମ୍ବାଇ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ, ଆଜିଙ୍କ୍ୟ ରାହାଣେ ଓ ସୂର୍ଯ୍ୟାଂଶ ଶେଡ଼ଗେ ଦମଦାର ପ୍ରଦର୍ଶନ କରିଛନ୍ତି । ସୂର୍ଯ୍ୟାଂଶ ୩୬ ରନର ବିସ୍ଫୋରକ ଇନିଂସ ଖେଳି ଦଳକୁ ଜିତାଇଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ମଧ୍ୟ ପ୍ରଦେଶ ଅଧିନାୟକ ରଜତ ପାଟିଦାରଙ୍କ ବିସ୍ଫୋରକ ଅପରାଜିତ ୮୧ ରନ ବଳରେ ୮ ଓ୍ୱିକେଟ୍ ହରାଇ ୧୭୪ ରନ କରିଥିଲା। ଆଉ ଏହାର ଜବାବରେ ମୁମ୍ବାଇ ସୂର୍ଯ୍ୟକୁମାର ଯାଦବଙ୍କ ୪୮ ରନ, ଆଜିଙ୍କ୍ୟ ରାହାଣେଙ୍କ ୩୭ ରନ ଓ ସୂର୍ଯ୍ୟାଂଶ ହେଗଡ଼େଙ୍କ ଅପରାଜିତ ଧୂଆଁଧାର ୩୬ ରନ ବଳରେ ୧୭.୫ ଓଭରରେ ୫ ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ବିଜୟ ଲକ୍ଷ୍ୟ ପିଛା କରିଥିବା ମୁମ୍ବାଇ ପାଇଁ ପୃଥ୍ୱୀ ଶ ଓ ଆଜିଙ୍କ୍ୟ ରାହାଣେ ଓପନିଂ କରିଥିଲେ। ପୃଥ୍ୱୀ ଶ ନିରାଶଜନକ ୧୦ ରନ କରି ଆଉଟ୍ ହୋଇଥିଲେ। ମାତ୍ର ରାହାଣେ ୩୦ ବଲ୍‌ରୁ ୪ ଚୌକା ସହ ୩୭ ରନର ଇନିଂସ ଖେଳିଥିଲେ। ଅଧିନାୟକ ଶ୍ରେୟସ ଆୟର ୧୬ ରନ କରିଥିଲେ। ଶିବମ ଦୁବେ ମାତ୍ର ୯ ରନ କରି ପାଭିଲିୟନ ଫେରିଥିଲେ । ୪ ନମ୍ବରରେ ବ୍ୟାଟିଂ କରିଥିବା ସୂର୍ଯ୍ୟକୁମାର ଯାଦବ ୩୫ ବଲ୍‌ରୁ ୪୮ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ଏଥିରେ ୪ ଚୌକା ଓ ୩ ଛକା ସାମିଲ ଥିଲା। ଆଉ ଦୁଇ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ତେବେ ଅଥର୍ବ ଆଙ୍କୋଲେକର ଓ ସୂର୍ଯ୍ୟାଂଶ ଦଳକୁ ଜିତାଇଛନ୍ତି। ସୂର୍ଯ୍ୟାଂଶ ୧୫ ବଲ୍‌ରୁ ୩ ଚୌକା ଓ ୩ ଛକା ସହ ୩୬ ରନ ଓ ଅର୍ଥବ ଆଙ୍କୋଲେକର ୬ ବଲ୍‌ରୁ ୧୬ ରନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ୮ ଓ୍ୱିକେଟ୍ ହରାଇ ୧୭୪ ରନ କରିଥିଲା।



## ବର୍ଡର-ଗାଭାସ୍କର ଟ୍ରଫି: ଫଲୋଅନ୍ ଏଡାଇଲେ ଭାରତୀୟ ବୋଲର



ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫି ଅଧୀନରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏକ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯାଉଛି । ସିରିଜର ତୃତୀୟ ମ୍ୟାଚ୍ ବ୍ରିସବେନର ଗାବା ଠାରେ ଖେଳାଯାଉଛି । ଗାବା ଟେଷ୍ଟର ଚତୁର୍ଥ ଦିନ ଭାରତୀୟ ବୋଲରଙ୍କ ବ୍ୟାଟିଂର ଯାଦୁ ଦେଖିବାକୁ ମିଳିଥିଲା । ଏକ ସୁନିଶ୍ଚିତ ଫଲୋନରୁ ରକ୍ଷା କରିଛନ୍ତି ବୋଲର। ଫଲୋଅନ ଏଡ଼ାଇବାକୁ ୩୩ ରନର ଆବଶ୍ୟକ ଥିଲା। ଏତିକି ବେଳେ ଶେଷ ଓ୍ୱିକେଟ ପାଇଁ ଚମତ୍କାର କରିଥିଲେ ଯଶପ୍ରୀତ ବୁମ୍ରା ଓ ଆକାଶ ଦୀପ। ଉଭୟ ଅଷ୍ଟ୍ରେଲିଆର ଦୁଇ ଦ୍ରୁତ ବୋଲର ପାଟ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ଘାଇଲା କରିଥିଲେ। ଶେଷ ଓ୍ୱିକେଟ ପାଇଁ ଅପରାଜିତ ୩୯ ରନ ଯୋଡ଼ି ଭାରତକୁ ଫଲୋଅନରୁ ବେଶ ନାଟକୀୟ ଢଙ୍ଗରେ ଉଦ୍ଧାର କରିଥିଲେ। ଫଲୋଅନ ଏଡ଼ାଇବାକୁ ୪ ରନ ବାକି ଥିବା ବେଳେ କମିନ୍ସଙ୍କୁ ଆକାଶ ଦୀପ ଗଲି ଅଞ୍ଚଳରେ ଚୌକା ମାରିଥିଲେ। ଏହି ସମୟରେ ଗାବାରେ ଥିବା ସମସ୍ତ ଦର୍ଶକ ଓ ଭାରତୀୟ ଟିମର ସଦସ୍ୟମାନେ ବେଶ ଉତ୍ସାହିତ ହୋଇ ଉଠିଥିଲେ। ଉତ୍ସାହ ଏତିକିରେ ସୀମିତ ରହିଥିଲେ। ଫଲୋଅନ ଏଡ଼ାଇବା ପରେ କମିନ୍ସଙ୍କୁ ଆକାଶ ଦୀପ ମିଡ ଓ୍ୱିକେଟ ଅଞ୍ଚଳରେ ପୁଣି ଗୋଟିଏ ବିରାଟ ଛକା ମାରିଥିଲେ। ଉଭୟ ୧୦ମ ଓ୍ୱିକେଟ ପାଇଁ ୩୯ ରନ ଯୋଡ଼ି ୪ର୍ଥ ଦିନର ଖେଳ ଶେଷ ସୁଦ୍ଧାର ଭାରତର ସ୍କୋରକୁ ୨୫୨ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏବେ ବି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୧୯୩ ରନ ପଛରେ ରହିଛି। ହେଲେ ପରାଜୟ ଆଶଙ୍କାକୁ କିଛି ମାତ୍ରାରେ ଟାଳି ଦେଇଛି। ଷ୍ଟମ୍ପ ଅପସାରଣ ବେଳକୁ ବୁମ୍ରା ୧୦ ରନ ଓ ଆକାଶ ଦୀପ ୨୭ ରନ କରି ଅପରାଜିତ ରହିଛନ୍ତି। ଉଭୟ ଆସନ୍ତାକାଲି ପୁଣି ବ୍ୟାଟିଂ କରିବେ। ଆଜି ୪ର୍ଥ ଦିନ ବେଶ ନାଟକୀୟ ଢଙ୍ଗରେ ଆରମ୍ଭ ହୋଇଥିଲା। ଗତକାଲି ଅପରାଜିତ ଥିବା କେଏଲ ରାହୁଲ ୩୩ ରନରୁ ଇନିଂସ ଆରମ୍ଭ କରିଥିଲେ। ହେଲେ ପ୍ରଥମ ବଲରେ ସେ କ୍ୟାଚ୍ ଦେଇଥିଲେ ହେଁ ଏହାକୁ ସ୍ଲିପ ଅଞ୍ଚଳରେ ଛିଡ଼ା ହୋଇଥିବା ଷ୍ଟିଭ ସ୍ମିଥ ହାତ ଛଡ଼ା କରି ଦେଇଥିଲେ। ଗତକାଲିର ଅନ୍ୟତମ ଅପରାଜିତ ବ୍ୟାଟର ତଥା ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ପୁଣି ସମସ୍ତଙ୍କୁ ନିରାଶ କରିଥିଲେ। ସେ ମାତ୍ର ୧୦ ରନ କରି କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ଭାରତ ୭୪ ରନରେ ରୋହିତଙ୍କୁ ହରାଇଥିଲା। ହେଲେ ଏତିକି ବେଳେ ରାହୁଲ ଓ ଜାଡେଜା ସ୍ଥିତି ସମ୍ଭାଳିଥିଲେ। ରାହୁଲଙ୍କ ବ୍ୟାଟରୁ ମଧ୍ୟ ଆଉ ଏକ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ସେ ୮୪ ରନ କରିଥିବା ବେଳେ ତାଙ୍କୁ ନାଥନ ଲାୟନ ଆଉଟ କରି ଦେଇଥିଲେ। ନୀତୀଶ କୁମାର ରେଡ୍ଡୀଙ୍କ ସହ ମିଶି ଜାଡେଜା ଦଳୀୟ ସ୍କୋରକୁ ୧୯୪ ରନରେ ପହଞ୍ଚାଇଥିଲେ। କିନ୍ତୁ କମିନ୍ସଙ୍କୁ କଟ ମାରିବାକୁ ଯାଇ ନୀତୀଶ କୁମାର ୧୬ ରନରେ ଆଉଟ ହୋଇଯାଇଥିଲେ। ଲଞ୍ଚ ପରେ ଜାଡେଜାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମହମ୍ମଦ ସିରାଜ କେବଳ ୧ ରନ କରିଥିଲେ। ଜାଡେଜା ବ୍ୟକ୍ତିଗତ ୭୭ ରନରେ ଥିବା ବେଳେ କମିନ୍ସଙ୍କ ବଲରେ ଆଉଟ ହୋଇଯାଇଥିଲେ। ଏହି ସମୟରେ ଭାରତର ସ୍କୋର ୨୧୩ ରନ ରହିଥିଲା। ଲାଗୁଥିଲା ଭାରତ ଫଲୋଅନ ଏଡ଼ାଇ ପାରିବ ନାହିଁ। କାରଣ ଦଳ ହାତରେ କେବଳ ଗୋଟିଏ ଓ୍ୱିକେଟ ରହିଥିଲା। କିନ୍ତୁ ସବୁ ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇ ବୁମ୍ରା ଓ ଆକାଶ ଦୀପ କମାଲ କରିଥିଲେ। ଉଭୟ ଭାରତକୁ ନିଶ୍ଚିତ ବିପଦରୁ ଉଦ୍ଧାର କରିବା ସହ ଖରାପ ଆଲୁଅ ପାଇଁ ମ୍ୟାଚ୍ ବନ୍ଦ ହେବା ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ।

## ହକି ଇଣ୍ଡିଆକୁ ଝଟ୍‌କା : ଓହରିଲେ ୨୯ ବିଦେଶୀ ଖେଳାଳି

ରାଉରକେଲା (ଭାସ୍କର ନ୍ୟୁଜ୍): ଅକ୍ଟୋବରରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଅନୁଷ୍ଠିତ ହେବାକୁ ଥିବା ବେଳେ ହକି ଇଣ୍ଡିଆକୁ ବଡ ଝଟକା ଲାଗିଛି। ଏହି ପ୍ରତିଯୋଗିତାରୁ ୨୯ ଖେଳାଳି ଓହରିଯାଇଛନ୍ତି। ଏଥିରେ ୮ ଜଣ ମହିଳା ଖେଳାଳି ବି ଅଛନ୍ତି। ଆରମ୍ଭ ପୂର୍ବରୁ ଏଚ୍‌ଆଇଏଲ୍ ଛାଡ଼ିଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ନେଦରଲାଣ୍ଡସ, ଜର୍ମାନୀ, ବ୍ରିଟେନ୍ ଓ ଅଷ୍ଟ୍ରେଲିଆର ଥିବା ଜଣାପଡ଼ିଛି। ଖେଳାଳି ଓହରିବା ପଛରେ କମ୍ ପାରିଶ୍ରମିକ, ଖ୍ରୀଷ୍ଟମାସ ଓ ନୂଆ ବର୍ଷ ଛୁଟି ଭଣ୍ଡୁର ହେବା ତଥା ପ୍ରତିଯୋଗିତା ଆୟୋଜନ କରୁଥିବା ସହର ହିଁ ମୂଳ କାରଣ ପାଲଟିଥିବା ଖେଳାଳି ଦର୍ଶାଇଛନ୍ତି। ରାଉରକେଲାରେ ଏହି ପ୍ରତିଯୋଗିତା ଡିସେମ୍ବର ୨୮ ତାରିଖରୁ ଖେଳାଯିବ। ଅର୍ଥାତ୍ ଖ୍ରୀଷ୍ଟମାସର ଦିନକ ପରେ ଏବଂ ନୂଆବର୍ଷର ଦୁଇଦିନ ପୂର୍ବରୁ ଏହି ପ୍ରତିଯୋଗିତା ଆରମ୍ଭ ହେଉଥିବାରୁ ଛୁଟି ନଷ୍ଟ ହୋଇଯିବ। ଏଣୁ ପରିବାର ସହ ସମୟ କାଟିବାକୁ ଖେଳାଳି ନିଷ୍ପତ୍ତି ନେଇଥିବା ଏକ ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଏହାସହ ଖେଳାଳିଙ୍କୁ କମ୍ ପାରିଶ୍ରମିକ ହିଁ ସେମାନେ ଓହରିବାର ଅନ୍ୟତମ କାରଣ ବୋଲି ସଙ୍କେତ ଦେଇଛନ୍ତି। ଏବର୍ଷର ନିଲାମରେ ଭାରତୀୟ ଖେଳାଳି ଚଢ଼ା ଦରରେ ବିକ୍ରି ହୋଇଥିଲେ। ଅପରପକ୍ଷରେ ବିଦେଶୀ ଖେଳାଳିଙ୍କ ମୂଲ୍ୟ ଆଶାନୁରୂପ ହୋଇନଥିଲା। ଜର୍ମାନୀର ତାରକା ଖେଳାଳି ଖ୍ରୀଷ୍ଟୋଫର ରୁର୍ ଗତ ୨୦୧୬ ନିଲାମରେ ପାଖାପାଖି ୬୩ ଲକ୍ଷରେ ବିକ୍ରି ହୋଇଥିଲେ। ଏବେ କିନ୍ତୁ ତାଙ୍କୁ ଦିଲ୍ଲୀ ଏସ୍‌ଜି ପାଇପସରସ୍ ୧୮ ଲକ୍ଷ ଟଙ୍କାରେ କିଣିଛି। ସେହିଭଳି ନେଦରଲାଣ୍ଡସ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ସେଭେ ଭାନ୍ ଆସ୍‌ଙ୍କୁ ଗତଥର ଉତ୍ତରପ୍ରଦେଶ ଓ୍ୱିଜାର୍ଡ୍ସ ୩୩ ଲକ୍ଷ ଟଙ୍କାରେ କ୍ରୟ କରିଥିବାବେଳେ ଏଥର ୟୁପି ରୁଦ୍ରାସ୍ ୧୦ ଲକ୍ଷ ଟଙ୍କାରେ କିଣିଛି। ଅପରପକ୍ଷରେ ଭାରତୀୟ ଖେଳାଳି ହର୍ମନପ୍ରୀତ ସିଂହ (୭୮ ଲକ୍ଷ), ଅଭିଷେକ (୭୨ ଲକ୍ଷ), ହାର୍ଦ୍ଦିକ ସିଂହ (୭୦ ଲକ୍ଷ), ଅମିତ ରୋହିଦାସ (୪୮ ଲକ୍ଷ), ଯୁଗରାଜ ସିଂହ (୪୮ ଲକ୍ଷ), ସୁମିତ ବାଲ୍ମିକୀ (୪୬ ଲକ୍ଷ), ସମସର ସିଂହ (୪୨ ଲକ୍ଷ) ପ୍ରମୁଖ ଚଢ଼ାଦରରେ ବିକ୍ରି ହୋଇଛନ୍ତି। ଭାରତୀୟ ଖେଳାଳିଙ୍କ ଚଢ଼ା ଦର ପଛରେ ନ୍ୟାଯ୍ୟ ଯୁକ୍ତି ବି ରହିଛି। ବିଶେଷକରି ଗତ ୭/୮ ବର୍ଷ ହେଲା ଭାରତୀୟ ହକି ସଫଳତାର ଶୀର୍ଷରେ ପହଞ୍ଚିଥିବାରୁ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ମଧ୍ୟ ଉଚ୍ଚମାନର ରହିଛି। ଏଣୁ ବିଭିନ୍ନ ଫ୍ରାଞ୍ଚାଇଜ୍ ଭାରତୀୟ ଖେଳାଳିଙ୍କ ଉପରେ ନିବେଶ ପାଇଁ ପ୍ରାଥମିକତା ଦେଇଥିବା ଜଣେ ପୂର୍ବତନ ହକି ଖେଳାଳି କହିଛନ୍ତି।

### ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

## ଖଳିସାହି ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ସଂପୂର୍ ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପାଟପୁର ଗ୍ରାମର କେବିସିସି ଓ ଖଳିସାହି ଗ୍ରାମର ବିସିସି ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ପାଟପୁର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୧୬.୩ ଓଭର ଖେଳି ସମସ୍ତ ଉଇକେଟ ବିନିମୟରେ ୧୦୭ ରନ ସ୍କୋର କରିଥିଲା।ଏହାର ଜବାବରେ ଖଳିସାହି ଦଳ ୧୪ଓଭର ଖେଳି ୭ ଉଇକେଟ ହରାଇ ୧୦୮ରନ ସ୍କୋର କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ଲକ୍ଷ୍ମୀଧର ପ୍ରଧାନ ଓ ଦିଲ୍ଲୀପ ପରିଡ଼ା ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ କଳାଙ୍ଗ ପଞ୍ଚାୟତ ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ ଏବଂ ଗ୍ରାମ୍ୟ ଭଦ୍ରବ୍ୟକ୍ତି ରବୀନ୍ଦ୍ର ସାଥୁଆ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ବିକୁ, ଆକୁଳ,କୁନୁ, ତ୍ରିନାଥ ଓ ଲିଙ୍କୁନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ପଣ୍ଡୁସର ଓ ବ୍ରଜରାଜପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି।

### ସର୍ବ ଭାରତୀୟ 'ଟାଙ୍ଗୀ କପ୍' ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ କଲିକତା ଏକାଦଶ



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ବିହାର ଏକାଦଶକୁ ୨–୦ ଗୋଲରେ ହରାଇ କଲିକତା ଏକାଦଶ ଫାଇନାଲରେ ଏଣ୍ଟ୍ରି କରିଛି । ଅତିଥି ଭାବରେ ଆୟୋଜକ କମିଟିର ସଭାପତି ତପନ ମହାନ୍ତି , ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ (ଖୋର୍ଦ୍ଧା) ରାମଚନ୍ଦ୍ର ମହାପାତ୍ର, ସମାଜସେବୀ ବସନ୍ତ କୁମାର ସାହୁ ଓ ଅମିନ ପରିଡା, ଟାଙ୍ଗୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଟାଙ୍ଗୀ ଗୃହ ନିର୍ମାଣ ବିଭାଗର ଅଧିକାରୀ ରଞ୍ଜନ କୁମାର ବେହେରା, ଜୟ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ସମ୍ପାଦକ ନିରଞ୍ଜନ ନାୟକ, ଆୟୋଜକ କମିଟିର ପ୍ରତିଷ୍ଠାତା ପ୍ରଦୀପ ମହାପାତ୍ର, ବ୍ରଜବନ୍ଧୁ ଦାସ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ସମାଜସେବୀ ତଥା ସଂଗଠକ ବୁଲୁ ବଳିଆରସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ରୀନା ତିର୍କୀ, ବୀଣାପାଣି ବିରୁଆ, ବାଳମତି ଓରାମ, ଦୁର୍ଗା ମାଧବ ନାଏକ। କୃତି ଖେଳାଳି ମାନଙ୍କୁ ଆୟୋଜକ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

### ପ୍ରିମିୟର ଲିଗ୍ ଦ୍ୱିତୀୟ ଦିନ

## ଦାନି-୧୧ ଓ ମା'ଦୁର୍ଗା ବିଜୟୀ




ବେତନଟୀ (ଭାସ୍କର ନ୍ୟୁଜ୍) : ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ଦାନି ୧୧ ଚିତ୍ରଡ଼ା ଓ ଆରିଅନ ଫାଇଟର ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ମା' ଦୁର୍ଗା ଫାଇଟର ଓ ମାଣତ୍ରୀ ଟାଇଟନ୍ ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ଦାନି – ୧୧ ଚି ?ତ୍ରଡା ୨୦ ଓଭରରେ ନଅ ଓ୍ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୧୮.୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୧୨୩ ରନ କରି ପରାଜୟ ବରଣ କରିଥିଲା। ଦାନି –୧୧ ର ମନୋଜ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ମା ଦୁର୍ଗା ଫାଇଟର ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୮୩ ରନ ସଂଗ୍ରହ କରଥିଲା। ମାଣତ୍ରୀ ଟାଇଟନ୍ ମାତ୍ର ୧୮.୪ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୪୮ ରନ କରି ପରାଜୟ ବରଣ କରିଥିଲା। ଏଥିରେ ମା ଦୁର୍ଗା ଫାଇଟର ର ଖେଳାଳି ସାଗର ସାହୁ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚଙ୍କୁ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ କୁମାର ପରିଡ଼ା ଓ ରମଣୀ ରଞ୍ଜନ ଧର ମହାପାତ୍ର (ଟିପୁ ନନା) ପୁରସ୍କୃତ କରିଥିଲେ। ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ପ୍ରଶାନ୍ତ ନାଥ, ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ୍‌ରୁ ଅବସର ନେଲେ ଅଙ୍କିତ ରାଜପୁତ




ନୂଆଦିଲ୍ଲୀ: ଉତ୍ତରପ୍ରଦେଶରେ ଖେଳୁଥିବା ୩୧ ବର୍ଷୀୟ ଭାରତୀୟ ଦ୍ରୁତ ବୋଲର ଅଙ୍କିତ ରାଜପୁତ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ୨୦୦୯ରେ ଆରମ୍ଭ ହୋଇଥିବା ସେ ତାଙ୍କ କ୍ରିକେଟ କ୍ୟାରିୟରକୁ ଶେଷ କରିଛନ୍ତି। ଅଙ୍କିତ ତାଙ୍କ କ୍ୟାରିୟରରେ ୮୦ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ଆଇପିଏଲର ୬ଟି ସିଜିନ୍‌ରେ ଖେଳିଥିଲେ। ଅଙ୍କିତ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଅବସର ଘୋଷଣା କରିଛନ୍ତି। ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ମୁଁ ଅଶେଷ କୃତଜ୍ଞତା ଏବଂ ନମ୍ରତା ସହିତ ମୁଁ ଭାରତୀୟ କ୍ରିକେଟରୁ ଅବସର ଘୋଷଣା କରିଛି। ୨୦୦୯ ରୁ ୨୦୨୪ ପର୍ଯ୍ୟନ୍ତ ଯାତ୍ରା ମୋ ଜୀବନର ସବୁଠାରୁ ଚମତ୍କାର ସମୟ ଅଟେ। ବିସିସିଆଇ, ଉତ୍ତରପ୍ରଦେଶ କ୍ରିକେଟ ଆସୋସିଏସନ, କାନପୁର କ୍ରିକେଟ ମୁଁ ଆସୋସିଏସନ, ଆଇପିଏଲ ଫ୍ରାଞ୍ଚାଇଜ ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, କିଙ୍ଗସ ଏକାଦଶ, ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ ଦ୍ୱାରା ପ୍ରଦାନ କରାଯାଇଥିବା ସୁଯୋଗ ପାଇଁ କୃତଜ୍ଞ। ଆହୁରି ମଧ୍ୟ, ତାଙ୍କ କ୍ୟାରିୟରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଅଙ୍କିତ ତାଙ୍କ ପ୍ରଶିକ୍ଷକ, ସାଥୀ ଖେଳାଳି, ଫିଜିଓ, ପ୍ରଶଂସକ ଏବଂ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ଅଙ୍କିତ ତାଙ୍କ କ୍ୟାରିୟରରେ ଟିମ ଇଣ୍ଡିଆ ପାଇଁ ଖେଳିବାର ସୁଯୋଗ ପାଇ ପାରି ନ ଥିଲେ। ସେ ଇଣ୍ଡିଆ ଏ ପାଇଁ କ୍ରିକେଟ ଖେଳିଥିଲେ ମଧ୍ୟ ସିନିୟର ଦଳରେ ପହଞ୍ଚିପାରି ନ ଥିଲେ। ଅଙ୍କିତ ତାଙ୍କ କ୍ୟାରିୟରରେ ୮୦ ପ୍ରଥମ ଶ୍ରେଣୀ, ୫୦ ତାଲିକା ଏ ଏବଂ ୮୭ ଟି-୨୦ ମ୍ୟାଚ ଖେଳିଥିଲେ। ୧୩୭ ପ୍ରଥମ ଶ୍ରେଣୀ ଇନିଂସରେ ସେ ହାରାହାରି ୨୯.୨୫ରେ ୨୪୮ ଉଇକେଟ ନେଇଥିଲେ। ଅଙ୍କିତ ୨୦୧୩ରେ ଆଇପିଏଲ କ୍ୟାରିଅର ଆରମ୍ଭ କରିଥିଲେ। ସେ ୨୦୨୦-୨୧ସିଜନ ପର୍ଯ୍ୟନ୍ତ ଆଇପିଏଲ ଖେଳିଥିଲେ। ଏହି ଅବଧିରେ ଅଙ୍କିତ ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ପଞ୍ଜାବ କିଙ୍ଗସ ଏବଂ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିଥିଲେ। ଅଙ୍କିତ ମୋଟ ୧୯ଟି ଆଇପିଏଲ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚଗୁଡ଼ିକର ୨୯ ଇନିଂସରେ ବୋଲିଂ କରି ସେ ହାରାହାରି ୩୩.୯୧ରେ ୨୪ ଉଇକେଟ ନେଇଥିଲେ।

## ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅଧକ୍ଷା ଡ ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ଅଧ୍ୟାପକ ତପନ କୁମାର ବେହେରା, ଜନ୍ମେଜୟ ଶତପଥୀ, ବିଭୂତି ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ରଂଜନ କୁମାର ବେହେରା, ଡ ମନୋଜ କୁମାର ସାମଲ, ନାରାୟଣ ମହାନ୍ତ, ଇପ୍ସିତା ବେହେରା, ମିତା ରାଣି ମହାରଣା, କାଞ୍ଚନକୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ପ୍ରଥମ ପର୍ଯ୍ୟାୟ ରେ ଉଭୟ ବାଳକ ଓ ବାଳିକା ବିଭାଗରେ ୧୦୦ଓ ୨୦୦ମିଟର ଦୌଡ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉଦଘାଟନ ଦିବସରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ କ୍ରୀଡା ଶିକ୍ଷକ ବସନ୍ତ କୁମାର ମହାନ୍ତଙ୍କୁ ସମସ୍ତ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ଏ କେ କ୍ଲବ୍ ଚାମ୍ପିଅନ୍



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଫ୍ରେଣ୍ଡସ କ୍ଲବ ଆନୁକୁଲ୍ୟରେ ଆୟୋଜିତ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସନ୍ଧ୍ୟା ସମୟରେ ଫ୍ଲଡ଼ ଲାଇଟରେ ଭଞ୍ଜନଗରର ମରାଠା ଏକାଦଶ ଓ ଅନୁଗୁଳ ଆଠମଲ୍ଲିକର ଏ କେ କ୍ଲବ ମଧ୍ୟରେ ଟାଇଟଲ ପାଇଁ ଲଢେଇ ହୋଇଥିଲା।ଖେଳରେ ଆଠମଲ୍ଲିକ ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୪-୦ ଗୋଲ ବ୍ୟବଧାନରେ ଭଞ୍ଜନଗର ଦଳକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଖେଳର ଉଭୟାର୍ଦ୍ଧରେ ଆଠମିଲ୍ଲିକ ଦଳର ଖେଳାଳି ମାନେ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ପୁରସ୍କାର ବିତରଣ ପାଇଁ ବୋଲଗଡ଼ ମହୋତ୍ସବ ସମ୍ପାଦକ ବୀରକିଶୋର ଦାସଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଜେଡି ନେତା କ୍ୟାପଟେନ ମନ୍ମଥ ରାଉତରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ସରପଞ୍ଚ ପ୍ରଦୀପ ବାରିକ ଓ ଉମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଆଠମଲ୍ଲିକ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ରନର୍ସ ଅପ ଭଞ୍ଜନଗର ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଫେଣ୍ଡସ କ୍ଲବ ସମ୍ପାଦକ ଭଞ୍ଜକିଶୋର ଯତୀ ବିବରଣୀ ପାଠ କରିଥିଲେ। ଅପରାହ୍ନରେ ଏହି ପଡ଼ିଆରେ ଭୁବନେଶ୍ୱର ଓ କେଉଁଝରର ମଧ୍ୟରେ ଅନୁଷ୍ଠିତ ଏକ ବାଳିକା ଫୁଟବଲ ମ୍ୟାଚ ୧-୧ ଗୋଲରେ ଅମିମାଂସିତ ଭାବେ ଶେଷ ହୋଇଥଲା। ଏହି ପ୍ରଦର୍ଶନୀ ମ୍ୟାଚରେ ଅତିଥି ଭାବେ ସାମାଜିକ କର୍ମୀ ରିତାଞ୍ଜଳି ପ୍ରଧାନ, ବ୍ଲକ ବିଜେଡି ସଭାନେତ୍ରୀ ପ୍ରଭାତୀ ରାଉତରାୟ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତିସଭ୍ୟା ନିର୍ମଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ରେଫରି ଭାବେ ମିର୍ଜା ସିରଜୁଦ୍ଦିନ ବେଗ, ଭଞ୍ଜକିଶୋର ଯତି, ସରୋଜ ମହାରଣା, ସଞ୍ଜୟ କୁମାର ଫତେସିଂ ଓ ଲକ୍ଷ୍ମୀଧର ଚୌଧୁରୀ ମ୍ୟାଚ ଗୁଡ଼ିକୁ ପରିଚାଳନା କରିଥିଲେ। ଲଲାଟେନ୍ଦୁକେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା, ମନୋଜ ସାହୁ ଓ ସନ୍ତୋଷ ରାଉତରାୟ ପ୍ରମୁଖଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟ ମାନେ ସହଯୋଗ କରିଥିଲେ ।ଶେଷରେ ମହେଶ ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ବେତନଟୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ : ମାଣତ୍ରି ଟାଇଟନ୍ସ ବିଜୟୀ



ବେତନଟୀ (ଭାସ୍କର ନ୍ୟୁଜ୍) : ବେତନଟୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଏମପିସି ହାଇସ୍କୁଲ ଖେଳ ପଡିଆରେ ସୋମବାର ବେତନଟୀ ପ୍ରିମିୟର ଲିଗ- ୨୦୨୪ ସିଜିନ -୧୧ ଆଜି ଉଦଘାଟିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଉଦବୋଧନ ଦେଇ କ୍ରିକେଟିୟରଙ୍କୁ ଉତ୍ସାହିତ କରିବା ସହିତ ଗ୍ରାମାଞ୍ଚଳରେ ଏଭଳି ବ୍ୟୟବହୁଳ ପ୍ରତିଯୋଗୀତାକୁ ପରିଚାଳନା କରି ୧୧ ବର୍ଷରେ ପହଞ୍ଚିଥିବାରୁ ଆୟୋଜକଙ୍କ ସମେତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। କ୍ଲବର ସଭାପତି ଶଶିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରରେ ସ୍ୱତନ୍ତ୍ର ଅତିଥି ଭାବରେ ଏମପିସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, କ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ରାଉତ, କ୍ଲବର ସଦସ୍ୟ ସୁମନ ପାଲ, ପ୍ରକାଶ ବେହେରା, ଅଜୟ ସେଜପଡା, ଛତିଶ ସାହୁ, ନିରଞ୍ଜନ ମହାନ୍ତି, ମଣ୍ଡଳ ସମ୍ପାଦକ ଜୀବନ ପରିଡା, ମହିଳା ମୋର୍ଚ୍ଚା ସମ୍ପାଦକ ଅମ୍ବୀକା ବାରିକ ପ୍ରମୁଖ ଯୋଗଦାନ କରି ଖେଳାଳି ଙମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ର ସଦସ୍ୟ କିଶୋର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ମ୍ୟାଚଟି ୧୧ ଷ୍ଟାର ମୋରଡା ବନାମ ମାଣତ୍ରୀ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବ୍ୟାଟିଂ କରି ୧୧ ଷ୍ଟାର ମୋରଡା ୨୦ ଓଭରରେ ୭ ଓ୍ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲେ । ୧୧ ଷ୍ଟାର ମୋରଡା ର ଅଞ୍ଜନ ଲେଙ୍କା ୪୮ ଟି ବଲ ରେ ୫୦ ରନ ସଂଗ୍ରହ କରିଥିଲେ। ଏହାର ପ୍ରତିବାଦର ମାଣତ୍ରୀ ଟାଇଟନ୍ସ ୧୮.୨ ଓଭରରେ ୧୧୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ମାଣତ୍ରୀ ଟାଇଟନ୍ସର ଶୁଭାଶିଷ ଧିର ୨୭ ରନ କରିବା ସହ ଗୋଟିଏ ଉଇକେଟ ନେଇ ଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲା ବେଳେ ବିକାଶ ଦାସ ଓ ରବିନ୍ଦ୍ର ସାହୁ ସ୍କୋରରେ ଥିଲେ।ଏହି ପ୍ରିମିୟର ଲିଗ କୁ ପ୍ରଶାନ୍ତ ନାଥ, ସଞ୍ଜୁ ଦିବେଦ୍ୱୀ, ମନୋଜ ପଣ୍ଡା, ସୁଧାକର ପଣ୍ଡା, ମଳୟ ସେନାପତି, ଚନ୍ଦ୍ର ଶେଖର ଦ୍ୱେରା, ମାନସ ନାଥ, କରଣ ନାଥ, ରାକେଶ ମହାନ୍ତ, ସଞ୍ଜୀପ ଜେନା, ସର୍ବେଶ୍ୱର ଦାସ, ହୃଷିକେଶ ମହାନ୍ତ, ଅମର ଦାସ, ଶୁଭମ ନାୟକ, ଭାଗ୍ୟରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ଦୁଇଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ଯଦି ପ୍ରତିଦିନ ଖାଦ୍ୟ ସହିତ ଚଟଣୀ ଖାଉଛନ୍ତି, ତେବେ ୟୁରିକ୍ ଏସିଡ୍‌ର ମାତ୍ରା କମିଯାଏ । କେବଳ ଏତିକି ନୁହେଁ, ଏହା କିଡ୍‌ନୀକୁ ମଜଭୁତ କରିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଚଟଣୀ ତିଆରି କରିବା ପାଇଁ ଧନିଆ ଏବଂ ପୋଦିନା ପତ୍ର ସହିତ କିଛି କୋଳା ରସୁଣ, ଅଦା, ଲେମ୍ବୁ ରସ, ଜିରା ପାଉଡର, କଳା ଲୁଣ ଏବଂ କଞ୍ଚାଲଙ୍କା ବ୍ୟବହାର କରିପାରିବେ । ଏହା ଉଭୟ ସ୍ୱାଦରେ ଏବଂ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବିବେଚନା କରାଯାଏ । ଧନିଆ ଏବଂ ପୋଦିନାରେ ଡାଇୟୁରେଟିକ୍ ଗୁଣ ରହିଛି, ଯାହା ପରିସ୍ରା ମାଧ୍ୟମରେ ୟୁରିକ୍ ଏସିଡ୍ ବାହାର କରିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଲେମ୍ବୁ ଏବଂ ଅଦା କିଡ୍‌ନୀକୁ ଡିଟକ୍ସ କରିବାରେ ସାହାଯ୍ୟ କରେ । ଯେଉଁ କାରଣରୁ ଏହା ଭଲ କାମ କରିବାରେ ସକ୍ଷମ ହୋଇଥାଏ । ଏହା ବ୍ୟତୀତ ରସୁଣ ଏବଂ ଅଦାର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ୟୁରିକ୍ ଏସିଡ୍ ଦ୍ୱାରା ଶାରୀରିକ ଫୁଲା ଏବଂ ଯନ୍ତ୍ରଣାକୁ ହ୍ରାସ କରିଥାଏ । ମୋଟ ଉପରେ କହିବାକୁ ଗଲେ , ଏହିସବୁ ଉପାଦାନଗୁଡ଼ିକରେ ପ୍ରସ୍ତୁତ ଚଟଣୀ ଖାଇବା ଦ୍ୱାରା ୟୁରିକ୍ ଏସିଡ୍ ସ୍ତର ନିୟନ୍ତ୍ରଣରେ ରହିବା ସହିତ କିଡ୍‌ନୀ କାର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ । ଏହା ବ୍ୟତୀତ, ଯନ୍ତ୍ରଣା , ଫୁଲା ଏବଂ ହଜମ ସମସ୍ୟା ମଧ୍ୟ ଦୂର ହୋଇଥାଏ ।



# 'ମହାଭାରତ' ଉପରେ ଫିଲ୍ମ କରିବାକୁ ଚାହୁଁଛନ୍ତି ଅମୀର

ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଥିବା ଅମିର ଖାନ ଏହି ସମୟରେ 'ଲାପତା ଲେଡିଜ୍'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି । କହି ରଖୁଛୁ କି, ଆମିରଙ୍କ ପ୍ରଡକ୍ସନରେ ନିର୍ମିତ ଫିଲ୍ମ 'ଲାପତା ଲେଡିଜ୍' ଓସ୍କାର ପୁରସ୍କାର ପାଇଁ ଆନ୍ତର୍ଜାତିକ ଫିଚର ଫିଲ୍ମର ପର୍ଯ୍ୟାୟରେ ଭାରତର ଅଫିସିଆଲି ଏଣ୍ଟ୍ରି । ଏହି ମଧ୍ୟରେ ଆମିର ଓସ୍କାର ପାଇଁ ସର୍ଟଲିଷ୍ଟ କରାଯାଇ ଥିବା ଫିଲ୍ମର ତାଲିକା ଜାରି ହେବା ପୂର୍ବରୁ 'ଲାପତା ଲେଡିଜ୍'ର ଇଣ୍ଟରନ୍ୟାସନାଲ ସ୍ତରରେ ପ୍ରଚାର ପ୍ରସାର କରୁଛନ୍ତି । ପ୍ରଚାର ପ୍ରସାର ସମୟରେ ଆମିର ନିଜର ଡ୍ରିମ୍ ପ୍ରୋଜେକ୍ଟ 'ମହାଭାରତ' ବିଷୟରେ କଥାବାର୍ତ୍ତା ହୋଇଥିଲେ । ଅମୀର ବିବିସିକୁ ଦେଇଥିବା ଇଣ୍ଟରଭ୍ୟୁରେ କହିଛନ୍ତି , ଏହା ମୋର ଡ୍ରିମ୍ ପ୍ରୋଜେକ୍ଟ ଏବଂ ଏହା ଖୁବ୍ ଭୟାନକ ପ୍ରୋଜେକ୍ଟ ମଧ୍ୟ । ମୋତେ ଡ଼ର ଲାଗୁଛି କି କେଉଁଠି କିଛି ଭୁଲ ହୋଇ ନଯାଉ । ଏହା ଏକ ବହୁତ ବଡ଼ ଦାୟିତ୍ୱ , କାରଣ 'ମହାଭାରତ' ସବୁ ଭାରତୀୟଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି । ଏହା ଆମର ରକ୍ତରେ ରହିଛି । ଏଥିପାଇଁ ମୁଁ ଏହା ଉପରେ ଠିକ୍ ଭାବେ ଫିଲ୍ମ ତିଆରି କରିବାକୁ ଚାହୁଁଛି । ମୁଁ ପ୍ରତି ଭାରତୀୟଙ୍କୁ ଗର୍ବ ଅନୁଭବ କରିବାକୁ ଚାହୁଁଛି । ମୁଁ ଦୁନିଆକୁ ଦେଖାଇବାକୁ ଚାହୁଁଛି କି ଦେଖ ! ଭାରତ ପାଖରେ କ'ଣ ଅଛି । ମୋତେ ଜଣା ନାହିଁ କି ଏହି ପ୍ରୋଜେକ୍ଟ ତିଆରି ହୋଇ ପାରିବ କି ନାହିଁ । ହେଲେ ଏହା ମୋର ଡ୍ରିମ୍ ପ୍ରୋଜେକ୍ଟ । ମୁଁ ଏହା ଉପରେ ହୃଦୟତାର ସହ କାମ କରିବାକୁ ଚାହୁଁଛି । ତାପରେ ଦେଖିବା କଣ ସବୁ ହେଉଛି । ଅନ୍ୟପଟେ ଆମିରଙ୍କ ଅପକମିଂ ଫିଲ୍ମ ବିଷୟରେ କହିବା ତ ତାଙ୍କର ଆଗାମୀ ଫିଲ୍ମ ସିତାରେ ଜମିନ୍ ପରର ସୁଟିଂ ଶେଷ ହୋଇଛି ।ଏବେସୁଦ୍ଧା ଫିଲ୍ମର ରିଲିଜ ତାରିଖ ଘୋଷଣା ହୋଇ ନାହିଁ , କିନ୍ତୁ କୁହାଯାଉଛି କି ଏହି ଫିଲ୍ମ ଆସନ୍ତା ବର୍ଷ ଫିଲ୍ମ ହଲ୍‌ରେ ରିଲିଜ ହେବ ।

# ପୌଷ ମାସରେ କରନ୍ତୁ ନାହିଁ ଏହି ୨ଟି କାମ

- ଏହି ସମୟରେ ଶୁଭ କାର୍ଯ୍ୟ ଓ ମାଙ୍ଗଳିକ କାର୍ଯ୍ୟ କଲେ ଅଶୁଭ ହୋଇଥାଏ ବୋଲି କୁହାଯାଏ ।
- କୌଣସି ନୂଆ ଜିନିଷ କିଣିବାକୁ ମଧ୍ୟ ବାରଣ କରାଯାଏ ।
- ବିଶେଷ କରି ଏହି ମାସରେ ଗୃହ ପ୍ରବେଶ, ବିବାହ, ନାମକରଣ ଆଦି କାର୍ଯ୍ୟ କରାଯାଏ ନାହିଁ ।
- ଏହି ମାସରେ ବିରି, ମସୁର, ମୂଳା, ବିଭିନ୍ନ ପ୍ରକାର କୋବି, ଶାଗ, ମହୁ ଆଦି ସେବନ କରିବା ଉଚିତ୍ ନୁହେଁ ।
- ଶାସ୍ତ୍ରରେ ଏହାକୁ ସେବନ କରିବାକୁ ବାରଣ କରାଯାଇଛି ।
- ଏହି ମାସରେ ନିୟମିତ ସକାଳେ ଉଠି ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରନ୍ତୁ ।
- ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ ।
- ଏହି ମାସରେ ମନ୍ତ୍ର ଜପ, ଦାନ ଆଦି କରିବା ଦ୍ୱାରା ଜୀବନରେ ଥିବା କଷ୍ଟ ଦୂର ହୋଇ ଶୁଭଫଳ ମିଳିଥାଏ । ଧନ ଅଭାବ ଦୂର ହୋଇଥାଏ ।



*ଆରମ୍ଭ ହୋଇଛ ପୌଷ ମାସ । ପୌଷ ମାସ ୧୪ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ରହିବ । ଏହି ସମୟରେ ଭଗବାନ ବିଷ୍ଣୁ, ମା'ଲକ୍ଷ୍ମୀ ଓ ସୂର୍ଯ୍ୟ ଦେବତାଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଏ । ଏହି ସମୟରେ ମାଙ୍ଗଳିକ କାର୍ଯ୍ୟ କରିବାକୁ ବାରଣ କରାଯାଏ ।*

# ତରକାରୀରେ ଲୁଣ ଅଧିକ ହୋଇଯାଇଥିଲେ..

## ଆପଣାନ୍ତୁ ଏହି ଉପାୟ



- ତରକାରୀରେ ଯଦି ଲୁଣ ଅଧିକ ହୋଇଯାଇଥାଏ ତେବେ ସେଥିରେ କଞ୍ଚାଆଳୁକୁ କାଟି ପକାଇ ଦିଅନ୍ତୁ । ତରକାରୀର ମାତ୍ରା ଅନୁସାରେ ଆଳୁ ଖଣ୍ଡେ ଅବା ୨ଖଣ୍ଡ ପକାନ୍ତୁ । ତରକାରୀ ପ୍ରସ୍ତୁତ ହୋଇଯିବା ପରେ ଆଳୁକୁ ବାହାର କରିଦିଅନ୍ତୁ । ଲୁଣର ମାତ୍ରା ଠିକ୍ ହୋଇଯିବ ଏବଂ ସ୍ୱାଦିଷ୍ଟ ଲାଗିବ ।
- ତରକାରିରେ ଲୁଣର ମାତ୍ରା କମ୍ କରିବା ପାଇଁ ସେଥିରେ କିଛି ଲେମ୍ବୁରସ୍ ଓ ସାମାନ୍ୟ ମାତ୍ରାରେ ଭିନେଗାର ପକାନ୍ତୁ । ଏହା ଲୁଣର ମାତ୍ରାକୁ କମ୍ କରିବା ସହ ତରକାରୀକୁ ସ୍ୱାଦିଷ୍ଟ କରିବ ।
- କୌଣସି ତରକାରୀରେ ଲୁଣର ମାତ୍ରା କମ୍ କରିବା ପାଇଁ ଆଉ କିଛି ଅଧିକ ପରିବା କିମ୍ବା ଡାଲି ପକାଇ ଦିଅନ୍ତୁ । ତରକାରୀ ହୁଏତ ଅଧିକ ହୋଇପାରେ, କିନ୍ତୁ ସ୍ୱାଦ ଠିକ୍ ଲାଗିବ ।
- ଆଳୁ, ଫୁଲକୋବି, ପନୀର, ଲାଉ ଆଦି ବିଭିନ୍ନ ପ୍ରକାର ତରକାରିରେ ଲୁଣ ଅଧିକ ହୋଇଗଲେ ସେଥିରେ ଅଳ୍ପ କିଛି କ୍ରିମ୍ ପକାନ୍ତୁ । ଲୁଣ କମ୍ ହେବା ସହ ତରକାରି ଭଲ ଲାଗିବ ।
- ସେହିପରି ଲୁଣ କମ୍ କରିବା ପାଇଁ କିଛି ପନୀରକୁ କୋରି ତରକାରିରେ ପକାଇ ଦିଅନ୍ତୁ । ଫଳରେ ଲୁଣ ତ କମ୍ ହେବ ତା' ସାଙ୍ଗକୁ ଏହା ସୁନ୍ଦର ଦେଖାଯିବା ସହ ସ୍ୱାଦିଷ୍ଟ ଲାଗିବ ।
- ବ୍ରେଡ୍ ୨ଖଣ୍ଡ ତରକାରିରେ ପକାଇଦେଲେ କିଛି ମାତ୍ରାରେ ଲୁଣ କମ୍ ହୋଇଯାଏ । ତେଣୁ ଏହି ପଦ୍ଧତିରେ ବି ତରକାରିକୁ ସ୍ୱାଦିଷ୍ଟ କରିହେବ ।



# ୧୪ ଶହ କୋଟି ପାର୍ କଲା 'ପୁଷ୍ପା ୨ -ଦ ରୁଲ'

ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨ -ଦ ରୁଲ' । ବକ୍ସ ଅଫିସରେ କରୁଛି ଧମାକା । 'ପୁଷ୍ପା ୨' ବମ୍ପର କଲେକ୍ସନ ସହ ହାସଲ କରୁଛି ସଫଳତା । ତେବେ ରିଲିଜର ୧୨ଦିନରେ ୧୪ ଶହ କୋଟିରୁ ଅଧିକ କଲେକ୍ସନ କରିଛି ଫିଲ୍ମ । 'ପୁଷ୍ପା ୨' ଏହାର ଦୁଇ ସପ୍ତାହ ପୂରଣ କରିବା ପୂର୍ବରୁ ୧୪ ଶହ କୋଟିରୁ ଅଧିକ ବ୍ୟବସାୟ କରିଛି । ଏଥି ସହିତ ପୁଷ୍ପା ୨ ଚଳଚ୍ଚିତ୍ର ଭାରତରେ ପାଖାପାଖି ଏକ ହଜାର କୋଟିରେ ପହଞ୍ଚିଛି । ପୁଷ୍ପା ୨ ଗତ ରବିବାର ଦିନ ଏହି ଫିଲ୍ମ ୭୬ କୋଟି ଟଙ୍କା ରୋଜଗାର କରିଥିଲା । ଭାରତରେ ଫିଲ୍ମର ମୋଟ ସଂଗ୍ରହ ୯୩୦ କୋଟିରେ ପହଞ୍ଚିଛି । ଯାହା ସାରା ବିଶ୍ୱରେ ଚଳଚ୍ଚିତ୍ର ମୋଟ ଆୟ ୧୪୦୯ କୋଟି ଟଙ୍କା କରିଛି । ଏହି ଫିଲ୍ମ ବର୍ତ୍ତମାନ ଆରଆରଆର ଓ କେଜିଏଫ ୨ ଭଳି ସର୍ବାଧିକ ଆୟ କରିଥିବା ଫିଲ୍ମର ରେକର୍ଡ ଭାଙ୍ଗିଛି । ପ୍ରକାଶ ଥାଉକି, ନିର୍ଦ୍ଦେଶକ ସୁକୁମାରଙ୍କ 'ପୁଷ୍ପା ୨: ଦ ରୁଲ', 'ପୁଷ୍ପା: ଦ ରାଇଜ'ର ସିକ୍ୱେଲ ଅଟେ । ଏଥିରେ ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା, ଫାହାଦ୍ ଫସିଲ, ସୁନୀଲ, ଅଜୟ, ରାଓ ରମେଶ, ଅନାସୁୟା ଏବଂ ଅନ୍ୟ କଳାକାର ନଜର ଆସିଛନ୍ତି । ପ୍ରଥମ ଭାଗର ୩ ବର୍ଷ ପରେ 'ପୁଷ୍ପା ୨' ପରଦାକୁ ଆସିଥିବା ବେଳେ ଦର୍ଶକ ଏହାକୁ କରୁଛନ୍ତି ପସନ୍ଦ । ସେହିପରି ଆସନ୍ତା ବର୍ଷ ଫିଲ୍ମଟି ଓଟିଟି ପ୍ଲାଟଫର୍ମରେ ରିଲିଜେ ହେବା ନେଇ ସୂଚନା ମିଳିଛି ।



# ଏପ୍ରିଲ ୧୮ରେ ରିଲିଜ ହେବ ଅନୁଷ୍କାଙ୍କ 'ଘାଟି'




'ବାହୁବଳୀ' ଚଳଚ୍ଚିତ୍ରରେ ଦେବସେନା ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜ୍ କରିଥିବା ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀଙ୍କୁ ଆଗାମୀ ଦିନରେ 'ଘାଟି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ଆକ୍ସନ କ୍ରାଇମ୍ ଡ୍ରାମା ଫିଲ୍ମର ଏକ ପୋଷ୍ଟର ରିଲିଜ କରାଯାଇ ଫିଲ୍ମର ରିଲିଜ୍ ତାରିଖ ଉପରୁ ପରଦା ଉଠାଯାଇଛି । ଅନୁଷ୍କାଙ୍କ ଆଗାମୀ ଚଳଚ୍ଚିତ୍ର 'ଘାଟି' ଆସନ୍ତା ବର୍ଷ ଏପ୍ରିଲ ୧୮ରେ ରିଲିଜ୍ ହେବ । ଅନୁଷ୍କା କିପରି ଜଣେ ପୀଡିତା ମହିଳାରୁ ଏକ ଆପରାଧିକ ଗ୍ୟାଙ୍ଗ୍‌ର ମାଷ୍ଟର ମାଇଣ୍ଡ ଭାବେ ପରିଣତ ହେଉଛନ୍ତି, ତାହାକୁ ନେଇ ଏହି ଫିଲ୍ମର କାହାଣୀ ଗତି କରିଛି । ଚଳଚ୍ଚିତ୍ରରେ ଅନୁଷ୍କା ଶତ୍ରୁମାନଙ୍କର ସଂହାର କରୁଥିବା ନଜରକୁ ଆସିବେ । ଫିଲ୍ମରେ ଅନୁଷ୍କାଙ୍କର ଅନେକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳିବ । କ୍ରିଶ୍ ଜଗରଲାମୁଦିଙ୍କ ନିର୍ଦ୍ଦେଶନା ଏବଂ ରାଜୀବ ରେଡ୍ଡୀ ଓ ସାଇ ବାବୁ ଜଗରଲାମୁଦିଙ୍କ ପ୍ରଯୋଜନାରେ ହେବାକୁ ଥିବା ଏହି ଫିଲ୍ମରେ ଅଭିନେତ୍ରୀ ରମ୍ୟା କ୍ରିଷ୍ଣନ ଓ ଅଭିନେତା ଜଗପଥି ବାବୁ ମଧ୍ୟ ନଜରକୁ ଆସିବେ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି ପୋଷ୍ଟରରେ ଅନୁଷ୍କା ଛୁରି ଧରିଥିବା ସହ ତାଙ୍କ ମୁହଁରେ ରକ୍ତଛିଟା ଲାଗିଥିବା ଦେଖିବାକୁ ମିଳିଛି । ଏହି ପୋଷ୍ଟ'ର କ୍ୟାପ୍‌ଶନରେ ଲେଖାଯାଇଛି, କୁଇନ୍ ଅନୁଷ୍କା ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ବକ୍ସ ଅଫିସରେ ପୁଣି ଥରେ ରାଜ୍ କରିବାକୁ ଯାଉଛନ୍ତି । 'ଘାଟି' ଫିଲ୍ମ ତେଲୁଗୁ, ତାମିଲ, କନ୍ନଡ, ମାଲୟାଲମ ଓ ହିନ୍ଦୀ ଭାଷାରେ ରିଲିଜ୍ ହେବ । ଫିଲ୍ମର ରିଲିଜ୍ ତାରିଖ ସାମ୍ନାକୁ ଆସିବା ପରେ ଅନୁଷ୍କାଙ୍କ ଆକ୍ସନ ଅବତାର ଦେଖିବାକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅନାଇ ବସିଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବାଲିଚନ୍ଦ୍ରପୁର(ଭାସ୍କରନ୍ୟୁଜ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ମା'ବୁଢ଼ୀଜାଗୁଳାଈ ପୀଠ ପରିସରରେ ତ୍ରୟୋଦଶତମ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଭାକର ଉଦଗାତା, ବୀର କିଶୋର ଦାଶ, ସୁନିଲ ନନ୍ଦ, ତପନ ପାଢ଼ୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ଦାଶ ସପତ୍ନୀଙ୍କ କର୍ତ୍ତା ଭାବେ ଯୋଗଦେଇଥିଲେ। ପ୍ରାତଃ କାଳରୁ ଯଥା ରତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ସମାପ୍ତ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ବାଲିପଡ଼ିଆ ତଥା ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ ସହ ପ୍ରସାଦ ସେବନ କରିଥିଲେ। ମା'ବୁଢ଼ୀଜାଗୁଳାଈ କମିଟି ଓ ଜଗନ୍ନାଥ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଯଜ୍ଞ କାର୍ଯ୍ୟରେ ସହଯୋଗ ପ୍ରଦାନ କରିଥିଲେ।

# ଉତ୍କଟ ପାଣି ସମସ୍ୟା, ହନ୍ତସନ୍ତ ଲୋକେ



ମାଲକାନଗିରି(ଭାସ୍କରନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ଶ୍ରମିକ ବସ୍ତିରେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ବାଲିମେଳା ଡ୍ୟାମ୍ ଯୋଜନା ଅଧୀନରେ ଥିବା କ୍ୱାର୍ଟର ଗୁଡ଼ିକୁ ଏକ ସପ୍ତାହରୁ ଅଧିକ ଦିନ ହେଲା ଜଳଯୋଗାଣ ହେଉ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ କ୍ୱାର୍ଟର ସହ ବସ୍ତି ଅଞ୍ଚଳକୁ ଜଳଯୋଗାଣ କରିବାକୁ ଅଞ୍ଚଳବାସୀ ଦାବି କହିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରେ ବାଲିମେଳା ଡ୍ୟାମ୍ ଅଞ୍ଚଳରେ ପ୍ରାୟ ୧୦ଟି ଶ୍ରମିକ ବସ୍ତିରେ ୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ସରକାରୀ କ୍ୱାର୍ଟରଗୁଡ଼ିକରେ ମଧ କର୍ମଚାରୀମାନେ ରହୁଛନ୍ତି। ଗତ ଏକ ସପ୍ତାହରୁ ଅଧିକ ଦିନ ହେଲା ଜଳ ଯୋଗାଣ ନାହିଁ। ଜଳ ଯୋଗାଣ ହେଉଥିବା ପାଣିଟାଙ୍କି ମଧ୍ୟ ନିୟମିତ ସଫା କରଯଉ ନାହିଁ। ଟାଙ୍କି ଭିତରେ ମଲା ବେଙ୍ଗ ଓ ସରୀସୃପ ଭାସୁଛନ୍ତି। କେବେ ପମ୍ପ ମରାମତି ହୋଇ ଆସିବ ଓ ପାଣି ପାଇବେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଜଳାଭାବ ରୁ କେହି କେହି ଭଡ଼ାରେ ପାଣି ଟ୍ୟାଙ୍କର ଆଣି ବ୍ୟବହାର କରୁଥିବା ବେଳେ ଅନ୍ୟମାନେ ବିଭିନ୍ନ ଅଫିସ ଏପରିକି ନିକଟରେ ଥିବା ବିଏସଏଫ କ୍ୟାମ୍ପରୁ ପାଣି ସଂଗ୍ରହ କରୁଛନ୍ତି। ଅନ୍ୟପକ୍ଷେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଏଠାରେ ରହୁ ନଥିବାରୁ ତଳିଆ କର୍ମଚାରୀମାନେ ଯେନତେନ ପ୍ରକାରେ କାମ କରୁଛନ୍ତି। ବ୍ଲକ ଅଞ୍ଚଳରେ ବସ୍ତିଗୁଡ଼ିକ ଥିଲେ ମଧ ପ୍ରଶାସନିକ ବାବୁମାନେ ଦୃଷ୍ଟି ଦେଉ ନାହାନ୍ତି। ବିଦ୍ୟୁତ ବିଲ୍ ପୈଠ ହୋଇ ନଥିବାରୁ ସ୍ୱଜଳ ଧାରା ପ୍ରକଳ୍ପ ଗୁଡ଼ିକ ଠପ ହୋଇଯାଇଛି। ଅଧିକାଂଶ ନଳକୂଅ ଅଚଳ ହୋଇଥିବାରୁ ଲୋକେ ହଇରାଣ ହେଉଛନ୍ତି। ଡ୍ୟାମ୍ କର୍ତ୍ତୃପକ୍ଷ ବ୍ଲକ, ପ୍ରଶାସନକୁ ଦୋଷ ଲଦି ଦେଇ ଖସିବାରେ ରେ ଲାଗିଛି। ଏଠାରେ ୪ କୋଟି ୪୫ ଲକ୍ଷ ବ୍ୟୟରେରେ ଏକ ପ୍ରକଳ୍ପ ଚାଲିଛି। ଦୀର୍ଘ ୫ବର୍ଷ ହେଲା କାମ ସରିବା ନାଁ ଧରୁନି। ନିର୍ବାଚନ ସମୟରେ ନେତାମାନେ ଲୋକଙ୍କୁ ଘରକୁ ଘର ପାନୀୟଜଳ ଯୋଗାଇ ଦିଆଯିବ ବୋଲି ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ୱପ୍ନ ହୋଇରହିଛି। ହପ୍ରକଳ୍ପ କାର୍ଯ୍ୟ ପାଇଁ ଆସିଥିବା ଟଙ୍କା ମଧ ଖର୍ଚ ହୋଇଗଲା ଲାଣି। ହେଲେ ଲୋକଙ୍କୁ ପାଣି ମିଳିପାରୁ ନଥିବା ଚିତ୍ରକୋଣ୍ଡା ବାସୀ କ୍ଷୋଭର ସହ କହିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ଦାବି ହୋଇଛି। ନଚେତ୍ ଆଗାମ ଦିନରେ ରାଜରାସ୍ତାକୁ ଓହ୍ଲେଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ମୋବାଇଲ ଟାୱାରକୁ ଚଢ଼ିଲା ଯୁବକ

କଣିହାଁ(ଭାସ୍କରନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ଅର୍ନ୍ତଗତ ରଙ୍ଗବେଡା ଗ୍ରାମରେ ମଙ୍ଗଳବାର ଦିନ ପୂର୍ବାହ୍ନ ୧୨ ଘଟିକା ସମୟରେ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀ (ନନ୍ଦିଆ) ବୟସ ୨୩ ନାମକ ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ଘର ସମ୍ମୁଖରେ ଥିବା ଏକ ମୋବାଇଲ ଟାୱାର ପୁରା ଉପରକୁ ଚଢ଼ି ମରିବି ବୋଲି ଧମକ ଦେଇଥିବା ଜଣାପଡ଼ିଛି। ଉକ୍ତ ଖବର ପାଇ କଣିହାଁ ଅଗ୍ନିଶମ ବାହିନୀ ଓ ଏନଟିପିସି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତାକୁ ତଳକୁ ଓହ୍ଲାଇବା ପାଇଁ କହିଥିଲେ ମାତ୍ର ସେ ଶୁଣି ନଥିଲା। ପ୍ରାୟ ୩ଘଣ୍ଟା ପରେ ସେ ମନକୁ ତଳକୁ ଓହ୍ଲାଇଥିଲା। ପରେ ଟାୱାର ପାଖରେ ଥିବା ଅଗ୍ନିଶମ ବାହୀନି ଓ ପୁଲିସ ତାକୁ ଧରିବା ସହ ତାର ମାଆକୁ ହସ୍ତାନ୍ତର କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ

ରାୟଗଡ଼(ଭାସ୍କରନ୍ୟୁଜ): ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ, ଅକ୍ଷୟ କୁମାର ଖେମୁଣ୍ଡୁ, ଅଧିକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ, ଇଂ



ସୁଧାକର, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ମିଶନ, ଡ଼ଃ ଦୟାନିଧି ବାଗ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ, ବିଷ୍ଣୁ ପ୍ରସାଦ କର,ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ପାଣି ପଞ୍ଚାୟତ ମାଧମରେ ପାଣିକୁ ନଷ୍ଟ ନକରି ସଦବିନିଯୋଗ କରିବା ଉପରେ ଜନସଚେତନତା ସୃଷ୍ଟି କରାଯିବ। ଆସନ୍ତା ୨୨/୧୨/୨୦୨୪ରିଖରୁ ଆରମ୍ଭ ହୋଇ ଆସନ୍ତା ୫ଜାନୁୟାରୀ ୨୦୨୫ ଯାଏଁ ଚାଲିବ କ୍ଷ ସଚେତନତା କାର୍ଯ୍ୟକ୍ରମଙ୍କୁ ବ୍ୟାପକ କରିବାକୁ ଡିଭିଜନ ସ୍ତରୀୟ, ଜିଲ୍ଲାସ୍ତରୀୟ ଏବଂ ରାଜ୍ୟ ସ୍ତରରେ କରାଯିବ କ୍ଷ ଆସନ୍ତା ୨୯/୧୨/୨୦୨୪ରିଖରେ ଜିଲ୍ଲକ୍ଷସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା



ଢେଙ୍କାନାଳ(ଭାସ୍କରନ୍ୟୁଜ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୁଲ୍ୟର ମିନି ଷ୍ଟାଡ଼ିୟମ ଠାର ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଡିସେମ୍ବର ୧୭ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଭବେ ଯୋଗେଦଇ ମେଳାକୁ ଉଦଘାଟନ କରି ପ୍ରଦର୍ଶନୀ ମଣ୍ଡପ ଗୁଡିକୁ ପରିଦର୍ଶନ କରିଥିଲେ। ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ମୋଟ ୬୬ ଗୋଟି ପ୍ରଦର୍ଶନୀ ଷ୍ଟଲ କରାଯାଇଛି। କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ, ପ୍ରାଣୀ ସମ୍ପଦ, ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ, ଓଡିଶା ମିଲେଟ ମିଶନ ,ଉଠା ଜଳସେଚନ, ମିଶନ ଶକ୍ତି , ସ୍ୱୟଂ ସହାୟକ ଗୋଷ୍ଠୀ , ଓଡିଶା କୃଷି ଶିଳ୍ପ ନିଗମ, କୃଷି ଯନ୍ତ୍ରପାତି ବିକ୍ରୟ କରୁଥିବା ଡିଲର ଆଦି ଏହି ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ଅଂଶ ଗ୍ରହଣ କରିଛନ୍ତ। ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟିକା ଯୋଗେଦଇ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧମରେ ଚାଷୀ ମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବେଶ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗେଦଇ ଚାଷୀ ମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର କରି ଚାଷ କଲେ ବିଭିନ୍ନ ପ୍ରକାରର ଚାଷର ଉନ୍ନତି ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧି ଘଟିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଯୋଗେଦଇଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା

କେନ୍ଦ୍ରାପଡ଼ା(ଭାସ୍କରନ୍ୟୁଜ): କେନ୍ଦ୍ରାପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ବଡ଼ସରାଦେଇପୁର ଗ୍ରାମର କୁଳମଣି ମଲିକଙ୍କ ଘର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଗୋଟିଏ ସିଲେଇ ମେସିନ୍ ଦ୍ୱାରା କୁଳମଣୀଙ୍କ ପରିବାର ଲୋକ ଗୁଜୁରାଣ ମେଣ୍ଟାଉଥିଲେ। ତାହା ମଧ ପୋଡି ନଷ୍ଟ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା କୁଳମଣୀଙ୍କ ପରିବାରକୁ ଏକ ସିଲେଇ ମେସିନ ପ୍ରଦାନ କରିଛନ୍ତି। ଏହି ସିଲେଇ ମେସିନ୍ ପ୍ରଦାନ ବେଳେ ବ୍ୟାଙ୍କର ଅଧିକାରୀ ରାଜୀବଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡ଼ା, ଭଞ୍ଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ପ୍ରତିଭା ସମ୍ମାନ



ପୁରୀ(ଭାସ୍କରନ୍ୟୁଜ): ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଇଣ୍ଟିଗ୍ରିଟ କ୍ଲବ୍ ପକ୍ଷରୁ ବିଦ୍ୟାଳୟର ପ୍ରତିଭା ସମ୍ମାନ ଏବଂ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କ୍ଲବ୍‌ର ଉପଦେଷ୍ଟା ଧ୍ରୁବଚରଣ କର ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ କ୍ଲବ୍ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। କ୍ଲବ୍ ର ସଂପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭଶ୍ରୀ ଦାଶ ସଂପାଦକୀୟ ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ଚନ୍ଦ୍ରଶେଖର ମିଶ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ବାବାଜୀ ଚରଣ ମହାନ୍ତି, ପ୍ରାକ୍ତନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ପ୍ରାକ୍ତନ ସଂସ୍କୃତ ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ, ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାୟଗୁରୁ, ସ୍ମିତା ବାନାର୍ଜୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ଲବ୍ ପକ୍ଷରୁ ଦଶମ ଶ୍ରେଣୀର ଛାତ୍ର ଅଭିଜ୍ଞାନ ଦଳେଇ ଓ ଛାତ୍ରୀ ତାନୀୟା ପ୍ରିୟଦର୍ଶିନୀଙ୍କୁ ଏକ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କ୍ଲବ୍ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଉତ୍ସବରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଦେବାଶିଷ ଗୁଡ ୱିଲ ଆମ୍ବାସଡ଼ର ଭାବେ ସମ୍ମାନିତ

ପୁରୀ(ଭାସ୍କରନ୍ୟୁଜ): ଭାରତ ସ୍କାଉଟ ଓ ଗାଇଡ ସଂଗଠନରେ ଦୀର୍ଘଦିନ ଧରି ନିସ୍ୱାର୍ଥପର ଭାବେ ନିରନ୍ତର ସେବା ପ୍ରଦାନ କରୁଥିବାରୁ ଚଳିତ ମାସ ୧୪ ଓ ୧୫ ରିଖ ୨ଦିନ ଧରି ସ୍କାଉଟ ଆଣ୍ଡ ଗାଇଡ ବିଶ୍ୱ ସଂଗଠନ ଆଟ୍ସ ଆସୋସିଏସନ ଅଫ ଟପ ସ୍କାଉଟ୍ସ ତରଫରୁ ଚଳିତ ବର୍ଷ ଛତିଶଗଡ଼ ସ୍ଥିତ ରାୟପୁର ଠାରେ ଆୟୋଜିତ ତ୍ରିବାର୍ଷିକ ଅନ୍ତଃରାଷ୍ଟ୍ରୀୟ ତଥା ୮ମ ରାଷ୍ଟ୍ରୀୟ ସମ୍ମିଳନୀରେ ଓଡିଶାରୁ ପୁରୀ ଜିଲ୍ଲା ସ୍କାଉଟ ସଂଗଠକ ଦେବାଶିଷ ମିଶ୍ରଙ୍କୁ ଗୁଡ




ୱିଲ ଆମ୍ବାସଡ଼ର ଭାବରେ ସମ୍ମାନିତ କରାଯାଇ ଅଛି। ଏହି ଉତ୍ସବରେ ଅନ୍ତଃରାଷ୍ଟ୍ରୀୟ ସଭାପତି ସାଇମନ ହାଁବକ୍ ରି, ଦକ୍ଷିଣ କୋରିଆର ପ୍ରତିନିଧି କିମ୍ ସିୟାଙ୍ଗସୁ, ଅନ୍ତଃରାଷ୍ଟ୍ରୀୟ ସଚିବ ମାକ ମିକି, ଶ୍ରୀଲଙ୍କା ସ୍ଥିତ କିଙ୍ଗ ଆଣ୍ଡ କୁଇନ ସ୍କାଉଟର ପ୍ରେସିଡେଣ୍ଟ କ୍ୟାପଟେନ ଜ୍ଞାନ ପ୍ରସାଦ କୁମାରା, ଆଟାଶ ଇଣ୍ଡିଆ ରାଷ୍ଟ୍ରୀୟ ସଂଗଠନ ମୁଖ୍ୟ ଜଷ୍ଟିସ କଳ୍ପେଶ ଜାଭେରୀ ଏବଂ ଛତିଶଗଡ଼ ରାଜ୍ୟ ସ୍କାଉଟ ଓ ଗାଇଡର ରାଜ୍ୟ ମୁଖ୍ୟ କମିଶନର ଶ୍ରୀ ସୋମନାଥ ଯାଦବ ଉପସ୍ଥିତ ଥିଲେ।

# ମୟୂରଭଞ୍ଜରେ ୨୨ରୁ ପାଣି ପଞ୍ଚାୟତ ପକ୍ଷ

ବାରିପଦା(ଭାସ୍କରନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାରେ ଜଳସଂପଦ ବିଭାଗ ପକ୍ଷରୁ ଆସନ୍ତା ୨୨ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ହେବ। ଏହି ପରିପ୍ରେକ୍ଷୀରେ ପାଣି ପଞ୍ଚାୟତ ପକ୍ଷର ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାରେ ଥିବା ବୃହତ୍, ମଧ୍ୟମ, କ୍ଷୁଦ୍ର ଏବଂ ଉଠା ଜଳସେଚନ ଅନ୍ତର୍ଭୁକ୍ତ ସମସ୍ତ ଜଳସେଚନ ଡିଭିଜନରେ ଡିଭିଜନ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୟୂରଭଞ୍ଜ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱର ପାତ୍ରଙ୍କ ସୂଚନା ଅନୁଯାୟୀ, ଆଗାମୀ ଡିସେମ୍ବର ୨୯ ତାରିଖରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



ଅନୁଷ୍ଠିତ ହେବା ସଂପର୍କରେ ବିଭାଗ ତରଫରୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ଓ କୃଷକମାନଙ୍କର ମୂଲ୍ୟବାନ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିବାରେ ପାଣି ପଞ୍ଚାୟତ ପକ୍ଷ ସୁଯୋଗ ପ୍ରଦାନ କରିଥାଏ। ବିଭିନ୍ନ ଡିଭିଜନ ସ୍ତରରେ ଆରମ୍ଭ ହେବାକୁ ଥିବା ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ଥାନୀୟ ସାଂସଦ, ବିଧାୟକ, ନିର୍ବାଚିତ ପଞ୍ଚାୟତିରାଜ ତଥା ପୌରାଞ୍ଚଳ ଜନପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ତଥା ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତିରେ ପାଣି ପଞ୍ଚାୟତ ରଥକୁ ୨୨ ତାରିଖ ଦିନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

# ସମବାୟ ସମିତି ସଭାପତିଙ୍କ ମାତୃ ବିୟୋଗ

ନିଶ୍ଚିନ୍ତକୋଇଲି(ଭାସ୍କରନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ସେବା ସମବାୟ ସମିତିର ସଭାପତି ସେକ ସଲ୍ଲାଉଦ୍ଦିନଙ୍କ ମାଆ ଆସମା ବିବିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଉପାଧକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସରପଞ୍ଚ ମନୋଜ କୁମାର ମଲିକ, ବିଜେଡି ନେତା ଜ୍ୟୋତି ପ୍ରକାଶ ସ୍ୱାଇଁ, ଯୁବ ସମାଜସେବୀ ସେକ ରହିମଉଦ୍ଦିନ, ମନୋରଞ୍ଜନ ସିଂ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବିପଦରେ ଶିଶୁଙ୍କ ଜୀବନ




ରାୟଗଡ଼(ଭାସ୍କରନ୍ୟୁଜ): ନିଆଳି ବ୍ଲକରେ ୧୦ରୁ ଉର୍ଦ୍ଧ୍ୱ ଘରୋଇ ବିଦ୍ୟାଳୟ ଥିବା ବେଳେ ସେଥି ମଧ୍ୟରୁ ଅନେକ ବିଦ୍ୟାଳୟ ଗୁଡିକରେ ପଢୁଥିବା ଛାତ୍ର ଛାତ୍ରୀ ଓ ଶିଶୁ ମାନଙ୍କୁ ନେବା ଆଣିବା ପାଇଁ ବ୍ୟବହୃତ ହେଉଥିବା ଗାଡ଼ି ବିପଦ ସଙ୍କୁଳ ଅବସ୍ଥାରେ କରୁଛନ୍ତି ଯାତାୟାତ। କେତେକ ଗାଡ଼ିର ଫିଟନେସ ଓ ଇନ୍ସୁରାନ୍ସ ନଥିବା ବେଳେ ଆଉ କେତେକ ଗାଡ଼ି ବସ୍ତା ନଦିଲା ଭଳି ନେବା ଆଣିବା କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମଙ୍ଗଳବାର ଦିନ ପହଙ୍ଗା ଜଲାର ପୁର ରାସ୍ତାରେ। ଉକ୍ତ ରାସ୍ତା ଦେଇ ପହଂଗା ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ଓ ଛାତ୍ର ଛାତ୍ରୀ ମାନେ ଗୋଟିଏ ଟାଟା ମ୍ୟାଜିକ ଗାଡ଼ିରେ ୩୮ ଜଣ ଶିଶୁ ଦୁଇ ଜଣ ଗୁରୁମା ଓ ଡ୍ରାଇଭର ବସ୍ତା ନଦିଲା ଭଳି ଶିଶୁ ମାନଙ୍କୁ ଯାତାୟାତ କରି ନେଉଥିବା ଦେଖିବାକୁ ମିଳିଥିଲା। ଅଭିଭାବକ ମାନେ ବାରମ୍ବାର ଅଭିଯୋଗ କଲେ ମଧ ସ୍କୁଲ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି।

# ବିପଦରେ ମହାବିଦ୍ୟାଳୟ ମୁଖ୍ୟ ଅଟ୍ଟାଳିକା କାନ୍ଥ

## ଭୟଭୀତ ଛାତ୍ରଛାତ୍ରୀ



କେନ୍ଦ୍ରାପଡ଼ା(ଭାସ୍କରନ୍ୟୁଜ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବଦ୍ୟାଳୟର ମୁଖ୍ୟ ଅଟ୍ଟାଳିକାର କାନ୍ଥ ଭୁଷୁଡ଼ି ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଅଧକ୍ଷଙ୍କ ପ୍ରକୋଷ୍ଠ ଠାରୁ ବାମ ପଟରେ ଥିବା ସମାଜଶାସ୍ତ୍ର ବିଭାଗ ଦେଇ ଉପର ମହଲାକୁ ଯିବା ପାଇଁ ଉଦ୍ଦିଷ୍ଟ ସିଡ଼ି ପାଖ ମିନି କନଫରେନ୍ସ ହଲ ସମ୍ମୁଖ ବାରଣ୍ଡାର କାନ୍ଥ ଓ ତାଜା ସଂପୂର୍ଣ୍ଣ ଗୋଟିଏ ପାର୍ଶ୍ୱକୁ ଢଳି ରହିଛି। ଫଳରେ ଏହି ପଥ ଦେଇ ଉପରମହଲା, ପାଠାଗାର, ତଳମହଲାରେ ଥିବା ଶ୍ରେଣୀ କକ୍ଷ ଓ ବାଣିଜ୍ୟ ବିଭାଗର ବ୍ଲକକୁ ଦୈନିକ ଯାତାୟତ କରୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। କେଉଁ ମୁହୂର୍ତ୍ତରେ ଏହି କାନ୍ଥ ଓ ତାଜା ଯେ ଖସିନପଡିବ ତାହା କହିହେବ ନାହିଁ। ସଂପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ଏହି କାନ୍ଥ ଓ ତାଜା ରହିଛି। ୫୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ପୁରୁଣା କୋଠାଟିର କେତେକ ଅଂଶ ଧିରେ ଧିରେ ଦୁର୍ବଳ ହୋଇ ପଡୁଥିବା ଦେଖାଯାଇଛି। ଆବଶ୍ୟକ ରକ୍ଷଣାବେକ୍ଷଣା ଅଭାବରୁ ଏହି ପୁରୁଣା କୋଠାର ବିଭିନ୍ନ ଅଂଶ କ୍ରମେ କ୍ରମେ ନଷ୍ଟ ହେବାରେ ଲାଗିଛି। ୭ହଜାର ୫ଶହରୁ ଅଧିକ ଛାତ୍ରଛାତ୍ରୀ ପାଠପଢୁଥିବା ରାଜ୍ୟର ଏହି ସର୍ବବୃହତ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଏକବର୍ଷରୁ ଉର୍ଦ୍ଧ୍ୱ ହେବ କୌଣସି ସ୍ଥାୟୀ ଅଧକ୍ଷ ନାହାନ୍ତି। ସ୍ଥାୟୀ ଅଧକ୍ଷ ନଥିବାରୁ ଇନ୍ଦୁପୁର ବିରୂପା କଲେଜର ଅଧକ୍ଷ କାମଚଳା ଅଧକ୍ଷ ଭାବେ ଗତ ୯ମାସ ହେବ ଦାୟିତ୍ୱରେ ଅଛନ୍ତି। କିନ୍ତୁ କାମଚଳା ଅଧକ୍ଷ ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରୁନାହାନ୍ତି। ସ୍ଥାୟୀ ଅଧକ୍ଷ ରହିଲେ କଲେଜର ଉନ୍ନତି ଦ୍ରୁତ ଗତିରେ ହେବା ସମ୍ଭବ ହୋଇପାରିବ ବୋଲି ଜଣେ ଅଧାପକ କହିଛନ୍ତି। ତାଙ୍କ କହିବା ଅନୁଯାୟି ସରକାର ତୁରନ୍ତ ଅଧକ୍ଷ ପଦରେ ଜଣେ ସ୍ଥାୟୀ ପ୍ରାଧାପକଙ୍କୁ ନିଯୁକ୍ତି ଦେବା ଉଚିତ। କିନ୍ତୁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁନଥିବାରୁ ସ୍ଥାୟୀ ଅଧକ୍ଷ ନିଯୁକ୍ତି ହୋଇପାରୁ ନାହିଁ। ଫଳରେ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଅବସ୍ଥାରେ ମହାବିଦ୍ୟାଳୟ ପରିସରରେ ଚଳପ୍ରଚଳ କରୁଛନ୍ତି। ବିପଦପୂର୍ଣ୍ଣ ଅଟ୍ଟାଳିକା ଶିକ୍ଷାନୁଷ୍ଠାନ ପରିସରରେ ରହିବା ଦ୍ୱାରା ଅନେକ ସ୍ଥାନରେ କାନ୍ଥ ଭୁଷୁଡି ଛାତ୍ରଛାତ୍ରୀ ମୃତାହତ ହୋଇଛନ୍ତି। ତେଣୁ ସେଭଳି ଘଟଣା କେନ୍ଦ୍ରାପଡା ମହାବିଦ୍ୟାଳୟରେ ଘଟିବା ପୂର୍ବରୁ ଅଟ୍ଟାଳିକାର ମରାମତି କରାଯିବା ଉଚିତ ବୋଲି ଅଧାପକ ଜଣକ କହିଛନ୍ତି। ଜଣେ ଛାତ୍ରୀ କହିଛନ୍ତି ଯେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଏହି କାନ୍ଥ ଓ ତାଜା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ ପଡିଲେ କିଏ ଦାୟୀ ରହିବ ତାହା କର୍ତ୍ତୃପକ୍ଷ ଜାଣିବା ଉଚିତ। ତୁରନ୍ତ ଏହି କାନ୍ଥ ଓ ତାଜା ମରାମତି କରାଯିବାକୁ ଛାତ୍ରଛାତ୍ରୀମାନେ ଅଧକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏସମ୍ପର୍କରେ ଭାରପ୍ରାପ୍ତ ଅଧକ୍ଷ ଅଭିଜିତ ବୋଷଙ୍କୁ ପଚାରିବାରେ ସେ କୁହନ୍ତି ଯେ ୫-ଟି ଯୋଜନାରେ ଆସିଥିବା ଅନୁଦାନରେ ଖୁବଶୀଘ୍ର ଏହି କାନ୍ଥ ଓ ତାଜାର ମରାମତି କାର୍ଯ୍ୟ ହେବ।

# କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ବାଲିଚନ୍ଦ୍ରପୁର(ଭାସ୍କରନ୍ୟୁଜ): ବାଲିଚନ୍ଦ୍ରପୁର ଥାନା ଅଣକା ପଞ୍ଚାୟତ ଭୁଲୁକା ଗ୍ରାମର ବୈଜ୍ୟେଷ୍ଟ କମ୍ୟୁନିଷ୍ଟ ନେତା କ୍ଷୀରୋଦ ଚନ୍ଦ୍ର ଜେନା (୯୪)ଙ୍କର ପରଲୋକ ହୋଇଯାଇଛି। ଦୀର୍ଘଦିନ ହେବ ସେ ବାର୍ଦ୍ଧକ୍ୟ ଜନୀତ ପୀଡ଼ାରେ ପିଡ଼ିତ ଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷି, ଆଧାତ୍ମିକ ବାଦୀ ତଥା ଯୁବକ ଅବସ୍ଥାରୁ କମ୍ୟୁନିଷ୍ଟ ଦଳର ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ସେ ପଦ୍ମାଳୟା ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ଥିବା ସହିତ ସେ ଅଞ୍ଚଳର ଜଣେ ମୁରବୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଣକା ତଥା ଆଖପାଖ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କୁ ଏକ ପଟୁଆରରେ ପଞ୍ଚାୟତ ତଥା ପଦ୍ମାଳୟା ସ୍କୁଲ ପରିସରକୁ ନେଲା ପରେ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀଗଣ ତାଙ୍କର ମର ଶରୀରକୁ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ। ବଡ଼ପୁଅ କଳ୍ପତରୁ ଜେନା ମୁଖାଗ୍ନି ଦେଇଥିଲେ।

# ସୁସ୍ଥ ପଞ୍ଚାୟତ ଗଠନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ରଘୁନାଥପୁର(ଭାସ୍କରନ୍ୟୁଜ): ସୁସ୍ଥ ପଞ୍ଚାୟତ ଗଠନ ସମ୍ବନ୍ଧିୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ରଘୁନାଥପୁର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ରଘୁନାଥପୁର ଏବିଡିଓ ଜ୍ଞାନଦା ନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ମାରକ ମହାନ୍ତି, ବିପିଏମ ଲିପିକା ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଏକ ସୁସ୍ଥ ପଞ୍ଚାୟତ ଗଠନରେ ଉପସ୍ଥିତ ସଦସ୍ୟ ମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ, ପାନୀୟ, ଗର୍ଭବତୀ ମହିଳା ଓ ୫ବର୍ଷ ତଳକୁ ଶିଶୁ ମୃତୁହାର ରୋକିବା ଆଦି ସ୍ଥାନ ପାଇଥିଲା।

## ପ୍ରକୃତିର ଅପରୂପ ଶୋଭା 'କରକ' ଜଳପ୍ରପାତ





### ପର୍ଯ୍ୟଟକଙ୍କ ଜମୁଛି ଭିଡ଼

କୋକସରା, (ଭାସ୍କର ନ୍ୟୁଜ): ପ୍ରକୃତିର ଅପରୂପ ଶୋଭା ସମ୍ଭାରରେ ବିମଣ୍ଡିତ କଳାହାଣ୍ଡିର ମନଲୋଭା ଦୃଶ୍ୟରାଜି ପର୍ଯ୍ୟଟକଙ୍କ ଚିତ୍ତ ହରଣ କରିଥାଏ । ସୁଉଚ୍ଚ ପାହାଡ଼ ପର୍ବତ, ଘଞ୍ଚ ଅରଣ୍ୟ ପରିବେଷ୍ଟିତ ଏହି ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି । ବର୍ଷର ସବୁ ସମୟ, ବିଶେଷ କରି ଶୀତ ଋତୁରେ କଳାହାଣ୍ଡିର କୋଣ ଅନୁକୋଣରେ ଥିବା ପ୍ରକୃତିର ସୁନ୍ଦର ଓ ମନଲୋଭା ଛବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଆସିଛି । ତେବେ ଜିଲ୍ଲାର କୋକସରା ବ୍ଲକ ଆମପାଣିଠାରେ ଥିବା ମନଲୋଭା ପିକନିକ୍ ସ୍ଥଳ 'କରକ' ଜଳପ୍ରପାତ ପ୍ରକୃତିର ଏକ ମହତ୍ତ୍ୱପୂର୍ଣ୍ଣ ଦାନ । ଏବେ ଶୀତ ଋତୁରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏହି ସ୍ଥାନକୁ ପିକ୍‌ନିକ୍ ପାର୍ଟିର ଭିଡ଼ ଜମୁଥିବାବେଳେ ପ୍ରକୃତିର ଭରପୁର ମଜା ନେଉଛନ୍ତି ପର୍ଯ୍ୟଟକ । ଆମପାଣିଠାରୁ ପ୍ରାୟ ୩କିମି ଦୂର ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଅବସ୍ଥିତ 'କରକ' ଜଳପ୍ରପାତରୁ ବୋହି ଯାଉଥିବା ଜଳରାଶି, ଥଣ୍ଡା ପରିବେଶ ଏବଂ ସବୁଜ ବନାନୀ ଘେରା ଏହି ସ୍ଥାନ ପୁଣି ଥରେ ନୂଆବର୍ଷ ଆଗରୁ ପର୍ଯ୍ୟଟକମାନଙ୍କ ପାଇଁ ସଜେଇ ହୋଇ ରହିଛି । ସେଥିପାଇଁ ବର୍ଷର ଅନେକ ସମୟରେ ଭୋଜି କରିବା ପାଇଁ ବହୁ ଦୂରଦୂରାନ୍ତରୁ ଛୁଟି ଆସିଥାନ୍ତି ପର୍ଯ୍ୟଟକ । ଏବେ ପିକନିକ୍ ଋତୁ ଆରମ୍ଭ ହୋଇ ସାରିଛି । ଡ଼ିସେମ୍ବର ଆରମ୍ଭରୁ ଏଠାକୁ ପର୍ଯ୍ୟଟକଙ୍କ ଭିଡ଼ ଛୁଟୁଛି । ପ୍ରକୃତି ରାଣୀର କୋଳରେ କୁଳୁକୁଳୁ ଝରଣାର ନାଦ ଓ ଅପରୂପ ସୌନ୍ଦର୍ଯ୍ୟରେ ମଣ୍ଡିତ ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥିବା 'କରକ' ଜଳପ୍ରପାତ ଉପରୁ ଝରିପଡୁଥିବା ଜଳଧାର ଶୀତୁଆ 'ସକାଳ' ର ସୁନେଲି କିରଣରେ ବିଭୋର ହୋଇ ପିକନିକ୍‌ର ମଜା ଉଠାଉଛନ୍ତି ପର୍ଯ୍ୟଟକ । ଜଳପ୍ରପାତର ଚାରିଆଡକୁ ଘେରି ରହିଛି ଘଞ୍ଚ ଜଙ୍ଗଲ । ଜଙ୍ଗଲି ପକ୍ଷୀମାନଙ୍କ ମନମିତାଣିଆ ଶବ୍ଦ, ଚାରିଆଡ଼େ ବେଷ୍ଟିତ ପାହାଡ଼ର ମନୋରମା ଦୃଶ୍ୟ ସାଙ୍ଗକୁ ଦେଖିବାକୁ ମିଳେ ଅନେକ ଛୋଟ ଛୋଟ ଝରଣାରେ କୁଳୁକୁଳୁ ହୋଇ ବୋହି ଯାଉଥିବା ଜଳରାଶି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ରହିଥିବା ଏହି ସ୍ଥାନରେ ଶୀତ ଦିନେ ପିକନିକ୍ କରିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଛୁଟି ଆସନ୍ତି । ଏହା ବ୍ୟତୀତ ବର୍ଷର ପ୍ରାୟ ସମୟରେ ମଧ୍ୟ ପର୍ଯ୍ୟଟକମାନେ ଆସିଥାନ୍ତି । ହେଲେ ଏହି ସ୍ଥାନର ବିଶେଷ କିଛି ବିକାଶ ହୋଇ ନଥିବାବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ଗ୍ରାମ ପଞ୍ଚାୟତ ମନରେଗା ଯୋଜନାରୁ କିଛି ଦୂର ରାସ୍ତାରେ ମାଟି କାମ ହୋଇଛି । ପୂର୍ବ ସରକାରଙ୍କ ସମୟରେ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ମିଳିଥିବାବେଳେ ଏହାର ଉନ୍ନତି କାର୍ଯ୍ୟ ବନ ବିଭାଗ ହାତକୁ ନେଇଥିଲା । ଗୋଟିଏ ୱାଚ୍ ଟାୱାର ନିର୍ମାଣରେ ସମୀତ ହୋଇ ରହିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖି ଦୃଶିଆ ଉନ୍ନତି କାର୍ଯ୍ୟ ହୋଇ ପାରିନାହିଁ । ଯାହା ପର୍ଯ୍ୟଟଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି । ଅନ୍ୟପଟେ ଏହି ସ୍ଥାନଟି ପ୍ରଚାର ପ୍ରସାର ଅଭାବ କାରଣରୁ ଲୋକଲୋଚନକୁ ମଧ୍ୟ ଆସିପାରୁ ନାହିଁ । ରାସ୍ତା ସଂକୀର୍ଣ୍ଣ ଥିବାରୁ ଝରଣା ନିକଟକୁ ଯିବା ପାଇଁ ପ୍ରାୟ ୫ଶହ ମିଟର ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ପଡୁଛି । ତେଣୁ ରାସ୍ତା ତିଆରି କରିବା ସହ ଯାତ୍ରୀଙ୍କ ପାଇଁ ବିଶ୍ରାମ କକ୍ଷ, ପିଇବା ପାଣି, ଶୌଚାଳୟ ଆଦି ବ୍ୟବସ୍ଥା ହେଲେ ଆହୁରି ପର୍ଯ୍ୟଟକଙ୍କ ଆଗମନ ବଢ଼ିବାରେ ଲାଗିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ପିକନିକ୍ ଋତୁ ପ୍ରବେଶ କରି ସାରିଛି । ଡ଼ିସେମ୍ବର ମାସରୁ ଏଠାରେ ପିକନିକ୍ ପାର୍ଟିର ପ୍ରବଳ ସମାଗମ ମଧ୍ୟ ହେବାରେ ଲାଗିଛି । ଏଣୁ 'କରକ' ଜଳପ୍ରପାତକୁ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେଇ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଦେବା ସହ ଏହାର ଭିତ୍ତିଭୂମି ବିକାଶ ଦିଗରେ ଦୃଷ୍ଟି ଦେବାକୁ ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୋଗାଭ୍ୟାସ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟରକ୍ଷା ଯୋଗର ସମ୍ପର୍କ ଯେ ଅପରିହାର୍ଯ୍ୟ ତାହା କ୍ରମଶଃ ସବୁ ଶ୍ରେଣୀର ଲୋକମାନେ ଉପଲବ୍ଧି କରିସାରିଲେଣି । ଏମିତିରେ ତ ଯୋଗ ଅଭ୍ୟାସ ଦ୍ୱାରା ଶରୀର ଏବଂ ମନ ସୁସ୍ଥ ରହେ ବୋଲି କେଉଁ ଆବାହମାନ କାଳରୁ ମୁନି ଋଷିମାନେ କହିଆସୁଛନ୍ତି । ଏହାକୁ ଉପଲବ୍ଧି କରି ଏବଂ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଅନୁରୋଧ ରକ୍ଷା କରି କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିବ ପ୍ରକାଶଙ୍କ ନିର୍ଦ୍ଦେଶକ୍ରମେ ଏଥର ପ୍ରତି ମାସରେ ଦୁଇ ଦିନ ଯଥା ପ୍ରତି ମାସର ୧ ଏବଂ ୧୬ ତାରିଖରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, କର୍ମଚାରୀ, କଲେକ୍ଟରିଏଟ ଷ୍ଟାଫ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତଞ୍ଜଳି ଯୋଗ ସମିତିର ତତ୍ତ୍ୱାବଧାନରେ ଯୋଗ ଅଭ୍ୟାସ କରିବେ । ଏହି କ୍ରମରେ ଗତ ୧୬ ତାରିଖ ସକାଳ ୭ ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଯୋଗାଭ୍ୟାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୋଗଗୁରୁ ଅଶୋକ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଯୋଗ ଅଭ୍ୟାସ ଆରମ୍ଭ ହୋଇଥିଲା । ଏହି ଯୋଗାଅଭ୍ୟାସ ପାଇଁ ନୋଡାଲ ଅଫିସର ଭାବରେ ନିୟୋଜିତ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ନିହାରେନ୍ଦ୍ର ପଣ୍ଡା ଯୋଗାଭ୍ୟାସ ପରିଚାଳନା କରିଥିଲେ । ଡିସେମ୍ବର ମାସ ଶୀତ ସକାଳର ପ୍ରଚଣ୍ଡ ଥଣ୍ଡା ସତ୍ତ୍ୱେ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା, ବହୁ ସଦସ୍ୟ, ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଏବଂ କର୍ମଚାରୀ ଏହି ଯୋଗ ଅଭ୍ୟାସରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।



## ଦୁଇ ବାଇକ୍ ମୁହାଁମୁହିଁ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମୋଟେର ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥ ଚାହାରବାହାଲ ପଖନାଗୁଡା ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ସ୍ୱାମୀ ମୃତ ଓ ସ୍ତ୍ରୀ ଗୁରୁତର ହୋଇଥିବା ଜଣାପଡିଛି । ଗୁରୁତରକୁ ଜୁନାଗଡ଼ ଡାକ୍ତରଖାନରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ କ୍ଷତିପୂରଣ ଦାବିରେ ମୃତକଙ୍କ ଶବ ରଖି ରାସ୍ତା ଅବରୋଧ କରାଯାଇଛି । ସୂଚନା ଅନୁସାରେ ଦେଉଣ୍ଡି ରାମପଡ଼ାର ସ୍ୱାମୀ ଈଶ୍ୱରୀ ସିଂ(୫୫) ଓ ସ୍ତ୍ରୀ ସଭ୍ୟାରାଣୀ ସିଂହ କୌଣସି କାମ ନେଇ ଚାହାରବାହାଲକୁ ଯାଇଥିଲେ, ଫେରିବା ସମୟରେ ମଣ୍ଡି ନିକଟରେ ସାମ୍ନା ପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ସ୍ୱାମୀ ଈଶ୍ୱରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ସଭ୍ୟାରଣୀ ଗୁରୁତର ହେତୁ ଜୁନାଗଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଅନ୍ୟପକ୍ଷରେ ଚାରବାହାଲର ତିନିଜଣ ଯୁବକ ଦୁର୍ଘଟଣା ଘଟାଇ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକକୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବା ଜଣାଯାଇଛି ।

## ଜବାହର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ




କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଠାକୁରାଣୀ ମନ୍ଦିର ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟରେ ପହଞ୍ଚି ମଶାଲ ସ୍ଥାପନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ଓ କ୍ରୀଡ଼ା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ଏହି କ୍ରମରେ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲଙ୍କ ଦ୍ୱାରା ବିଦ୍ୟାଳୟର ନୂତନ କୋଠା ମଧ୍ୟ ଉଦ୍‌ଘାଟନ ହୋଇଥିଲା । ଖେଳ ଶିକ୍ଷକ ଅମିତ୍ ମହାନ୍ତିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉଚ୍ଚ ଡିଆଁ, ଲମ୍ବଡ଼ିଆଁ, ଦୌଡ, ସଟ୍‌ପୁଟ୍ ଥ୍ରୋ ଆଦି ଖେଳକୁଦ ପ୍ରତିଯୋଗିତା ହୋଇଥିଲା । ଶିକ୍ଷକ ହେମନ୍ତ କୁମାର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ବନିତାରାଣୀ ଦତ୍ତ, ରଶ୍ମିତା ନିଆଲ, ସୁନିଲ କୁମାର ବିଷୋୟୀ, ଦେବାଶିଷ ସାହୁ, ତୁଳସୀ ରାମ ଚାଲାନ, ଟଙ୍କ ଶବର ସମେତ ସ୍କୁଲ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ମୌଳିକ ସୁବିଧାରୁ ବଞ୍ଚିତ ବୀରସିଙ୍ଗେର ଗାଁ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): କାହିଁ କେଉଁ ଅଜା ଦାଦି କାଳରୁ ଘର ତିଆରି କରି ଗାଁ ବସାଇଥିଲେ । ଦିନ ଗଡ଼ିଗଲା । ଦେଶ ସ୍ୱାଧୀନ ହେଲା । ବଦଳିଲା ସରକାର ପରେ ସରକାର। ତୃଣମୂଳ ସ୍ତରର ବିକାଶ ପାଇଁ ହେଲା ଲକ୍ଷଲକ୍ଷ କୋଟି ଟଙ୍କାର ଯୋଜନା । କିନ୍ତୁ ଏପରି ବି ଗାଁ ଅଛି ଯେଉଁଠି ଆଜିଯାଏଁ ବାଜିନି ବିକାଶର କାଣିଚାଏ ଛିଟା । ପହଞ୍ଚିପାରିନି ବିକାଶର ଚିରୁଡ଼ାଏ ଆଲୁଅ । ଏହି ନାହିଁ ନାହିଁର ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ବୀରସିଙ୍ଗେର । ଗାଁରେ ରୁହନ୍ତି ୨୫ଗୋଟି ଗରିବ ଆଦିବାସୀ ପରିବାର । କିନ୍ତୁ ସରକାରଙ୍କ ସବୁତକ ସୁବିଧା ସୁଯୋଗରୁ ବଞ୍ଚିତ ସେମାନେ । ଝିମିରି ଜଙ୍ଗଲର ପାଦଦେଶରେ ଦୀର୍ଘ ବର୍ଷ ହେଲା ବସବାସ କରୁଥିବା ଏହି ଗ୍ରାମବାସୀଙ୍କୁ ନା ମିଳିଛି ଘର ନା ମିଳୁଛି ସେମାନଙ୍କ ହାତକୁ କାମ । ଜଙ୍ଗଲରେ ପୋଡୁଚାଷ ଓ ପନିପରିବା, ମାଣ୍ଡିଆ, ବିରି, କୋଳଥ, କାନ୍ଦୁଲ ଚାଷ କରି ସେମାନେ ପରିବାର ପ୍ରତିପୋଷଣ କରନ୍ତି । ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନା ମିଳିଛି ଜଙ୍ଗଲ ଜମି କି ଘର ଡିହର ପଟ୍ଟା । ଗାଁର ମାତ୍ର ତିନୋଟି ପରିବାର ବ୍ୟତୀତ ଆଉ କାହାରିକୁ ମିଳିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର। ଲୋକେ ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି । ବିଜୁଳି ଆଲୁଅ ବି ଗାଁ ପାଇଁ ସାତସପନ । ସନ୍ଧ୍ୟା ହେଲେ ଲାଗିରହୁଛି ଜଙ୍ଗଲୀ ହାତୀଙ୍କ ଭୟ । ଗୋଟିଏ ବୋଲି ସୋଲାର ଚାଳିତ ନଳକୂଅ କେବେ ଚାଲେ, କେବେ ଚାଲେନି । ଫଳରେ ନିକଟସ୍ଥ ଚାଷ ଜମିରେ ଏକ କୂଅ ଖୋଳି ସେମାନେ ମେଣ୍ଟାନ୍ତି ଶୋଷ । ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧାରୁ ଚିର ବଞ୍ଚିତ ସେମାନେ । ରୋଗବାଧିକି ହେଲେ ଗୁଣିଆ ଭରସା । ସେହିପରି ଚାଉଳ, ଭତ୍ତା ଆଣିବାକୁ ପଞ୍ଚାୟତକୁ ଯିବାକୁ ହେଲେ ପାଦରେ ଚାଲିଯିବାକୁ ହୁଏ ବାର କିଲୋମିଟର ଜଙ୍ଗଲୀ ରାସ୍ତା । ବୃଦ୍ଧବୃଦ୍ଧାମାନେ ପଞ୍ଚାୟତକୁ ଯିବାକୁ ଭୋଗନ୍ତି ଯମ ଯନ୍ତ୍ରଣା । ଏପରି ସମସ୍ୟା ଜର୍ଜରିତ ଗାଁ ଉପରେ କିନ୍ତୁ ଆଜିଯାଏଁ ପଡିନି ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କ ସୁନଜର । କେବଳ ଭୋଟ ବେଳେ ମନେ ପଡ଼ନ୍ତି ଗାଁ ଲୋକେ । ହାତୀଦେବୁ ଘୋଡାଦେବୁ କହି ଗାଁ ଲୋକଙ୍କ ଭୋଟ୍ ନେଇଯାଆନ୍ତି ନେତାଏ । ଶାସନ କରନ୍ତି କିନ୍ତୁ ଭୁଲିଯାଆନ୍ତି ଗାଁର କଥା, ଗାଁ ଲୋକଙ୍କ ଦୁଃଖ । ଆମ ଭୋଟ ବେକାର ଯାଉଛି ବୋଲି ଦୁଃଖ ଓ କ୍ଷୋଭର ସହ କହିଛନ୍ତି ଗାଁ ଲୋକେ । ବୀରସିଙ୍ଗେର ଗାଁ ଉପରେ କେବେ ପଡୁଛି ସରକାର ଓ ପ୍ରଶାସନ ଶୁଭଦୃଷ୍ଟି । କେବେ ଖୋଲୁଛି ସେମାନଙ୍କ ଭାଗ୍ୟ ଦେଖିବାକୁ ବାକି ରହିଲା।



## ବିଭିନ୍ନ କ୍ରୀଡ଼ାରେ ଭାଗନେଲେ ଛାତ୍ରଛାତ୍ରୀ



ଥୁଆମୂଳ ରାମପୁର,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାର ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଣପୁର ଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରୈଲୋକନାଥ ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଖେଳ ଶିକ୍ଷକ ଅହିବର ନାଏକ ସମସ୍ତ ଖେଳ ପ୍ରତିଯୋଗିତାର ଦାୟିତ୍ୱ ତୁଲାଇ ପରିଚାଳନା କରିଥିବା ବେଳେ, ବିଜ୍ଞାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ଛତ୍ରିଆ, ସହଶିକ୍ଷକ ଭଗବାନ ସାହୁ, ସହ ଶିକ୍ଷୟିତ୍ରୀ ବିଷ୍ଣୁ ମୋନା, ହେମାଙ୍ଗିନି ଖିତି, ସୁରେନ୍ଦ୍ର କୁମାର ଶବର, ସାଗର ବିଦ୍ୟା ଶ୍ରୀନିବାସ, ମହିନ୍ଦ୍ର ଶିଖା, ମେଟ୍ରୋନ ସୂର୍ଯ୍ୟ କାନ୍ତି ବାଗ ଓ ଅନ୍ୟାନ୍ୟ ସିସିଏ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ା ଉତ୍ସବର ପ୍ରଥମ ଦିବସରେ ସାଇସୁରୁଣୀ ଗ୍ରାମର ମା' ଠାକୁରାଣୀ ଗୁଡ଼ି ଠାରେ ପୂଜାର୍ଚ୍ଚନା ପୂର୍ବକ ଏକ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟକୁ ପହଞ୍ଚିଥିଲା ପରେ କ୍ରୀଡ଼ା ପତାକା ଉତ୍ତୋଳନ ପରେ ପରେ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଖେଳ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ଯାହାକି ଛାତ୍ର ଏବଂ ଛାତ୍ରୀଙ୍କ ସିନିୟର ଜୁନିୟର ଦୌଡ଼ ପ୍ରତିଯୋଗିତା, ଡିସ୍କସ, ସଟଫୁଟ, ମ୍ୟୁଜିକ ଚେୟାର, ଗଣିତ ପ୍ରତିଯୋଗିତା, ଅଖା ଦୌଡ଼, ଦୌଡ଼ି ଡ଼ିଆଁ, ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଠାରେ ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାରୀ କରି ବିଜୟ ହାସଲ କରିଛନ୍ତି । ସେମାନଙ୍କୁ ଆଗାମୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଥିଲେ ।

## ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ଚାଲିଛି ପାଠପଢ଼ା



କୋକସରା, (ଭାସ୍କର ନ୍ୟୁଜ): କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦୀର୍ଘ ବର୍ଷ ହେବ ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢ଼ାଯାଉଥିବା ବେଳେ କେବଳ ଦୁଇଟି ଶ୍ରେଣୀ ଗୃହ ଏବଂ ଗୋଟାଏ ଅଫିସ୍ କାର୍ଯ୍ୟାଳୟ ରହିଛି । ଏଠାରେ ସର୍ବମୋଟ ୧୧୭ଜଣ ଛାତ୍ରଛାତ୍ରୀ ରହିଛନ୍ତି ଏବଂ ତନ୍ମଧ୍ୟରେ ଛାତ୍ର ସଂଖ୍ୟା ୪୮ ଓ ଛାତ୍ରୀ ସଂଖ୍ୟା ୬୯ ରହିଥିବା ବେଳେ ୩ ଜଣ ଶିକ୍ଷକ ଏବଂ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି । ହେଲେ ଶ୍ରେଣୀ ଗୃହ ପାଇଁ ସ୍ଥାନୀୟ ଅଭିଭାବକ ଅଭିଭାବିକା ଏବଂ ସ୍କୁଲ କମିଟି ପକ୍ଷରୁ ପ୍ରଶାସନକୁ ଅନେକ ଥର ଆପତ୍ତି ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଅଭିଯୋଗ ହେଉଛି । ଯାହା ଫଳରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ହେଉଛି । ଅନ୍ୟପକ୍ଷେ ସ୍କୁଲ ଗୃହର ସାମ୍ନାରେ ଏକ ଭଙ୍ଗା ଦଦରା ଶ୍ରେଣୀ ଗୃହଟିଏ ପଡ଼ିରହିଛି । ଯାହାକି ସ୍କୁଲ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିପଦଜନକ ସଙ୍କେତ । ଯେହେତୁ ଏହା ଦୀର୍ଘଦିନ ହେଲା ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି ଏବଂ ଯେକୌଣସି ମୁହୂର୍ତ୍ତରେ ଭୁଷୁଡି ଯାଇପାରେ । ସ୍କୁଲ ପ୍ରଶାସନ ଏଦିଗରେ ଯତ୍ନବାନ ହୋଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ରାଶିଫଳ

ବୁଧବାର, ୧୮ ଡିସେମ୍ବର ୨୦୨୪



**ମେଷ:** ଆଜି ଆପଣଙ୍କ ଦୃଢ଼ ମନୋବଳ ଯୋଗୁ ପ୍ରତ୍ୟେକଟି କ୍ଷେତ୍ରରେ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ । ବନ୍ଧୁଙ୍କ ମିଥ୍ୟାଭିଯୋଗ ପାଇଁ କ୍ରୋଧାନ୍ୱିତ ହୋଇପାରନ୍ତି ।



**ବୃଷ:** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ । ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।



**ମିଥୁନ:** ଆଜି ସ୍ଥଗିତ ରହିଯାଇଥିବା କେତେକ ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ । ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କିତ ବିବାଦର ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ।



**କର୍କଟ:** ଆଜି ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ । ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି ।



**ସିଂହ:** ଆଜି କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ । ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ।



**କନ୍ୟା:** ଆଜି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି ଦେଖା ଦେବ । ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖା ଦେଇପାରେ। ମହିଳାମାନେ ପ୍ରଶଂସନୀୟ ହେବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବେ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହୋଇ ସଫଳ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।



**ବିଛା:** ଆଜି କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ କର୍ମଚାରୀଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେବେ । ପିତା ମାତାଙ୍କ ଆଶୀର୍ବାଦ ଆପଣଙ୍କୁ ସହାୟ ହେବ ।



**ଧନୁ:** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ନରେ ମନ ଭାରାକ୍ରାନ୍ତ ରହିବ । କୋର୍ଟ କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ ।



**ମକର:** ଆଜି ଜଗିରହି ଚଳନ୍ତୁ କେହିଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ । ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ। ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ । ବିବାଦରେ ନୂଆ ମୋଡ଼ ଦେଖାଦେବ । ପୂର୍ବର ସମସ୍ୟା ସମାଧାନ ହୋଇଯିବ । ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ ।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହୋଇପାରନ୍ତି । ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ । ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।



ଜ୍ୟୋତିଷ ଚର୍ଚ୍ଚା


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯